R.N.I. REGN. No. 65000/96 POSTAL REGN. No. OR/BN-32/12-14


ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୪
ତିଥି : ଚତୁର୍ଦ୍ଦଶୀ
୧୭ ଜାନୁଆରୀ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 104
17 January 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଜଷ୍ଟିସ୍ ବର୍ମାଙ୍କ ଅଡୁଆ ବଢ଼ିଲା

# ଆବେଦନ ଖାରଜ କଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ଜଜ୍ ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ସୁପ୍ରିମକୋର୍ଟରୁ ଝଟକା ଲାଗିଛି । ଲୋକସଭା ବାଚସ୍ପତି ଜଷ୍ଟିସ ବର୍ମାଙ୍କ ବିରୋଧରେ ତଦନ୍ତ ପାଇଁ ଆସିଥିବା ପ୍ରସ୍ତାବରେ ଯେଉଁ ସଂସଦୀୟ କମିଟି ଗଠନ କରିଥିଲେ ତାହାକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି । ଏହି କମିଟିର ବୈଧତତାକୁ ନେଇ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ଜଷ୍ଟିସ ବର୍ମାଙ୍କ ଆବେଦନକୁ ଖାରଜ କରିଛନ୍ତି ।

ଜଷ୍ଟିସ ଦୀପାଙ୍କର ଦତ୍ତ ଓ ଏସସି ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାନୁଆରୀ ୮ରେ ଏହି ଆବେଦନ ଉପରେ ସେମାନଙ୍କ ରାୟକୁ ସଂରକ୍ଷିତ ରଖିଥିଲେ । ଆଜି ଏହାର ରାୟ ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଜଷ୍ଟିସ ବର୍ମାଙ୍କ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଯେଉଁ କମିଟି କରିଛନ୍ତି ତାହାକୁ ଏକତରଫା ବୋଲି ଜଷ୍ଟିସ ବର୍ମା ଦର୍ଶାଇଥିଲେ। ସୁପ୍ରିମକୋର୍ଟ ଏହାକୁ ପରୀକ୍ଷାନିରୀକ୍ଷା କରିବେ ବୋଲି କହିଥିଲେ। ଜଷ୍ଟିସ



ବର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତୋଗୀ ପକ୍ଷ ରଖି କହିଥିଲେ ଯେ, ଯେଉଁ ଭଳି ଭାବରେ ଜଷ୍ଟିସଙ୍କ ଅପସାରଣ ପାଇଁ ପ୍ରସ୍ତାବ ଆସିଲା ତାହା ଏକତରଫା ଥିଲା। ଗୋଟିଏ ଦିନରେ ଉଭୟ ଗୃହରେ ପ୍ରସ୍ତାବ ଆସିଥିଲା ତାହା ହେଲେ ବାଚସ୍ପତି ଏକତରଫା ଭାବେ କମିଟି ଗଠନ କରିଥିଲେ। ଜଷ୍ଟିସ ବର୍ମାଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ, ରାଜ୍ୟସଭ୍ୟ ଉପାଧ୍ୟକ୍ଷଙ୍କ ପ୍ରସ୍ତାବକୁ ପ୍ରତ୍ୟାକ୍ଷନ କରିବା ବିରୋଧରେ ଚ୍ୟାଲେଞ୍ଜ କରିନାହାନ୍ତି । ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଉଭୟ ପ୍ରସ୍ତାବକୁ ପାରିତ କରିନାହାନ୍ତି ତେଣୁ ମିଳିତ ଗଠନ ସମ୍ଭବ ନୁହେଁ। ସୁପ୍ରିମକୋର୍ଟରେ ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେଲା ପରେ ଏବେ ତାଙ୍କ ଅଡୁଆ ବଢ଼ିଛି। ଜଷ୍ଟିସ ବର୍ମା ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ୩ ସଦସ୍ୟ ବିଶିଷ୍ଟ କମିଟିକୁ ଚ୍ୟାଲେଞ୍ଜ କରିଥିଲେ । ଲୋକସଭା ଓ ରାଜ୍ୟସଭା ଉଭୟ ଗୃହରେ ମହାଅଭିଯୋଗ ନୋଟିସ ପ୍ରଦାନ କରାଯିବା ସତ୍ତ୍ୱେ ବାଚସ୍ପତି ରାଜ୍ୟସଭା ଅଧ୍ୟକ୍ଷଙ୍କ ସହ ପରାମର୍ଶ କମିଟି ଗଠନ କରିଥିଲେ। ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ସମୟରେ ଜଷ୍ଟିସ ବର୍ମାଙ୍କ ଘରେ ନିଆଁ ଲାଗିଥିଲା । ସେହି ଅଗ୍ନିଶମ ନିଆଁ ଲିଭାଇବା ସମୟରେ ଗୋଟିଏ ପ୍ରକଷ୍ଠରୁ ବିପୁଳ ଟଙ୍କା ମିଳିଥିଲା। ଏହାକୁ ନେଇ ତାଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ସଂସଦର ଉଭୟ ଗୃହରେ ଆଗତ ହୋଇଥିଲା ।

## ଗଞ୍ଜାମ ବାଲି ମାଫିଆଙ୍କ ଘରେ ଇଡି ଚଢ଼ାଉ

# ଜବତ ହେଲା ଆଲମିରା ଭର୍ତ୍ତି ଟଙ୍କା

ବ୍ରହ୍ମପୁର, ୧୬ ।୧ (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ ବିଭିନ୍ନ ସ୍ଥାନରେ ଶୁକ୍ରବାର ସକାଳୁ ବଡ ଧରଣର ଚଢଉ ଜାରି ରହିଛି । ଟିମ ବିଜେଡି ନେତା ଓ ବ୍ୟବସାୟୀଙ୍କ ଘରେ ଏକ କାଳୀନ ଚଢଉ ଜାରି ରଖିଛନ୍ତି । ଚଢଉ ବେଳେ ଜଣେ ବ୍ୟକ୍ତିଙ୍କ ଘରୁ ଆଲମୀରା ଭର୍ତ୍ତି ଟଙ୍କା ମିଳିଥିବା ସୂଚନା ମିଳିଛି। ଇଡିର ୫ରୁ ଅଧିକ ଦଳ ଗଞ୍ଜାମର ବ୍ରହ୍ମପୁର ସହର, କନିସି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଚଢଉ ଜାରି ରଖି କାଗଜପତ୍ର ଜବତ କରିଛି ।

ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ର ବିଜେଡି ନେତା ହୃଷୀକେଶ ପାଢୀଙ୍କ ଘରେ ଇଡି ପକ୍ଷରୁ ( ୯ ପୃଷ୍ଠାରେ)



## ପଶ୍ଚିମବଙ୍ଗରେ ନିପା ଭାଇରସ

# ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ଲାଗି ନିର୍ଦ୍ଦେଶ




### ଓଡିଶାରେ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬ ।୧ (ସବ୍ୟୁ): ପଶ୍ଚିମବଙ୍ଗରେ "ନିପା' ସଂକ୍ରମଣ, ଓଡିଶାରେ ଛନକା । "ନିପା'ଭାଇରସକୁ ନେଇ ବଡ଼ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମହାଲିଙ୍ଗ କହିଥିଲେ, ପଶ୍ଚିମବଙ୍ଗରେ ନିପା ଭାଇରସ କେସ ଚିହ୍ନଟ ହେଲା ପରେ ଓଡିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି। ବର୍ତ୍ତମାନ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ । ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି । ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତ ।

ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି । ବୈଠକରେ ରାଜ୍ୟର ବର୍ତ୍ତମାନ ସ୍ଥିତି, ସତର୍କତା ( ୯ ପୃଷ୍ଠାରେ)

# ଆଜିଠୁ ରାଜ୍ୟରୁ ଫେରିଯିବ ଶୀତ

ଭୁବନେଶ୍ୱର, ୧୬ ।୧ (ସବ୍ୟୁ): ଚଳିତ ଶୀତ ଋତୁର ଶେଷ ଦିନରେ ଜାଡ଼ରେ ଥରିଲା ଓଡ଼ିଶା । ଜି.ଉଦୟଗିରିରେ ରାତିର ପାରଦ ୨.୪ ଡିଗ୍ରୀ ରେକର୍ଡ କରାଯାଇଛି। ଏହାସହ ଟ୍ୱିନସିଟିରେ ବି ତାପମାତ୍ରା ୧୦ ଡିଗ୍ରୀକୁ ଖସି ଆସିଛି । ଏବର୍ଷ ଦୀର୍ଘ ଦୁଇମାସ ଧରି ଶୀତ ରାଜୁତି କଲା । ତେବେ ଆସନ୍ତାକାଲି(ଶନିବାର) ରାତିରୁ ତାପମାତ୍ରା ହ୍ରାସ ପାଇବ । ସାରା ରାଜ୍ୟରୁ ଶୀତ ଫେରିଯିବ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।

ଶ୍ରୀ ଦାଶ ଏକ୍ସରେ କହିଛନ୍ତି, ୭୩ବର୍ଷର ଇତିହାସରେ ଝାରସୁଗୁଡାରେ ଚଳିତବର୍ଷ ଅନୁଭୂତ ହୋଇଛି ରେକର୍ଡ ଭଙ୍ଗା ଶୀତ । ପୂର୍ବର ସର୍ବକାଳୀନ ରେକର୍ଡ ୫.୬ ଡ଼ିଗ୍ରୀ (୭ ଜାନୁଆରୀ ୨୦୨୩)କୁ ଚଳିତ ବର୍ଷର ଶୀତ ପାଞ୍ଚ ପାଞ୍ଚ ଥର ରେକର୍ଡ ଭାଙ୍ଗିବା ସହ ସର୍ବକାଳୀନ ରେକର୍ଡର ପ୍ରଥମ ୭ଟି ସ୍ଥାନରେ କେବଳ ଷଷ୍ଠ ସ୍ଥାନକୁ ଛାଡି ଅବଶିଷ୍ଟ ସ୍ଥାନକୁଏବର୍ଷ ତାପମାତ୍ରା ଅକ୍ତିଆର କରିଛି । ଶୁକ୍ରବାର ଭୋରରୁ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା



ରାଜ୍ୟରେ ଶନିବାର ଠାରୁ ପଶ୍ଚିମାଝଡ଼ର ପ୍ରଭାବ ବଢ଼ିବ । ଉତ୍ତର-ପଶ୍ଚିମ ଦିଗରୁ ଆଉ ଥଣ୍ଡା ପବନ ପ୍ରବାହିତ ହେବ ନାହିଁ । ପଶ୍ଚିମାଝଡ଼ ଯୋଗୁ ସମୁଦ୍ର ଆଡୁ ଉପକୂଳକୁ ବାୟୁ ପ୍ରବେଶ କରିବ । ଫଳରେ ରାତିର ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇବ । ଶୀତ ଆଉ ଅନୁଭୂତ ହେବନି । ଦକ୍ଷିଣା ପବନ ପ୍ରବାହିତ ହେବ । ରାତି ସହିତ ଦିନର ପାରଦ ବି ବଢ଼ିବାର ସମ୍ଭାବନା ଅଛି ।

- ଶେଷ ଦିନରେ ଜାଡ଼ରେ ଥରିଲା ଓଡ଼ିଶା
- ଜି. ଉଦୟଗିରିରେ ରାତିର ପାରଦ ୨.୪º

୪.୬ ଡ଼ିଗ୍ରୀ ଓ ଝାରସୁଗୁଡାରେ ୫ଡ଼ିଗ୍ରୀକୁ ଖସିଛି ପାରଦ । ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ( ୯ ପୃଷ୍ଠାରେ)

## ମାଟି ଖୋଳୁଥିବା ବେଳେ ପଥର ପଡି ୨ ଶ୍ରମିକ ମୃତ

ମାଲକାନଗିରି, ୧୬ ।୧ (ସବ୍ୟୁ): ବେଆଇନ ଭାବେ ପଥର ଖାଦାନରୁ ମୋରମ ମାଟି ଖୋଳିବା ସମୟରେ ଉପରେ ଥିବା ପଥର ଅଚାନକ ଗର୍ତ୍ତ ମଧ୍ୟକୁ ଖସି ପଡିବା ଯୋଗୁଁ ୨ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା ବେଳେ ଜଣେ ଆହତ ହୋଇଥବା ଜଣା ପଡ଼ିଛି । ମାଲକାନଗିରି ସହର ମହକୁମା ସ୍ଥିତ ତାରିଣୀ ମନ୍ଦିର ନିକଟରେ ଏହି ଲୋମହର୍ଷଣକାରୀ ଘଟଣା ସକାଳ ୭ଟା ସମୟରେ ଦେଖିବାକୁ ମିଳିଛ । ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

ଘଟଣାରୁ ପ୍ରକାଶ ଯେ ସକାଳ ୭ ଘଟିକା ସମୟରେ ( ୯ ପୃଷ୍ଠାରେ)

## ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ୨୦ରେ

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ବିଜେପିର ନୂଆ ରାଷ୍ଟ୍ରୀୟ ସଭାପତି ୨୦ରେ । ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଆସନ୍ତା ୨୦ ତାରିଖରେ ଦଳକୁ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ମିଳିବ ଏଥିଲାଗି ବିଜେପି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଜେପିର ଜାତୀୟ ରିଟର୍ଣ୍ଣିଂ ଅଫିସର କେ ଲକ୍ଷ୍ମଣ ଦୁଇଦିନ ଲାଗି ଦଳର ଆଭ୍ୟନ୍ତରୀଣ କାର୍ଯ୍ୟସୂଚୀକୁ ଘୋଷଣା କରିଛନ୍ତି ।

୧୯ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇଁ ନାମାଙ୍କନ ଦାଖଲ ହେବ । ୧୯ ତାରିଖ ଅପରାହ୍ଣ ୨ଟାରୁ ୪ଟା ନାମାଙ୍କନ ଦାଖଲ ପ୍ରକ୍ରିୟା ରହିବ । ଅପରାହ୍ଣ ୪ଟାରୁ ୫ଟା ଯାଏ ଯାଞ୍ଚ ଓ ୫ରୁ ୬ ଯାଏ ନାମାଙ୍କନ ପ୍ରତ୍ୟାହାର ସମୟ ରହିବ । ୨୦ ତାରିଖରେ ( ୯ ପୃଷ୍ଠାରେ)

# ନବୀନଙ୍କୁ ଭେଟିଲେ ଅଖିଳେଶ

ଭୁବନେଶ୍ୱର,୧୬।୧(ସବ୍ୟୁ): ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଦଳର ସଭାପତି ଅଖିଳେଶ ଯାଦବ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ନବୀନ ନିବାସରେ ଏହି ସାକ୍ଷାତ ସୌଜନ୍ୟମୂଳକ ହୋଇଛି । ସାକ୍ଷାତ ସମୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡିଛି। ତେବେ ଆଲୋଚନାର ବିଷୟବସ୍ତୁକୁ ନେଇ ବିଜେଡି କିମ୍ବା ନବୀନଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ( ୯ ପୃଷ୍ଠାରେ)



## ବିହାରରୁ ବନ୍ଧୁକ ଆଣି ଭୁବନେଶ୍ୱରରେ ବିକ୍ରି

# ମାଷ୍ଟରମାଇଣ୍ଡ ଗିରଫ : ୬ ବନ୍ଧୁକ, ୬ ମାଗାଜିନ ଜବତ

ଭୁବନେଶ୍ୱର, ୧୬ ।୧ (ସବ୍ୟୁ) : ବିହାରରୁ ବନ୍ଧୁକ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ ପପୁ ଓରଫ ମନୋଜ କୁମାର ମଲ୍ଲିକକୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ୟୁନିଟ୍ ଗିରଫ କରିଛି । ତା'ନିକଟରୁ ୬ ସେମି ଅଟୋମେଟିକ୍ ପିସ୍ତଲ, ୧୦ରାଉଣ୍ଡ ଗୁଳି, ୬ ମାଗାଜିନ୍, ମୋବାଇଲ, ବାଇକ୍ ଓ ଟଙ୍କା ପ୍ରଭୃତି ଜବତ ହୋଇଛି ।

ପପୁଘର ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ହୋଇଥିବା ବେଳେ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଭୁବନେଶ୍ୱର ଓ ତା'ର ଆଖପାଖ ଅଞ୍ଚଳରେ ବିକ୍ରି କରେ । ସ୍ପେଶାଲ କ୍ରାଇମ୍ୟୁନିଟ୍‌କୁ ଏହି ସୂଚନା ମିଳିବା ପରେ ସେହି ର୍ୟାକେଟ୍‌ର ସନ୍ଧାନରେ ଥିଲେ ଏହି ସ୍ୱତନ୍ତ୍ର ଟିମ୍ । ପପୁକୁ ସ୍ପେଶାଲ କ୍ରାଇମ୍ୟୁନିଟ୍ ଟ୍ରାକିଂ କରି ଚନ୍ଦକା ଛାନା ଅନ୍ତର୍ଗତ କୁଜିମହଲ ଖେଳପଡିଆ ନିକଟରୁ ଗିରଫ କରିଥିଲା । ସେଠାରେ ସେ ବନ୍ଧୁକ ଗ୍ରାହକଙ୍କୁ ଡିଲ୍ କରିବା ପାଇଁ ଅପେକ୍ଷା କରିଥିବା ବେଳେ ଯୋଜନା ଅନୁଯାୟୀ ପୋଲିସ ସେଠାରେ ଜଗି ରହି ତାକୁ ଗିରଫ କରିବାରେ ସମର୍ଥ ହେଲା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ଗତ ପ୍ରାୟ ୧ବର୍ଷ ହେବ ସ୍ପେଶାଲ କ୍ରାଇମ୍ୟୁନିଟ୍ ବନ୍ଧୁକ ମାଫିଆଙ୍କ ସନ୍ଧାନରେ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ନେଟ୍‌ୱାର୍କ ବିଛାଇ ସ୍ପେଶାଲ କ୍ରାଇମ୍ୟୁନିଟ୍ ବନ୍ଧୁକ ବେପାରୀଙ୍କୁ ଗିରଫ କରିବାରେ ସଫଳ ହେଉଛି । ୬ମାସ ମଧ୍ୟରେ ୩୪ ବନ୍ଧୁକ ସ୍ପେଶାଲ କ୍ରାଇମ୍ୟୁନିଟ୍ ଜବତ ( ୯ ପୃଷ୍ଠାରେ)




# ବିଏମ୍‌ସିକୁ କବ୍‌ଜା କଲା ମହାଯୁତି ମେଣ୍ଟ

ନୂଆଦିଲ୍ଲୀ,୧୬।୧(ଏଜେନ୍ସି): ମହାରାଷ୍ଟ୍ରର ନଗର ନିଗମ ନିର୍ବାଚନରେ ବିଜେପି ବାଜିମାତ କରିଛି । ଠାଖରେ ପରିବାରର ଏକାଠି ସତ୍ତ୍ୱେ ବିଜେପି ଓ ଶିବସେନା ମେଣ୍ଟ ବିଏମସି ଏକତରଫା ବିଜୟ ହାସଲ କରିଛି। ୨୨୭ ଆସନରୁ ବିଜେପି ୮୮ ଓ ଶିବସେନା ୨୮ ଆସନ ପାଇଁ ଆଗୁଆ ରହିଥିବା ବେଳେ ଶିବସେନା (ୟୁବିଟି)୬୬, ଏନସିପି ୩, ଏନସିପି (ଏସପି)୧, କଂଗ୍ରେସ ୨୪, ଏମଏନଏସ ୬ ଓ ଅନ୍ୟାନ୍ୟ ୧୦ ଆସନରେ ବିଜୟୀ ହୋଇଛନ୍ତି । ସେହିଭଳି ମହାରାଷ୍ଟ୍ରର ନଗର ନିଗମ ନିର୍ବାଚନରେ ୨୮୬୯ ଆସନ ମଧ୍ୟରୁ ବିଜେପି ୧୪୨୨, ଶିବସେନା ୩୭୪, ଏସଏସ-(ୟୁବିଟି) ୧୭୬, ଏନସିପି ୧୫୫, ଏନସିପି-ଏସପି ୪୧, କଂଗ୍ରେସ ୩୩୦, ଏମଏନଏସ ୧୩, ଭିବିଏ ୪୦ ଓ ଅନ୍ୟାନ୍ୟ ୨୯୦ ଆସନରେ ବିଜୟୀ ହୋଇଛନ୍ତି ।

ମୁମ୍ବାଇ ନଗରନିର୍ବାଚନରେ ବିଜେପି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣଭିସ ସଫଳତା ହାସଲ କରିଛି। ୨୦୧୭ରେ ୮୨ ଆସନରେ ଜିତିଥିବା ବେଳେ ଏବେ ୮୮ ଆସନରେ ଜିତିବ ବୋଲି ସୂଚନା ମିଳିଛି। ବିଜେପି ଶିବସେନା ମେଣ୍ଟ ଆରମ୍ଭରେ ସଂଖ୍ୟା ଗରିଷ୍ଠତା ପାଇଁ ଥିବା ସଂଖ୍ୟା ୧୧୪ ଅତିକ୍ରମ କରିବେ ବୋଲି ସୂଚନା ମିଳିଛି। ତେବେ ଶିବସେନାର ପାରମ୍ପାରିକ ପତିଆରା ଥିବା ଆସନ ଗୁଡିକରେ ଏକନଥେ ସିନ୍ଦେଙ୍କ ଗୋଷ୍ଠୀ ଭଲ ପ୍ରଦର୍ଶନ କରିଛନ୍ତି । ବିଏମସିରେ ମହାଯୁତି ମେଣ୍ଟ ସଫଳତା ପାଇଛି। ତେବେ ବିଏମସିର ପରବର୍ତ୍ତୀ ମେୟର କିଏ ହେବ ଏନେଇ ସ୍ପଷ୍ଟ ହୋଇନାହିଁ ।

## ଗୁଡ଼ି ଉଡାଇଲେ ୫୦ ଲକ୍ଷ ଜରିମାନା

ସାଧାରଣତଃ ଏହିଦିନେ ସମସ୍ତେ ଗୁଡି ଉଡାଇ ଥାଆନ୍ତି। ଏହି ଦିନେ ବିଭିନ୍ନ ଅଞ୍ଚଳର ଆକାଶରେ ଗୁଡି ଉଡୁଥିବାର ଦେଖଇବାକୁ ମିଳିଥାଏ। ତେବେ ପାକିସ୍ତାନର ପଞ୍ଜାବରେ ଗୁଡି ଉଡାଇବାକୁ ସଙ୍ଗୀନ ଅପରାଧ ଭାବେ ଘୋଷଣା କରାଯାଇଛି । ଏଠାରେ ବର୍ତ୍ତମାନ ଗୁଡି ଉଡାଇଲେ ଖୁବ ଅଧିକମାତ୍ରାରେ ଜରିମାନା ଦେବାକୁ ହେବ । ଏହି ଜରିମାନା ୫୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ ଏହାସହ ଉକ୍ତ ବ୍ୟକ୍ତିଙ୍କୁ ଜେଲ ମଧ୍ୟ ଯିବାକୁ ପଡିପାରେ ବୋଲି ନୂଆ ନିୟମ ଲାଗୁ କରାଯାଇଛି । ଏହା ପଛରେ ମୁଖ୍ୟ କାରଣ ଗୁଡିରେ ବ୍ୟବହାର କରାଯାଉଥିବା ସୂତା । କାରଣ ବର୍ତ୍ତମାନ ଗୁଡି ସୂତାରେ କେମିକାଲ ସହିତ କାଚକୁ ବ୍ୟବହାର କରାଯାଉଛି, ଯାହା ଅନେକ ଲୋକଙ୍କର ପ୍ରାଣ ନେବାର ଘଟଣା ସାମନାକୁ ଆସୁଛି । ଗୁଡି କଟିଯିବାପରେ ଓହଳି ରହୁଥିବା ସୂତା କାରଣରୁ ପକ୍ଷୀଙ୍କ ସମେତ ମଣିଷଙ୍କ ଜୀବନ ଯାଉଛି । ତେଣୁ ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।



### ହାଃହାଃ



ସ୍ୱାମୀ-ସ୍ତ୍ରୀ ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ...
କିଛି ସମୟ ପରେ ଏକ ଟ୍ରେନ୍ ଲାଗିଲା, ଯେଉଁଥିରେ ଲେଖାଥିଲା "ବମ୍ବେ ମେଲ୍' ।
ସ୍ୱାମୀ ତରବରରେ ଟ୍ରେନ୍‌ରେ ଚଢ଼ିଯିବା ପରେ...
ତୁମେ ଥାଅ, "ବମ୍ବେ ଫିମେଲ' ଆସିବା ମାତ୍ରେ ଚଢ଼ିଯିବ ।

## ପିଜୁଳି ଖାଇବାରୁ ନୋଟିସ

ସାଧାରଣ ପିଜୁଳି ଖାଇବାକୁ ଅନେକଲୋକ ଭଲ ପାଇଥାଆନ୍ତି, ହେଲେ ନିକଟରେ ଏକ ଘଟଣା ଘଟିଛି ଯେଉଥିରେ ଜଣେ ଯବାନଙ୍କୁ ପିଜୁଳି ଖାଇବାରୁ ନୋଟିସ ମିଳିଛି । ଉତ୍ତରପ୍ରଦେଶର ରାଜଧାନୀ ଲୌକ୍ଷ୍ନ ରେ ଏସ୍ଥାରଏଫର ଜଣେ କନେଷ୍ଟବଳ ପିଜୁଳି ତୋଳି ଖାଇବାରୁ ନୋଟିସ ମିଳିଛି । ତେବେ ଏହି କାରଣରୁ ବିଭାଗ ଏହାକୁ ଅନୁଶାସନହୀନରେ ପରିଗଣିତ କରି ତାଙ୍କୁ ନୋଟିସ ଦେଇଛି । ବିନା ଅନୁମତିରେ ଉକ୍ତ କନେଷ୍ଟବଳ ଜଣଙ୍କ ବିଭାଗରେ ଥିବା ବଗିଚାରୁ ପିଜୁଳି ତୋଳି ଖାଇଥିଲେ। ଯାହା ଏକ ଅପରାଧ ତେଣୁ ତାଙ୍କ ପାଖକୁ ନୋଟିସ ଦିଆଯାଇଛି । ତେବେ ଏହା ଏକ କାରଣଦର୍ଶାଅ ନୋଟିସ ବୋଲି ଜଣା ପଡିଛି । ଏହାର ଉତ୍ତରରେ ସେ ନିଜର ଭୋକକୁ ଦାୟୀ କରିଛନ୍ତି । ଯାହାପରେ ତାଙ୍କୁ ଚେତାବନୀ ଦିଆଯାଇଛି ।



### ଇତିହାସ

୧୯୧୭ - ଦକ୍ଷିଣ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ତଥା ରାଜନେତା ଏମ୍ ଜି ରାମଚନ୍ଦ୍ରନଙ୍କ ଜନ୍ମ ।
୧୯୨୩ - ହିନ୍ଦୀ ସାହିତ୍ୟକାର ରଙ୍ଗେୟ ରାଘବଙ୍କର ଜନ୍ମ।
୧୯୪୧ - ସୁଭାଷ ଚନ୍ଦ୍ର ବୋଷ କୋଲକାତାରୁ ଜର୍ମାନୀ ପାଇଁ ବାହାରିଥିଲେ।
୧୯୪୫ - ହିନ୍ଦୀ ଫିଲ୍ମର ଗୀତିକାର ଓ ଲେଖକ ଜାବେଦ୍ ଅଖତରଙ୍କର ଜନ୍ମ ।
୧୯୪୬ - ସମ୍ମିଳିତ ରାଷ୍ଟ୍ର ସୁରକ୍ଷା ପରିଷଦର ପ୍ରଥମ ବୈଠକ।
୧୯୪୮ - ନେଦରଲାଣ୍ଡ ତଥା ଇଣ୍ଡୋନେସିଆ ସଂଘର୍ଷରେ ବିରାମ ।
୧୯୮୭ - ଟାଟା ଫୁଟବଲ ଏକାଡେମୀର ଆରମ୍ଭ ।

## ଶୀତଦିନିଆ ଘରୋଇ ଯତ୍ନ

**ଶୀତଦିନେ ଶରୀରକୁ ସୁସ୍ଥ ଏବଂ ରୋଗମୁକ୍ତ ରଖିବା ପାଇଁ ଆମ ପାଖରେ ଅନେକ ଘରୋଇ ଉପଚାର ରହିଛି । ଥଣ୍ଡା, କାଶ ଏବଂ ଜ୍ୱର ଭଳି ସାଧାରଣ ସମସ୍ୟାରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ଟିପ୍ସଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ । ଆସନ୍ତୁ ଜାଣିବା ଶୀତଦିନେ ସୁସ୍ଥ ରହିବାର ସହଜ ଘରୋଇ ଉପଚାର ।**

**ମହୁ ଏବଂ ଅଦା ରସ :** ଥଣ୍ଡା ଓ କାଶ ପାଇଁ ଏହା ଏକ ମହୌଷଧି। ଏକ ଚାମଚ ଅଦା ରସରେ ଅଳ୍ପ ମହୁ ମିଶାଇ ସେବନ କଲେ ଗଳା ଯନ୍ତ୍ରଣାରୁ ମୁକ୍ତି ମିଳେ । ଏହାକୁ କିଛି ଦିନ ବ୍ୟବଧାନରେ ପାନ କରିପାରିବେ ।

**ହଳଦୀ କ୍ଷୀର :** ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଗରମ କ୍ଷୀରରେ ଅଳ୍ପ ହଳଦୀ ମିଶାଇ ପିଅନ୍ତୁ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଭିତରୁ ଗରମ ରଖେ।

**ତୁଳସୀ ଚା' :** ପାଣିରେ ତୁଳସୀ ପତ୍ର, ଗୋଲମରିଚ ଏବଂ ଡାଲଚିନି ପକାଇ ଫୁଟାଇ ପିଅନ୍ତୁ । ଏହା ଶୀତଦିନିଆ ସଂକ୍ରମଣରୁ ରକ୍ଷା କରିଥାଏ। ସବୁଦିନ ସକାଳୁ ଏହାକୁ ପିଅନ୍ତୁ ଶରୀର ପାଇଁ ଖୁବ ଲାଭଦାୟକ । ଦୈନନ୍ଦିନର ଖୀର ଚା ପରିବର୍ତ୍ତେ ଏହାକୁ ପିଇ ପାରିବେ ।

**ଉଷୁମ ପାଣିର ବ୍ୟବହାର :** ଶୀତଦିନେ ସବୁବେଳେ ହାଲୁକା ଉଷୁମ ପାଣି ପିଇବା ଉଚିତ୍ । ଏହା ହଜମ ପ୍ରକ୍ରିୟାକୁ ଠିକ୍ ରଖିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ।

**ଗୁଡ଼ର ସେବନ :** ଚିନି ବଦଳରେ ଗୁଡ଼ ଖାଆନ୍ତୁ। ଗୁଡ଼ରେ ଆଇରନ୍ ଥାଏ ଏବଂ ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଗୁଡକୁ ବିଭିନ୍ନ ଖାଦ୍ୟରେ ବ୍ୟବହାର କରି ଖାଇପାରିବେ ।

**ଡ୍ରାଏଫ୍ରୁଟ୍ସ :** ପ୍ରତିଦିନ ସକାଳେ ଅଳ୍ପ ବାଦାମ, ଅଖରୋଟ୍ ଏବଂ କିସମିସ ଖାଆନ୍ତୁ । ଏହା ମସ୍ତିଷ୍କ ଓ ଶରୀରକୁ ଶକ୍ତି ପ୍ରଦାନ କରେ। ରକ୍ତ ହେବାରେ ସାହାଯ୍ୟ କରିବା ସହିତ ଆପଣଙ୍କ ଆକ୍ଟିଭ ରଖିବ।



**ତ୍ୱଚାର ଯତ୍ନ :** ଶୀତଦିନେ ଚର୍ମ ଶୁଷ୍କ ହୋଇଯାଏ, ତେଣୁ ଗାଧୋଇବା ପୂର୍ବରୁ ସୋରିଷ ତେଲ କିମ୍ବା ନଡ଼ିଆ ତେଲରେ ଶରୀରକୁ ମାଲିସ କରନ୍ତୁ । ଏହାଦ୍ୱାରା ତ୍ୱଚାର ଶୁଷ୍କପଣ ଦୂର ହୋଇ ଉଜ୍ଜ୍ୱଳ ହେବ।



## ସମ୍ପର୍କରେ ପଡିଲା ପୂର୍ଣ୍ଣଚ୍ଛେଦ !

ଅଭିନେତ୍ରୀ ତାରା ସୁତାରିଆ ବର୍ତ୍ତମାନ ନିଜ ପ୍ରେମ ସମ୍ପର୍କ ନୁହେଁ ବରଂ ବିଚ୍ଛେଦକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ତାଙ୍କର ଓ ବୀର ପହାଡିଆଙ୍କର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଥିବା ନେଇ ବର୍ତ୍ତମାନ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାରି ଭିତରେ ବୀରଙ୍କର ଏକ ପୋଷ୍ଟ ବର୍ତ୍ତମାନ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ସମୟ ଭଲ ହେଉ କିମ୍ବା ମନ୍ଦ ସବୁବେଳେ ବଦଳିଥାଏ ବୋଲି ବୀର ନିଜ ଇନ୍ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଯାହା ଫ୍ୟାନଙ୍କୁ ଏହି ଚର୍ଚ୍ଚାକୁ ବଢାଇବାକୁ ହିଣ୍ଟ ଯୋଗାଇଛି। ତେବେ ଏନେଇ ଉଭୟ ତାରା କି ବୀରଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। କିନ୍ତୁ ନିକଟରେ ବୀରଙ୍କୁ ସାର୍ବଜନିନ ସ୍ଥାନରେ ଏକୁଟିଆ ଦେଖିବାକୁ ମିଳୁଛି । ପୂର୍ବରୁ ଏକ କନ୍ସଟକୁ ନେଇ ମଧ୍ୟ ଏହି ଲଭ ବାର୍ଡ ବିବାଦରେ ଥିଲେ । ଉକ୍ତ କନସର୍ଟରେ ତାରା ଜଣେ ସିଙ୍ଗରଙ୍କ ସହିତ ନୃତ୍ୟ କରୁଥିଲେ ଏବଂ ତଳେ ବୀର ତାଙ୍କୁ ଦେଖୁଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ହେଲେ ପରେ ଉଭୟ ଏହାକୁ ଏଡିଟିଂର କମାଲ ବୋଲି ଫ୍ୟାନଙ୍କୁ ଜଣାଇଥିଲେ । ତେବେ ଉଭୟଙ୍କ ଫ୍ୟାନ କିନ୍ତୁ ଦ୍ୱନ୍ଦ୍ୱରେ ଅଛନ୍ତି ଉଭୟଙ୍କ ସମ୍ପର୍କକୁ ନେଇ ।

## ସୋସିଆଲ କୋଟ୍ସ




ନାଁ କୁ ନେଇ ମୋର କେବେ କିଛି ଅସୁବିଧା ହୋଇନାହିଁ । ମୁଁ ବ୍ରାହ୍ମଣ ସ୍କୁଲରେ ନିଜର ପାଠପଢା ସାରିଛି । ସେଠାରେ ରାମାୟଣ ଓ ମହାଭାରତ ପଢାଯାଇଥାଏ । ତେଣୁ ମୋତେ ଏହାର କାହାଣୀ ଭଲଭାବେ ଜଣାଅଛି ।

ଏଆର୍ ରେହମାନ, ମ୍ୟୁଜିକକମ୍ପୋଜର



ମୁଁ ସବୁବେଳେ ଖୁସି ରହିବାକୁ ପସନ୍ଦ କରିଥାଏ । ସେଥିପାଇଁ ସବୁବେଳେ ହସୁଥାଏ। ବର୍ତ୍ତମାନ ମୋ ସହିତ ପୁରା ଭାରତ ହସୁଛି ।

ବରୁଣ ଧାୱନ, ଅଭିନେତା



ବୁଥ ଖାଲି ପଡିବା ଆମ ସମସ୍ତଙ୍କ ପାଇଁ ଏକ ଲଜ୍ଜାର ବିଷୟ । ଏହାକୁ ଦେଖିବାପରେ ସମସ୍ତ ଭାରତୀୟଙ୍କୁ କଷ୍ଟ ଲାଗିବା ଦରକାର। ଯଦି ଆମେ ଆମ ଦେଶକୁ ନସମ୍ଭାଳିବା ତେବେ ଯାହା ହେଉଛି ତାହା ସେହିଭଳି ହେଉଥିବ ।

ବିଶାଲ ଡଡଲାନି, ସିଙ୍ଗର

## ମେଥି ଶାଗ ବ୍ରୋକଲି ତରକାରୀ

**ସାମଗ୍ରୀ-** ମେଥୀ ଶାଗ, ବ୍ରୋକଲି, ଆଳୁ, ପିଆଜ କଟା, ଟମାଟୋ କଟା, ଅଦା, ରସୁଣ, ଗୋଟା ଜିରା, ଧନିଆ, ଶୁଖିଲା ଲଙ୍କା, ଧନିଆ ପତ୍ର, ସମସ୍ତ ଗୁଣ୍ଡ ମସଲା ।

**ପ୍ରଣାଳୀ -** ପ୍ରଥମେ ମେଥି ଶାଗକୁ ଭଲକରି ଧୋଇ କାଟି ନିଅନ୍ତୁ । ଏହାପରେ କରେଇ ତେଲ ପକାଇ ଏଥିରେ ଗୋଟା ଜିରା ଓ ଶୁଖିଲା ଲଙ୍କା ଫୁଟାନ୍ତୁ। ଏହା ଫୁଟିବାପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଭଲକରି ଭାଜିହେବା ପରେ ଅଦା, ସୁଣ, ଗୋଟା ଜିରା, ଶୁଖିଲା ଲଙ୍କା, ଗୋଟା ଧନିଆର ବଟାକୁ ପକାଇ ଭଲକରି କଷନ୍ତୁ। କିଛି ସମୟ ପରେ ଏଥିରେ ଟମାଟୋ ଓ ସମସ୍ତ ଗୁଣ୍ଡ ମସଲା ଓ ଲୁଣ ଦେଇଦିଅନ୍ତୁ । ସମସ୍ତ ମସଲାକୁ ଭଲକରି କଷନ୍ତୁ। ମସଲା କସି ହେବା ପରେ ଏଥିରେ ବ୍ରୋକଲି ଓ ଆଳୁ କଟାକୁ ପକାଇ ଭାଜନ୍ତୁ। ଅଳ୍ପ ସମୟ ଭାଜି ହେବା ପରେ ଏଥିରେ କଟା ମେଥି ଶାଗକୁ ପକାନ୍ତୁ। ମନେ ରଖିବେ ଶାଗ ପକାଇବା ପରେ ଏହାକୁ ଘାଣ୍ଟିବେ ନାହିଁ । ସେହିଭଳି ଉପରେ ଶାଗକୁ ପକାଇ ଘୋଡାଇ ଦିଅନ୍ତୁ । କିଛି ସମୟପରେ ଏହାକୁ ଘାଣ୍ଟନ୍ତୁ । ବର୍ତ୍ତମାନ ଏଥିର ଅଳ୍ପ ପରିମାଣରେ ଚିନି ପକାଇ ନିଅନ୍ତୁ । ଶାଗରୁ ପାଣି ମରିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ। ଆଳୁ ସିଝିଯିବା ପରେ ଆଞ୍ଚ ବନ୍ଦ କରିନିଅନ୍ତୁ। ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ମେଥି ଶାଗ ବ୍ରୋକଲି ତରକାରୀ ।

ମାଘମାସ କୃଷ୍ଣପକ୍ଷ, ଚତୁର୍ଦ୍ଦଶୀ
୧୭.୧.୨୦୨୬ ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** ପରୋପକାର, ସମାଜସେବା, ଧର୍ମକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସ୍ୱଳ୍ପ ଲାଭ, ବନ୍ଧୁଦର୍ଶନ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଆର୍ଥିକ ସହାୟତା, ଦୂରଯାତ୍ରା, ସହଯୋଗ ବୃଦ୍ଧି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମାମଙ୍ଗଳା ।

**ବୃଷ-**କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ସ୍ୱଜନ ବିରୋଧ, ଆର୍ଥିକ ସମସ୍ୟା, ଶରୀର କଷ୍ଟ, ସମ୍ମାନ ହାନି, ଦାମ୍ପତ୍ୟ କଳହ, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୨, ଆରାଧନା-ଭଗବାନ ଶଙ୍କର ।

**ମିଥୁନ-** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ମନରେ ପ୍ରସନ୍ନତା, ଗୃହଶତ୍ରୁ, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

**କର୍କଟ-**ଦ୍ରବ୍ୟଲାଭ, କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାଦିଷ୍ଟ ଭୋଜନ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, ଖୁସି ରହିବେ, ତୀର୍ଥାଟନ, ଶରୀର ସୁସ୍ଥ, ଅଚାନକ କଳହ, କଚେରୀ ମାମଲାର ସମାଧାନ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା-ମା ଭଗବତୀ ।

**ସିଂହ-** ଶୁଭଖବର, ଅତିଥି ଆଗମନ, ଆର୍ଥିକ ଋଣ୍ଣି, ଶୁଭକାର୍ଯ୍ୟେ ଧନବ୍ୟୟ, ନୂଆ ଯୋଜନାରେ ଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଶତ୍ରୁତା, କାର୍ଯ୍ୟରେ ବାଧା, ସନ୍ତାନସୁଖ, ବିଦ୍ୟାରେ ସଫଳତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୋସେବା ।

**କନ୍ୟା-** ଅପମାନଯୋଗ, କାର୍ଯ୍ୟକ୍ଷେତ୍ରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ଉତ୍ତମ ସ୍ୱାସ୍ଥ୍ୟ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ମା ବଗଳାମୁଖୀ ।

**ତୁଳା-** ତୀର୍ଥାଟନ, ନୂତନ ବ୍ୟବସାୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ବହୁ କାର୍ଯ୍ୟରେ ଓ ପିଲାଙ୍କକ୍ଷେତ୍ରରେ ଖୁସି ମିଳିବ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ବିଛା-** ଶୁଭଖବର, କାର୍ଯ୍ୟ ପ୍ରତି ଅନାଗ୍ରହ, ଅର୍ଥସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ବନ୍ଧୁ ବିଦ୍ରୋହ, ସ୍ୱାସ୍ଥ୍ୟଲାଭ, ଜ୍ୟେଷ୍ଠା ନକ୍ଷତ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମହାଲକ୍ଷ୍ମୀ ।

**ଧନୁ-** ଶୁଭକାର୍ଯ୍ୟ, ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅସୁସ୍ଥତା, ନୂତନ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ରାଧାକୃଷ୍ଣ ।

**ମକର-** ବନ୍ଧୁ ସହଯୋଗ, , ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର,, ଭାତୃପ୍ରୀତି, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ମାଦକ୍ଷିଣକାଳୀ ।

**କୁମ୍ଭ-** ପଦୋନ୍ନତି, କାର୍ଯ୍ୟକ୍ଷେତ୍ରେ ଖୁସି, ଆଶା ସଫଳ, ଦୂରଯାତ୍ରାରେ ଲାଭ, ବନ୍ଧୁ ସହଯୋଗ, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ଶଙ୍କର ।



**ମୀନ-** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ଉଚ୍ଚ ସମ୍ମାନ, ପରିବାରର ଅସହଯୋଗ, ଶତ୍ରୁ ଉପଦ୍ରବ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।

## ବିଜେପିରେ ମିଶିଲେ ଯାଜପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ

# ପୂର୍ବତନ ସାଂସଦ ରିତା ତରାଇଙ୍କ ସମେତ ୧୬ ବିଜେଡ଼ି ଜିଲ୍ଲାପରିଷଦ ସଦସ୍ୟ ବିଜେପିରେ

ଭୁବନେଶ୍ୱର, (ସବ୍ୟୁ) : ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏର ସରକାର ଅଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ବିଜେପି ସରକାର ୧୭ ମାସ ପୂରଣ କରିଛି। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ବିଜେପି ପୂରଣ କରିସାରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ଏବେ ବିଜେପି ମୁହାଁ ହେବାରେ ଲାଗିଛନ୍ତି। ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି କାର୍ଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନଗମନଠାରୁ ଆରମ୍ଭ କରି ରାଜ୍ୟର ସାମଗ୍ରିକ ବିକାଶ କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ।



ଆଜିର ଏହି ମିଶ୍ରଣ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଦଳର ସଂଗଠନ ଆହୁରୀ ଶକ୍ତିଶାଳୀ ହୋଇଯାଇଛି। ଲୋକମାନଙ୍କ ସମସ୍ୟାର ସମାଧାନ କରିବା ଦାୟିତ୍ୱ। ସମସ୍ତେ ଏକ ମନ,ଏକ ପ୍ରାଣ ହୋଇ ରାଜ୍ୟ ଓ ଦଳକୁ ଯଶସ୍ୱୀ କରିବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନା, ବଡ଼ଚଣା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ସାଂସଦ ଶ୍ରୀମତୀ ରିତା ତରାଇ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସମେତ ରସୁଲପୁର ବ୍ଲକ ଅଧ୍ୟକ୍ଷ ଶ୍ରୀ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ସମିତିସଭ୍ୟା ଖିରାବନ୍ଧି ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧ୍ୟମ ସଂଯୋଜିକା ଚିନ୍ମୟୀ ବେହୁରା ପ୍ରମୁଖ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଯାଜପୁର ଜିଲ୍ଲାର ୧୬ ଜଣ ଜିଲ୍ଲା ପରିଷଦ ସଦସ୍ୟ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଏହାଛଡ଼ା ଜେନପୁର ଗ୍ରାମ ପଂଚାୟତରୁ ୧୪, ଗଡ଼ମାଧପୁର ୧୮, ସମ୍ପାରୁ ୪୪, ମୂଳାପାଳରୁ ୩୦, ତରଞ୍ଜିଆ ପଂଚାୟତରୁ ୨୨ଜଣ ବିଜେପିରେ ଯୋଗଦେଇଥିଲେ। ସେହିପରି ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବହୁ ବିଜେଡ଼ି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ଅବସରରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ, ରାଜ୍ୟ ସମ୍ପାଦକସରୋଜ କୁମାର କର, ଯାଜପୁର ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବରୀ ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା, ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଭଦ୍ରକ ଜିଲ୍ଲା ଉପସଭାପତି କିଶୋର ନାୟକ, ଭଦ୍ରକ ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## କୁଖ୍ୟାତ ୭ ଟ୍ରେନ୍ ଲୁଟେରା ଗିରଫ

# ବନ୍ଧୁକ, ୫ଗୁଳି, ଭୁଜାଲି ଜବତ

ଭୁବନେଶ୍ୱର, (ସବ୍ୟୁ) : ଟ୍ରେନ୍ ଯାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ କରୁଥିବା ଗ୍ୟାଙ୍ଗ୍‌ର ୭ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ଜିଆର୍ ପୋଲିସ । ଟ୍ରେନ୍ ଲାଇନ୍ ପାଶ୍ୱର୍ ଏକ ଅନ୍ଧାରୁଆ ସ୍ଥାନରେ ବସି ଲୁଟ୍‌ପାଟ ଯୋଜନା କରୁଥିବା ବେଳେ ଖବର ପାଇ ଜିଆର୍ ପୋଲିସ ଚଢାଉ କରିଥିଲା । ଚଢାଉ ସମୟରେ ସେମାନେ ଆକ୍ରମଣ କରିଥିଲେ ମଧ୍ୟ ସେମାନଙ୍କୁ ପୋଲିସ କାବୁ କରିଥିଲେ । ତାଙ୍କ ନିକଟରୁ ବନ୍ଧୁକ, ଗୁଳି, ଖୋକା, ଭୁଜାଲି, ଛୁରି, ଲଙ୍କାଗୁଣ୍ଡ ପ୍ରଭୃତି ଜବତ କରିଛି ପୋଲିସ । ଗିରଫ ୭ ଲୁଟେରା ହେଲେ ଶିବପ୍ରସାଦ ସାହୁ (୪୦), ଏସ୍‌କେ ମାନି (୨୩), କାର୍ତ୍ତିକ ସାହୁ (୩୬), ତୋଫାନ ସେଠୀ (୨୬), ରାଜା ନାୟକ (୨୩), ବାସୁଦେବ ନାୟକ (୨୩) ଓ ରବି ଗୌଡ (୨୮) । ଏମାନଙ୍କ ନିକଟରୁ ଗୋଟିଏ ରିଭଲଭର, ୫ ଗୁଳ ସହ ଅନ୍ୟ ମାରଣାସ୍ତ୍ର ଜବତ ହୋଇଥିଲା । ଏହି ଗ୍ୟାଙ୍ଗ୍ ସଦସ୍ୟମାନେ ଟ୍ରେନ୍



ସ୍ଲୋହେବା କ୍ଷଣି ଭିତରକୁ ପଶି ବନ୍ଧୁକ ଦେଖାଇ ଲୁଟ୍‌ପାଟ କରୁଥିବା ଜିଆର୍ ପୋଲିସ ଖବର ପାଇ ଗତ କିଛିଦିନ ହେବ ଏମାନଙ୍କୁଜଗି ରହିଥିଲା । ଗତକାଲି ଏମାନେ ଲୁଟ୍‌ପାଟ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପୋଲିସ ଚଢାଉ କରି ତାଙ୍କୁ ଧରିବାରେ ସମର୍ଥ ହେଲା । ଗିରଫ ଗ୍ୟାଙ୍ଗ୍ ସଦସ୍ୟଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୫/୬ଟି ଲେଖାଏଁ ମାମଲା ପଞ୍ଜୀକୃତ ଥିବା ପୋଲିସ କହିଛି । ଗିରଫ ସମସ୍ତ ସଦସ୍ୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ରାଜାରାଣୀ ସଙ୍ଗୀତ ଉତ୍ସବ'- ୨୦୨୬ର ଉଦଘାଟନ

# ସମୃଦ୍ଧ ସଂସ୍କୃତି ଓ ଇତିହାସର ସୁନ୍ଦର ସେତୁ 'ରାଜାରାଣୀ ସଙ୍ଗୀତ ଉତ୍ସବ' : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ରାଜାରାଣୀ ସଙ୍ଗୀତ ମହୋତ୍ସବ କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ସମୃଦ୍ଧ ସଂସ୍କୃତି, କଳା ଏବଂ ଇତିହାସ ମଧ୍ୟରେ ଏକ ସୁନ୍ଦର ସେତୁ ସଦୃଶ ବୋଲି ଶୁକ୍ରବାର ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଐତିହାସିକ 'ରାଜାରାଣୀ ମନ୍ଦିର' ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ରାଜାରାଣୀ ମନ୍ଦିରର ନିର୍ମାଣଶୈଳୀକୁ ଲୋକଲୋଚନକୁ ଆଣିବା ତଥା ଏହାର ଐତିହ୍ୟକୁ ପର୍ଯ୍ୟଟକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ସଙ୍ଗୀତ ଉତ୍ସବର ଆୟୋଜନ ପ୍ରଶଂସନୀୟ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଭାରତୀୟ କଳା ଓ ଭାଷାକୁ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ର ପରିଚୟକୁ ଏହା ଆହୁରି ସମୃଦ୍ଧ କରିବ । ଓଡ଼ିଶୀ ସଙ୍ଗୀତର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ମଞ୍ଚରେ ଓଡ଼ିଶା ସମେତ ଦେଶର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ପରିବେଷଣ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ସଂକଳ୍ପକୁ ଦୃଢ଼ କରୁଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରତିଭାବାନ କଣ୍ଠଶିଳ୍ପୀ ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ । ସେ ସମସ୍ତ ପ୍ରତିଭାବାନ କଳାକାରଙ୍କୁ ସେମାନଙ୍କର ଉଚ୍ଚକୋଟୀର ପରିବେଷଣ ପାଇଁ ଶୁଭେଚ୍ଛା ଜଣାଇବା ସହ ଏଭଳି ଆୟୋଜନ ପର୍ଯ୍ୟଟକମାନଙ୍କୁ ଓଡ଼ିଶା ଭ୍ରମଣ କରିବା ପାଇଁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଛନ୍ତି ।

# ୭ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅବକାରୀ ରେଞ୍ଜ୍-୧ର ଇନ୍ସପେକଟର ବସ୍ତିରେ ଚଢାଉ କରି ଦୁଇ ମହିଳା ଗଞ୍ଜେଇ ବିକ୍ରେତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୭କେଜିରୁ ଉର୍ଦ୍ଧ୍ୱର୍ ଗଞ୍ଜେଇ ଜବତ କରିଛନ୍ତି । ଗିରଫ ହୋଇଥିବା ଜଣେ ମହିଳାଙ୍କ ନିକଟରୁ ୪.୨୦୦କେଜି ଗଞ୍ଜେଇ ଓ ଅନ୍ୟ ଜଣଙ୍କ ନିକଟରୁ ୩.୧୧୮ କିଲୋ ଗଞ୍ଜେଇ ଜବତ କରାଯାଇଛି । ୧.୮୨କେଜି ଗଞ୍ଜେଇ ସିଗାରେଟ୍ ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି । ସେମାନଙ୍କ ନିକଟରୁ ୮୩୦ଟଙ୍କା ଜବତ କରାଯାଇ ତଦନ୍ତ ଜାରି ରହିଛି । ଆଚାର୍ଯ୍ୟବିହାର ଛକରୁ ସୈନିକ ସ୍କୁଲ ଛକ ପର୍ଯ୍ୟନ୍ତ ଯିବା ବାଟରେ ବାଣୀବିହାର ପଛଗେଟ୍ ରହିଛି । ସେହିଠାରୁ ଉତ୍କଳୟୁନିଭରସିଟି ପାଚେରି କଡକୁ ଲାଗି ରହିଥିବା ବସ୍ତିରେ ଗଞ୍ଜେଇ ବହୁ ମହିଳା ବିକ୍ରି କରୁଛନ୍ତି ।ୟୁନିଭରସିଟି ପଛ ଗେଟ୍ ନିକଟରୁ ଟିଭି ସେଣ୍ଟର ଗଳି ରାସ୍ତା ପର୍ଯ୍ୟନ୍ତ ଥିବା ବସ୍ତିର ଦୋକାନମାନଙ୍କରେ ଗଞ୍ଜେଇ ପୁଡିଆ ବିକ୍ରି କରାଯିବା ସହ ୫୦୦ଗ୍ରାମ୍ ଓ କେଜିଏ ପର୍ଯ୍ୟନ୍ତ ଗଞ୍ଜେଇ ମଧ୍ୟ ହୋଲ୍‌ସେଲିଂ କରାଯାଉଛି । ବୌଦ୍ଧ, କନ୍ଧମାଳ ଓ ସେହିସବୁ ଅଞ୍ଚଳରେ ଚାଷ ହେଉଥିବା ଗଞ୍ଜେଇ ଏମାନେ କମ୍ ମୂଲ୍ୟରେ ଆଣି ଏଠାରେ ବିକ୍ରି କରୁଛନ୍ତି । ଖୁଲମଖୁଲା ରାତି ୧୨ଟା ପର୍ଯ୍ୟନ୍ତ ବିକ୍ରି କରାଯାଉଥିଲେ ମଧ୍ୟ ପୋଲିସ ପାଟ୍ରୋଲିଂ ଗାଡି ସେମାନଙ୍କ ଉପରେ ଦୃଷ୍ଟି ଦେଇନାହିଁ । ଅବକାରୀ ଇନ୍ସପେକଟର ଏ ସମ୍ପର୍କରେ ସୂଚନା ପାଇ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ କରିବାରେ ସମର୍ଥ ହୋଇଥିବା ବେଳେ ଅନ୍ୟମାନେ ସତର୍କ ହୋଇଯାଇଥିଲେ । ଚଢାଉ ପରେ ମଧ୍ୟ କେତେକ ମହିଳା ଗଞ୍ଜେଇ ବିକୁଥିବା ସ୍ପଷ୍ଟ ଦେଖିବାକୁ ମିଳିଥିଲା । ତାଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଅବକାରୀ ଏବେ ଚଢାଉ କରି ଯାଇଛି ମାନେ କିଛିଦିନ ଆମେ ବିକ୍ରି କରିବା ସୁଯୋଗ ପାଇବୁ । କାରଣ ପୋଲିସ ଆମଠାରୁ ବଟି ନେଉଛି, ଧରିବାର ପ୍ରଶ୍ନ ଉଠୁନାହିଁ । କେବଳ ଏହି ବସ୍ତି ନୁହେଁ, ସାଲିଆ ସାହି ଠାରୁ ଆରମ୍ଭ କରି ସହରର ବହୁ ବସ୍ତିରେ ଗଞ୍ଜେଇ ବିକ୍ରିକୁ ରହୁଥିବା ଲୋକମାନେ ଜୀବିକା କରିଛନ୍ତି । ମୁଖ୍ୟତଃ ମହିଳା ଓ ଯୁବତୀମାନେ ଏହି କାରବାରରେ ସାମିଲ ରହୁଛନ୍ତି । ବାରମ୍ବାର ବିଭିନ୍ନ ବସ୍ତିରେ ଚଢାଉ କରାଗଲେ ହୁଏତ ଏହି ନିଷିଦ୍ଧ ନିଶା କାରବାର ହ୍ରାସ ପାଇପାରେ ବୋଲି ମତପ୍ରକାଶ ପାଇଛି ।

## ଜଷ୍ଟିସ କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ



କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ଆଇନ ସେବା କମିଟିର ଅଧ୍ୟକ୍ଷ ଭାବେ ଜଷ୍ଟିସ କୃଷ୍ଣ ରାମ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଜଷ୍ଟିସ ମହାପାତ୍ର ଆଇନ ସେବା ସଂସ୍ଥାଗୁଡ଼ିକ ସମାଜର ଦଳିତ ଓ ଅବହେଳିତ ଜନସାଧାରଣ କିଭଳି ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବେ ସେଥିପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ଆସନ୍ତା ମାର୍ଚ୍ଚ ୧୪ରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାନଦୀରେ ବୁଲୁଛି କୁମ୍ଭୀର, ଦେଖିବାକୁ ଲୋକଙ୍କ ଭିଡ

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ଥାନା ଅଧୀନସ୍ଥ ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ନଦୀପଠା ବାଲିରେ ଶୁକ୍ରବାର ସକାଳୁ ଏକ କୁମ୍ଭୀର ଶୋଇଥିବା କିଛି ଲୋକ ଦେଖୁଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ କୁମ୍ଭୀର ଦେଖିବା ପାଇଁ ଲୋକମାନଙ୍କ ଭିଡ ଆରମ୍ଭ ହୋଇ ଯାଇଥିଲା। କୁମ୍ଭୀରଟିର ଲମ୍ବ ପ୍ରାୟ ୧୦ ରୁ ୧୨ ଫୁଟ ହେବ ବୋଲି ଅନୁମାନ କରାଯାଉଛି। ମହାନଦୀରେ କୁମ୍ଭୀର ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିବା ବେଳେ ଅନ୍ୟପଟେ କୁମ୍ଭୀର ଦେଖିବାକୁ ମୁଣ୍ଡଳୀ ବ୍ୟାରେଜରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲା। ପରେ ବନବିଭାଗ କର୍ମଚାରୀମାନେ ଆସି ଘଟଣାସ୍ଥଳରେ ପହଂଚିବାର କିଛି ସମୟ ପରେ କୁମ୍ଭୀରଟି ନଦୀମଧ୍ୟକୁ ପଳାଇଯାଇଥିଲା। ମହାନଦୀ ତଟବର୍ତ୍ତୀ ଗ୍ରାମଗୁଡିକ ନଦୀରେ କୁମ୍ଭୀର ଥିବା ଜଣାପଡ଼ିବା ପରେ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନବିଭାଗ କର୍ମଚାରୀମାନେ ଆସି ନଦୀକୂଳ ଗ୍ରାମବାସୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି।

# ବଗଲା ଧର୍ମଶାଳାରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ଉଦ୍‌ଘାଟିତ

ପୁରୀ (ସବ୍ୟୁ): ଶୁକ୍ରବାର ସଂଧ୍ୟାରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ବଗଲା ଧର୍ମଶାଳା ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଏକ୍ସପୋକୁ ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ, ପ୍ରୋଟୋକଲ ଏବଂ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଉଦଘାଟନ କରିଥିଲେ। ଉଦଘାଟନ ଅବସରରେ ଅତିଥିମାନେ ଏହି ବ୍ୟାପାର ମେଳାର ସଫଳତା ପାଇଁ ତାଙ୍କର ଶୁଭେଚ୍ଛା ଓ ସହଯୋଗ ଜଣାଇଥିଲେ।ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟ ସହିତ ବିଦେଶୀ ଦେଶମାନଙ୍କର ପ୍ରଦର୍ଶକମାନେ ତାଙ୍କର ବିବିଧ ଉତ୍ପାଦ ଓ ନୂତନ ଆଭିନବତା ପ୍ରଦର୍ଶନ କରୁଛନ୍ତି, ଯାହା ବ୍ୟାପାର, ସଂସ୍କୃତି ଓ ଆର୍ଥିକ ସହଯୋଗକୁ ପ୍ରୋତ୍ସାହନ ଦେଉଛି।ଏହି ଏକ୍ସପୋ ବ୍ୟବସାୟିକ ସଂଯୋଗ, ଆନ୍ତର୍ଜାତୀୟ ବ୍ୟବସାୟ ନେଟୱାର୍କିଂ, ସଂସ୍କୃତିକ ବିନିମୟ ଓ ଗ୍ରାହକ ସଂପୃକ୍ତତା ପାଇଁ ଏକ ସକ୍ରିୟ ଓ ଆକର୍ଷଣୀୟ ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟ ରଖିଛି। ଏହା ତାହାର ଆୟୋଜନ କାଳରେ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।ଏହି ଆନ୍ତର୍ଜାତୀୟ ବ୍ୟାପାର ପ୍ରଦର୍ଶନୀରେ ୮୦ଟି ସୁନିୟୋଜିତ ଷ୍ଟଲ୍ ରହିଛି, ଯେଉଁଥିରେ ଭାରତର ବିଭିନ୍ନ ରାଜ୍ୟ ସହିତ ଇରାନ ଓ ଆଫଗାନିସ୍ତାନ ଭଳି ବିଦେଶୀ ଦେଶମାନଙ୍କର ଅଗ୍ରଣୀ ପ୍ରଦର୍ଶକମାନେ ଅଂଶଗ୍ରହଣ କରୁଛନ୍ତି।


**TPNODL**
TP NORTHERN ODISHA DISTRIBUTION LIMITED

**TP Northern Odisha Distribution Limited**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) January17th, 2026**


TP Northern Odisha Distribution Limited invites tender from eligible Bidders for the following:

| SL. NO. | Tender Enquiry No. | Work Description |
|---|---|---|
| 1. | TPNODL/OT/2025-26/2500001121 | One year Rate Contract for Deployment of Manpower for Office Management Services at TPNODL |
| 2. | TPNODL/OT/2025-26/2500001117 | One year Rate Contract for Deployment of Manpower for Providing Facility Management Services at TPNODL |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website Future communication / corrigendum to tender documents, if any, shall be available on website.

Chief- Contracts & MM





FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category
NAAC 'A' 25

# ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ମୁକ୍ତ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~

*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା – ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର







### ଜେଲ ଜିନିୟସ : ଭାରତର ପ୍ରଥମ ସମ୍ପୂର୍ଣ୍ଣ ସମ୍ମିଳିତ

## ଇଲେକ୍ଟ୍ରୋ ଫୋରାସିସ୍ ଯନ୍ତ୍ରର ଉନ୍ମୋଚନ

ଭୁବନେଶ୍ୱର,(ସବ୍ୟୁ): ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ଓଡ଼ିଶାର ଜୀବ ବିଜ୍ଞାନ କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ ହୋଇଛି । ଆରଏନଏ ବାୟୋଟେ



ଲିମିଟେଡ୍ ପକ୍ଷରୁ ଜେଲଜିନିୟସ ନାମକ ଭାରତର ପ୍ରଥମ ସମ୍ପୂର୍ଣ୍ଣ ସମ୍ମିଳିତ ଏଗାରୋଜ୍ ଜେଲ୍ ଇଲେକ୍ଟ୍ରୋ ଫୋରାସିସ୍ ପ୍ରଣାଳୀର ସରକାରୀ ଉନ୍ମୋଚନ କରାଯାଇଛି । ଏହି ଉପକରଣଟି ମେକ୍ ଇନ ଇଣ୍ଡିଆ ଆତ୍ମନିର୍ଭର ଭାରତ ଅଭିଯାନକୁ ଜୀବ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଦିଗ ଦେଇଛି । ଡିବିଟି-ଆଇଏଲଏସ୍, ବିୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଦେଶର ପ୍ରମୁଖ ବୈଜ୍ଞାନିକ, ଶିକ୍ଷାବିଦ୍ ଓ ନୀତିନିର୍ଦ୍ଧାରକମାନେ ଉପସ୍ଥିତ ଥିଲେ । ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ଆଇଏଲଏସ୍) ର ନିର୍ଦ୍ଦେଶକ ଡ଼. ଦେବାଶିଷ ଦାଶ, ଡିବିଟି-ଆଇଏଲଏସ୍ ବିୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ର ସିଓଓ ଡ଼. ନିବେଦିତା ଜେନା, ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଜଗନେଶ୍ୱର ଦଣ୍ଡପାଟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷା ପ୍ରଫେସର ଲୁନା ସାମନ୍ତ, ଓଡ଼ିଶା ସରକାରର ଡିଏସଟି ଉପନିର୍ଦ୍ଦେଶକ ଡ଼. ଶଶିକାନ୍ତ ଦାଶ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭିସି ଡ଼. ଅଜୟ ନାୟକ ଓ ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରଦୀପ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ଆରଏନଏ ବାୟୋଟେକ୍ର ସ୍ଥାପକ ଏବଂ ଆଇଏଲଏସ୍ର ବୈଜ୍ଞାନିକ ଡ଼. ଅମରେଶ ପଣ୍ଡା କହିଛନ୍ତି, ମୋଲେକ୍ୟୁଲାର ବାୟୋଲୋଜି ଶିକ୍ଷା କେବଳ ସମ୍ପଦଶାଳୀ ସଂସ୍ଥାନରେ ସୀମିତ ରହିବା ଉଚିତ୍ ନୁହେଁ । ଜେଲ ଜିନିୟସ ମାଧ୍ୟମରେ ଆମେ ଦେଶର ପ୍ରତ୍ୟେକ କ୍ଲାସରୁମରେ ଉନ୍ନତ ଗବେଷଣା ସୁବିଧା ପହଞ୍ଚାଇବାକୁ ଚାହୁଁଛୁ । ଆଇଏଲଏସ୍ ନିର୍ଦ୍ଦେଶକ ଡ଼. ଦେବାଶିଷ ଦାଶ କହିଛନ୍ତି, ଏହା ଆତ୍ମନିର୍ଭର ଭାରତର ଏକ ଉଜ୍ଜ୍ୱଳ ଉଦାହରଣ । ବିଦେଶୀ ମହଙ୍ଗା ଯନ୍ତ୍ରକୁ ପ୍ରତିସ୍ଥାପିତ କରି ଦେଶୀ ପ୍ରଯୁକ୍ତି ମାଧ୍ୟମରେ ବିଜ୍ଞାନକୁ ଅଧିକ ସମାବେଶୀ କରାଯାଉଛି । ଭୁବନେଶ୍ୱର ସ୍ଥିତ ଡିବିଟି-ଆଇଏଲଏସ୍ ବିୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ରୁ କାର୍ଯ୍ୟ କରୁଥିବାଆରଏନଏ ବାୟୋଟେକ୍ ଓ ଭାରତରେ ସହଜଲଭ୍ୟ ଓ ସ୍ୱଦେଶୀ ଜୀବ ବିଜ୍ଞାନ ସମାଧାନ ବିକାଶରେ ଏକ ଅଗ୍ରଣୀ ସଂସ୍ଥା ଭାବେ ଉଭାହୋଇଛି ।

### ଓଡ଼ିଶାରେ ନୂତନ ପାଠ୍ୟପୁସ୍ତକ ଏବଂ ଶିକ୍ଷକ ପ୍ରଶିକ୍ଷଣ ଉପରେ ମାଷ୍ଟର ଟ୍ରେନରଙ୍କ ସହ ଆଲୋଚନା

## ମାତୃଭାଷା ଆଧାରିତ ଶିକ୍ଷାକୁ ସୁଦୃଢ଼ କରିବା ସହ ଶିଶୁମାନଙ୍କର ପୋଷଣକୁ ଧ୍ୟାନ ଦେବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଭୁବନେଶ୍ୱର ଠାରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଭୟ ନ୍ତ୍ରୀ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ମାଷ୍ଟର ଟ୍ରେନର ଏବଂ ଶୈକ୍ଷିକ ନେତୃବୃନ୍ଦଙ୍କ ସହ ନୂତନ ପାଠ୍ୟକ୍ରମ ଓ ଶିକ୍ଷକ ପ୍ରଶିକ୍ଷଣ ଉପରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷାବର୍ଷ ୨୦୨୬-୨୭ ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା 'ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' (ଓଏସସିଏଫ) ଉପରେ ଆଧାରିତ ହେବ । ରାଜ୍ୟର



ପ୍ରାୟ ୧.୬୭ ଲକ୍ଷ ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷ କରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ । ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶକୁ ନିରନ୍ତର ଜାରି ରଖିବାକୁ ଗୁରୁତ୍ୱ ଦିଆଯାଇଛି । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ, ଯାହାଦ୍ୱାରା ପିଲାମାନଙ୍କର ମୌଳିକ ଶିକ୍ଷା ମୂଳଦୁଆ ଶକ୍ତ ହେବ । ସେହିପରି ପ୍ରାଥମିକ ସ୍ତରରେ ପିଲାମାନଙ୍କର ପଢ଼ିବା, ଲେଖିବା ଓ ସଂଖ୍ୟା ଜ୍ଞାନର ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା ଲକ୍ଷ୍ୟ ହାସଲ ଉପରେ ଚର୍ଚ୍ଚା ହୋଇଛି । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୧୦ ଦିନିଆ ବ୍ୟାଗ୍-ମୁକ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯିବ । ଏହାଦ୍ୱାରା ସେମାନେ ବ୍ୟାବହାରିକ ଜ୍ଞାନ ଏବଂ ସମାଲୋଚନାତ୍ମକ ଚିନ୍ତାଧାରା ଶିଖିପାରିବେ । ଜନ୍ମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଶିକ୍ଷା ନୀତି ଜରିଆରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ 'ବିକଶିତ ଓଡ଼ିଶା' ଗଠନ ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏନସିଇଆରଟି, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ରାଜ୍ୟ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସଂଗଠନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିନିଧିର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଭିଯୁଜ ପକ୍ଷରୁ ଦ୍ୱିତୀୟ ଓଡ଼ିଶା ଭିନ୍ନକ୍ଷମ ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ଲିଙ୍ଗ ସମାନତା ଓ ଜଳବାୟୁ ପରିବର୍ତ୍ତନରେ ଭିନ୍ନକ୍ଷମଙ୍କ ଉପରେ ପ୍ରଭାବ ଉପରେ ସ୍ଥାନୀୟ ବୁଦ୍ଧେଶ୍ୱର ମନ୍ଦିର ଠାରେ ଭିଯୁଜ୍ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଭିଯୁଜ୍ ର ମୁକେଶ କୁମାର ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳ ଓ ସମ୍ମିଳନୀରେ ୨୫୦ରୁ ଉର୍ଦ୍ଧ ଭିନ୍ନକ୍ଷମ ମାନେ ଯୋଗଦାନ କରିଥିଲେ । ଭିଯୁଜ୍ ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ. ଭୀମାରାଓ ଭିନ୍ନକ୍ଷମ ସମ୍ମିଳନୀ ଆୟୋଜନର ମୂଳ ଉଦ୍ଦେଶ୍ୟ ଉପରେ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ କମିଶନ ସଦସ୍ୟା ବ୍ରତନୀ ହରିଚନ୍ଦନ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟ ସଭାପତି ବିକଲାଙ୍ଗ ମଞ୍ଚ ନିରଞ୍ଜନ




ବେହେରା, ବରିଷ୍ଠ ଓଏଏସ ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା, ଓପନ ଲାର୍ନିଂ ସିଷ୍ଟମର ପ୍ରତିଷ୍ଠାତା କସ୍ତୁରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦା ନ କରିଥିଲେ । ଏହି ସମ୍ମିଳନୀରେ ଭିନ୍ନକ୍ଷମ ମାନଙ୍କ ପ୍ରତି ରହିଥିବା ସାମ୍ବିଧାନିକ ଅଧିକାର , ସରକାରୀ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ବ୍ୟାପକ ଭାବେ ଆଲୋଚନା ହୋଇଥିଲା ।

## ପିଟିସିଏଲ୍ ପକ୍ଷରୁ ୧୩୨/୩୩ ପ୍ରଧାନପାଲି ଗ୍ରୀଡ ସବ୍-ଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ପ୍ରଧାନପାଲି ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବରଗଡ଼ ଜିଲ୍ଲା ଅନ୍ତର୍ଗତ ପ୍ରଧାନପାଲି, ଅମ୍ବାପାଲି, ତୋରା, ଟାଙ୍ଗେରପାଲି, ସରଧାପାଲି, ପ୍ରାଇଭେଟ୍ ବସଷ୍ଟାଣ୍ଡ ଅଞ୍ଚଳ, ବାନ୍ଧୁଟିକିରା, ବରାହଗୁଡ଼ା, ବଣ୍ଡା, ଦେବ୍ରିଗଡ, ଦେଓଗାଁ, ଗାଇସିମା, ଗୋବିନ୍ଦପୁର, ଗୋପାଳପୁର, ଗୋବିନ୍ଦପାଲି, କାମଗାଁ, କଟାପାଲି, ଲଛିଡ଼ା, ଲାଣ୍ଡିଜୁରୀ ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତା ତା. ୧୮.୦୧.୨୦୨୬ ରିଖ (ରବିବାର) ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

## ୧୧୯ ଗ୍ରାମ ବ୍ରାଉନସୁଗର ଜବତ : ୭ ନିଶା ବେପାରୀ ଗିରଫ

ପୁରୀ, (ସବ୍ୟୁ): ଜିଲ୍ଲାରେ ନିଶା କାରବାରକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଆରମ୍ଭ କରାଯାଇ ଥିବା ସ୍ୱତନ୍ତ୍ର "ଚକ୍ର" ଅଭିଯାନରେ ବ୍ରହ୍ମଗିରି ଥାନା ସ୍ଥାନୀୟ ମେଳଣ ପଡିଆ ନିକଟରେ ଚଢାଉ କରି ଏକ କାରରୁ ୧୧୯ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି । ଜବତ ହୋଇ ଥିବା ବ୍ରାଉନ ସୁଗାର ଆନୁମାନିକ ବଜାର ମୂଲ୍ୟ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ବେଆଇନ ଭାବେ ବ୍ରାଉନ ସୁଗାର ବିକ୍ରି ଓ ନିଶା କାରବାର ଅଭିଯୋଗରେ ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଥିବା ବେଳେ ଜଣେ ଘଟଣା ସ୍ଥଳରୁ ପୋଲିସକୁ ଚକମା ଦେଖାଇ ଫେରାର ହୋଇ ଯାଇଛି । ଅଭିଯୁକ୍ତ ମାନେ ହେଲେ ପୁରୀ ତାଳବଣିଆ ଥାନା ଅଧୀନ ବାଲିଘାଟ ବ୍ରାହ୍ମଣ ପୋଖରୀ ନିକଟରେ ରହୁ ଥିବା ଶକ୍ତି ଓରଫ ସୁଜିତ୍ ନାରାୟଣ ନାୟକ(୨୦), କାହ୍ନୁ ଓରଫ ନାରାୟଣ ପ୍ରଧାନ (୨୩), ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଦିପୁ ଓରଫ ଦୀପକ ପଣ୍ଡା (୨୫), ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅଧୀନ ବେଣାଗୁଞ୍ଜରି ଗ୍ରାମର ଟିପଲ୍ ଓରଫ ବିଭୂତି ଭୂଷଣ ପଟ୍ଟନାୟକ(୪୨), ବ୍ରହ୍ମଗିରି ଥାନା ଅଧିନ ଭଗବାନପୁର ଗ୍ରାମର ଶିବ ପ୍ରସାଦ ସେଠୀ (୨୪), ବ୍ରହ୍ମଗିରି ହରଚଣ୍ଡୀ ସାହିର ପପି ଓରଫ ପପୁନ ସୁନ୍ଦରା (୨୮) ଓ ବ୍ରହ୍ମଗିରି ଥାନା ଅନ୍ତର୍ଗତ ମାଝୀ ସାହିର ଲିପୁ ଓରଫ ବିଶେଶ୍ୱର ନାୟକ(୨୦) । ଅଭିଯୁକ୍ତ ଠାରୁ ପୋଲିସ କାରରୁ ଏକ ଜରି ପୁଡ଼ିଅରେ ୧୧୯ ଗ୍ରାମ ବ୍ରାଉନ ସୁଗାର, ନଗଦ ୧୨୫୦୦ ଟଙ୍କା ୧ ଗୋଟି ମାରୁତି ସ୍ୱିଫ୍ଟ କାର, ୩ ଗୋଟି ରୟାଲ ଏନଫିଲ୍ଡ ମୋଟର ସାଇକେଲ, ୧୦ ଗୋଟି ମୋବାଇଲ ଫୋନ ଜବତ କରିଛି ବୋଲି ଶୁକ୍ରବାର ଅପରାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ । ସମସ୍ତ ଅଭିଯୁକ୍ତଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ସଙ୍ଗୀନ ଅପରାଧିକ ମାମଲା ରହିଛି ବୋଲି କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସଦର ଏସଡିପିଓ ଆର.ଏନ.ଭଞ୍ଜ ଓ ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ ଉପସ୍ଥିତ ଥିଲେ।

## ସ୍ମାର୍ଟ ମିଟର ଓ ଅତିରିକ୍ତ ସୁରକ୍ଷାଜମା ଆଦାୟ ବନ୍ଦ ଦାବିରେ ବିକ୍ଷୋଭ




କଟକ, (ସବ୍ୟୁ) ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ବାରଙ୍ଗ ଶାଖା ପକ୍ଷରୁ ଆଜି ବାରଙ୍ଗ କନିଷ୍ଠ ଯନ୍ତ୍ରୀ ଟାଟା ପାୱାର କମ୍ପାନୀ ଲିମିଟେଡ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଯାଇଅଛି। ବିକ୍ଷୋଭ ସମାବେଶରେ ମାଳବିକା ସାମଲ ଙ୍କ ସଭାପତିତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି ଟାଟା କମ୍ପାନୀ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ପାଇଁ ଯେଉଁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ବନ୍ଦ କରିବା, ପ୍ରିପେଡ ମିଟର ଲଗାଇବା ବନ୍ଦ କରିବା, ଦିନର ବିଭିନ୍ନ ସମୟ ରେ ବିଭିନ୍ନ ବିଦ୍ୟୁତ ଶୁଳ୍କ ଲାଗୁ କରିବା ବନ୍ଦ କରିବା, ଘରୋଇକରଣ ବନ୍ଦ ସହିତ ବିଦ୍ୟୁତ ସେବାକୁ ସରକାରଙ୍କ ଅଧିନକୁ ଆଣିବା ଆଦି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ କନିଷ୍ଠ ଯନ୍ତ୍ରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଅଭିରାମ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା, କୁନି ଓଝା,ଶ୍ରଦ୍ଧାଞ୍ଜଳି ପାତ୍ର, ଗାନ୍ଧି ବେହେରା, ମମତା ବିଶୋଇ, ରିନା ବିଶୋଇ ଉଦ୍ବୋଧନ ଦେଇ ଥିଲେ। ସରକାର ବିହୀତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ଗଣ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ ସରକାର ଓ ବିଦ୍ୟୁତ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଥିଲା।

## କିଟ୍ରେ ନବମ ତ୍ରି ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱମୁକ୍ତି, କିଟ୍ ଓ କିସର ମିଳିତ ଅନୁକୂଲ୍ୟରେ କିଟ୍ ରେ ନବମ ତ୍ରି ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି ବିଶ୍ୱ ଶାନ୍ତି ଏବଂ ସଦଭାବନା ୨୦୨୫-୨୬: ସ୍ଥାୟୀ ସହାବସ୍ଥାନ ଏବଂ ପଥ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଷୟବସ୍ତୁ ଉପରେ କହିଲେ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହେଉଥିବା ବେଳେ ଶାନ୍ତି ଅପରିହାର୍ଯ୍ୟ ହୋଇପଡ଼ିଛି। ଶାନ୍ତି ବଜାୟ ରଖିବା ଦିଗରେ ସବୁ ନାଗରିକ ସଚେତନ ହେବା ସହ ଏ ଦିଗରେ ସମସ୍ତଙ୍କର ଯୋଗଦାନ ରହିବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନର୍ଥ ଇଷ୍ଟ ପାୱାର କର୍ପୋରେସନ୍ (ନିପକୋ)



ଅର୍ଥ ନିର୍ଦ୍ଦେଶକ ବୈଦ୍ୟନାଥ ମହାରଣା କହିଲେ, ଓଡ଼ିଶାଠାରୁ ପ୍ରିୟ ଭୂମି ଅନ୍ୟ କେଉଁଠି ନାହିଁ। ନିପକୋ ମଧ୍ୟ ହିନ୍ଦୀ ଭାଷା ପାଇଁ ଅନେକ କାମ କରୁଛି। ଶାନ୍ତି ଓ ସଦ୍‌ଭାବନା ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ। ଦୁଇ ଦୁଇଟି ବିଶ୍ୱଯୁଦ୍ଧ ହୋଇଥିଲେ ମଧ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିନାହିଁ। ଭାରତରେ ଭିନ୍ନ ଭାଷା ଓ ପରମ୍ପରା ରହିଥିଲେ ମଧ ଏଠାରେ ଏଭଳି କିଛି ଶକ୍ତି ଅଛି ଯାହା ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିଛି। ପରସ୍ପର ମଧରେ ଭରସା ଓ ବିଶ୍ୱାସ ରହିଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍ଏସ୍ଆଇଆର-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଯୋଗଦେଇ କହିଲେ, ସ୍ଥାୟୀ ବିକାଶ ଦିଗରେ କିଟ୍ ଓ କିସ୍‌ର ପ୍ରୟାସ ବେଶ ପ୍ରଶଂସନୀୟ। ଆମମାନଙ୍କ ଭାବନା ସର୍ବଦା ସକରାତ୍ମକ ହେବା ଉଚିତ। ସକରାତ୍ମକ ଭାବନା ପାଇଁ ଭାରତ ଇତିହାସ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣୀ ସ୍ୱାଗତ ଭାଷଣ ପ୍ରଦାନ କରି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ ପାଟଶାଣୀ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ ସବୁସ୍ତରରେ ହିନ୍ଦୀ ଭାଷାକୁ ଗୁରୁତ୍ୱ ଦିଆଯିବା ଉଚିତ।

### ୧୮ ତାରିଖରେ ଅନୁଷ୍ଠିତ ହେବ ୨ୟ ଜଟଣୀ ପଥ ଉତ୍ସବ

## ସ୍ୱତନ୍ତ୍ର ଭାବେ ଦେଶାତ୍ମକ କରିବାକୁ ନିଷ୍ପତ୍ତି

ଜଟଣୀ, (ସବ୍ୟୁ) : ଆଗାମୀ ଜାନୁୟାରୀ ୧୮ତାରିଖ ରବିବାର ଦିନ ଜଟଣୀର ୨ୟ ପଥ ଉତ୍ସବ ଅନୁଷ୍ଠିତ ହେବ, ଏ ନେଇ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଆୟୋଜକ ଡଃ. ରୁଷି ପଟ୍ଟନାୟକ ଓ କମିଟିର ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଞ୍ଜନ ବଡଜେନା ସୂଚନା ଦେଇଛନ୍ତି ।ଏହି ବୈଠକରେ ଶ୍ରୀ ବଡ଼ଜେନା ପ୍ରଥମ ପଥ ଉତ୍ସବର ସଫଳତା କେବଳ ସାମ୍ବାଦିକ ମାନଙ୍କ ବହୁଳ ପରିମାଣରେ ପ୍ରଚାର ପ୍ରସାର ନିମନ୍ତେ ସମ୍ଭବ ବୋଲି କହି ଅନେକ ଅନେକ ଧନ୍ୟବାଦ ଅର୍ପଣ କରିଥିଲେ। ଆଉ ଆଗମୀ ଦ୍ୱିତୀୟ ପଥ ଉତ୍ସବ କିଭଳି ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ ସେଥିପାଇଁ ଅନୁରୋଧର କରିଥଲେ ।ମୁଖ୍ୟ ଆୟୋଜକ ଡଃ ରୁଷି ପଟ୍ଟନାୟକ ସ୍ୱଗତ ଅଭିଭାଷଣ ପ୍ରଦାନ କରି କହିଥିଲେ କି ଆଗମୀ ଦ୍ୱିତୀୟ ପଥ ଉତ୍ସବ ସ୍ୱତନ୍ତ୍ର ଭାବରେ ଦେଶଙ୍ଗିକ ଭାବରେ ପାଳନ କରାଯିବ। ଯେହେତୁ ଜାନୁୟାରୀ ୨୬ପୂର୍ବାରୁ ୧୮ ତାରିଖରେ ଦ୍ୱିତୀୟ ପଥ ଉତ୍ସବ ପାଳନ କରାଯାଉଛି ତେଣୁ ଏହାକୁ ଦେଶ ପ୍ରେମରେ




ସଜେଇବା ପାଇଁ ସ୍ୱତନ୍ତ୍ର ଭାବରେ ଆୟୋଜନ କରାଯାଇଛି । ଏହି ବୈଠକରେ ବିକାଶ ପରିଷଦ ସଭାପତି ସୁଦର୍ଶନ ସୁନ୍ଦରାୟ, ମନୋଜ କୁମାର ସ୍ୱାଇଁ, ଡ଼ ଉମାକାନ୍ତ ପଟ୍ଟନାୟକ, କୈଳାସ ଚନ୍ଦ୍ର ମହାପାତ୍ର, ଲିଟୁ ରଞ୍ଜନ ରାଉତରାୟ, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା, ସବ୍ୟସାଚୀ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପଥ ଉତ୍ସବ ଖୋର୍ଦ୍ଧା ପିପିଲି ମୁଖ୍ୟ ରାସ୍ତାରେ ହରି ଭାଇନା ଛକ ଠାରୁ ମହୁଲି ଗୁଡ଼ିଆ ଛକ ମଧ୍ୟରେ ଥିବା ଦୁଇ ପାର୍ଶ୍ୱ ରାସ୍ତାରେ ଅନୁଷ୍ଠିତ ହେବ। ଗତ ଡିସେମ୍ବର ମାସରୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମାର୍ଗ ଦର୍ଶନରେ ଏହା ପ୍ରତ୍ୟକ ମାସ ତୃତୀୟ ରବିବାର ଦିନ ଅନୁଷ୍ଠିତ ହେଉଛି। ଏହି ପଥ ଉତ୍ସବରେ ଭାଗ ନେବାକୁ ଇଚ୍ଛୁକ କଳାକାର, ସାଂସ୍କୃତିକ ଅନୁଷ୍ଠାନ,ସ୍କୁଲ, କଲେଜ ତଥା ଇଚ୍ଛୁକ ବ୍ୟକ୍ତି ମାନେ ଆଗୁଆ ୯୩୩୭୦୫୨୭୦୬ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହ ଲୋପ ପାଇ ଯାଉଥିବା କଳା ସଂସ୍କୃତିକୁ ବଞ୍ଚାଇବା ପାଇଁ ଏହି ପଥ ଉତ୍ସବ ମୁଖ୍ୟ ଭୂମିକାରେ ଆୟୋଜନ କରାଯାଉଛି ବୋଲି କମିଟିର ସଦସ୍ୟ ମାନେ ମତବ୍ୟକ୍ତ କରିଥିଲେ। ଏଥର ୧୪୫ଟି କାର୍ଯ୍ୟକ୍ରମ ପଥ ଉତ୍ସବସରେ ପ୍ରଦର୍ଶନ ସହ. ସ୍ଥାନୀୟ ସ୍ୱଚ୍ଛାସେବୀ, ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। କୈଳାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଡିଏଫ୍ଏସ୍ ପଦକ୍ଷେପ ଅନ୍ତର୍ଗତ

## ବ୍ୟାଙ୍କ ଅଫ୍ ବରୋଦାର କେନ୍ଦ୍ରୀୟ କର୍ମଚାରୀ ବେତନ ଆକାଉଣ୍ଟ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବେତନ ଆକାଉଣ୍ଟ ପ୍ୟାକେଜ୍ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍)ର ପଦକ୍ଷେପ ଅନ୍ତର୍ଗତ "ବିଓବି ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ଏମ୍ପ୍ଲଇଜ୍ ସାଲାରୀ ଆକାଉଣ୍ଟ" ଆରମ୍ଭ କରିଛି। ଏହି ବେତନ ଆକାଉଣ୍ଟ ପ୍ୟାକେଜ୍‌କୁ ଡିଏଫ୍ଏସ୍ ସେକ୍ରେଟାରୀ ଏମ୍ ନାଗରାଜୁ ଉନ୍ମୋଚନ କରିଥିଲେ। ଏହା ଏକ ସିଙ୍ଗଲ ୱିଣ୍ଡୋ ବ୍ୟାଙ୍କିଂ ସମାଧାନ ଯାହା କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଉନ୍ନତ ବେତନ ଆକାଉଣ୍ଟ ସୁବିଧା, ବ୍ୟାପକ ବୀମା କଭରେଜ ଏବଂ ପ୍ରିମିୟମ୍ କାର୍ଡ ସୁବିଧା ପ୍ରଦାନ କରିଥାଏ। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ କହିଛନ୍ତି ।

### ଭୁବନେଶ୍ୱର ହେବ ଜଳାତଙ୍କ ରୋଗ ମୁକ୍ତ ସହର

## ବୁଲା କୁକୁରଙ୍କୁ ରାବିସ୍ ଟିକା ଦେବାକୁ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଜଳାତଙ୍କ ରୋଗ ମୁକ୍ତ ସହର । ସହରରେ ଥିବା ପ୍ରାୟ ୪୭ ହଜାର ବୁଲା କୁକୁରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାବିସ୍ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଯଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରିବ । ଏନେଇ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି), ମିଶନ ରାବିସ୍-ୱାର୍ଲ୍ଡ ୱାଇଡ୍ ଭେଟେନାରୀ ସର୍ଭିସ୍ ଏବଂ କଲେଜ ଅଫ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମଲ ହସବ୍ୟାଣ୍ଡ୍ରୀ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତ ସ୍ୱାକ୍ଷରିତ ହୋଇଯାଇଛି । ସହରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ବିଏମ୍ ସି ସହ ଚୁକ୍ତି ସ୍ୱାକ୍ଷରିତ କରିଥିବା ଏହି ଦୁଇଟି ସଂସ୍ଥା ରାବିସ୍ ଟିକା ଦେବା ପାଇଁ, ଯୋଜନା ପ୍ରଣୟନ, କାର୍ଯ୍ୟକାରୀ, ବୈଷୟିକ ପରାମର୍ଶ ସହାୟତା, ବୈଜ୍ଞାନିକ ସହାୟତା, ଦକ୍ଷତା ବିକାଶ ଆଦି କାର୍ଯ୍ୟ କରିବେ । ଦାୟିତ୍ୱ ସଂପନ୍ନ ଭାବେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଏବଂ ବିଜ୍ଞାନ ସମ୍ମତ ଭାବେ ବୁଲା କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକା ଦାନ, ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରିବେ ।

ଭୁବନେଶ୍ୱରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ତଥ୍ୟ ଭିତ୍ତିକ ଏବଂ ଯୋଜନାବଦ୍ଧ ଭାବେ ବୁଲା କୁକୁରଙ୍କର ଗଣ ଟିକାଦାନ ଯୋଜନା ଓ ତଦାରଖ କରାଯିବ । ତାଲିମ, ପରିଚାଳନା ମାନକ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣ ଜରିଆରେ ବିଏମ୍ ସିର ଦକ୍ଷତା ବୃଦ୍ଧି କରିବେ। ଜଳାତଙ୍କ ପ୍ରତିଷେଧକ ସଂପର୍କରେ ଶିକ୍ଷା, ଯୋଗଯୋଗ ଓ ଜନ ସଚେତନତା ସୃଷ୍ଟି କରିବେ । ତଥ୍ୟ ଭିତ୍ତିକ ଉଭୟ ପ୍ରାଣୀ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଏହି ଚୁକ୍ତିରେ କୁହାଯାଇଛି । ମିଶନ ରାବିସ୍ (ଇଣ୍ଡିଆ), ସର୍ଭେଲାନ୍ସ, ତାଲିମ, ମୋବାଇଲ୍ ଆପ୍ ଡେଭଲପମେଣ୍ଟ, ଲଜିଷ୍ଟିକ୍ ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବ । ସେହିପରି ଓୟୁଏଟି ଭେଟେନାରୀ ଛାତ୍ରଛାତ୍ରୀ ଇଣ୍ଟର୍ଣ୍ଣ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଚୁକ୍ତିନାମା କୌଣସି ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବାକୁ ନୁହେଁ କିମ୍ବା କୌଣସି ଅର୍ଥ ଦେଣନେଣ ହେବ ନାହିଁ । ଏହାର ମୂଳ ଲକ୍ଷ୍ୟ ହେଉଛି ବିଏମ୍ ସି ଅଂଚଳକୁ ଜଳାତଙ୍କ ରୋଗ ମୁକ୍ତ କରିବା ।

ବିଏମ୍‌ସି ପକ୍ଷରୁ କମିଶନର ଚଞ୍ଚଳ ରାଣା, ମିଶନ ରାବିସ୍ ପକ୍ଷରୁ ଡକ୍ଟର ମିହିର ମଜଗାଓଁକର ଏବଂ କଲେଜ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମାଲ ହଜବ୍ୟାଣ୍ଡରୀ ଓୟୁଏଟି ପକ୍ଷରୁ ଡିନ ଡକ୍ଟର ସୁଶେନ ପଣ୍ଡା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷରିତ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍ ସିର ବରିଷ୍ଠ ଅଧିକାରୀ ଓ ସଂପୃକ୍ତ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## କୁସୁମଦେବୀ ସତସଙ୍ଗ ମହିଳା ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ

# ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଲେ ସମାଜର ରୂପରେଖ ବଦଳିବ : ସୌଭିକ୍



କଟକ, (ସ୍ୱପ୍ର) : ସ୍ଥାନୀୟ ୫୩ନଂ ୱାର୍ଡ ଦରଖାପଟଣା ସ୍ଥିତ କୁସୁମଦେବୀ ସତସଙ୍ଗ ମହିଳା ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ମହିଳାଙ୍କ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ପୁଅମାନଙ୍କ ଠାରୁ ଝିଅମାନେ ବେଶ୍ ଆଗୁଆ । ସମୟ ବଦଳିଛି । ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇ ସେମାନଙ୍କୁ ଆଗକୁ ଆଣିଲେ ସମାଜର ରୂପରେଖ ବଦଳିବ । ସମ୍ମାନିତ ଅତିଥି ଭାବେ କଟକର ଉପଜିଲ୍ଲାପାଳ ମିସ୍ ମୃଣାଳି ମୋହନ୍ତି ଉପସ୍ଥିତ ରହି ଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ପ୍ରତି ଦୃଢ଼ ସଙ୍କଳ୍ପ ଓ ଆତ୍ମବିଶ୍ୱାସ ସହ ଆଗେଇ ଯିବାକୁ ପ୍ରେରିତ କରିଥିଲେ ।

ମୁଖ୍ୟବକ୍ତା ଭାବେ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ଯୋଗଦେଇ ମହିଳା ସଶକ୍ତିକରଣରେ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଉତ୍ସବରେ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଧାନ ଶିକ୍ଷୟିତ୍ରୀ ଡ଼ା. ଶାନ୍ତିଲତା ମହାପାତ୍ର ଓ ୩ ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ହୈମାବତୀ ଦେୱାଡୀ ଉପସ୍ଥିତ ରହି କଲେଜର ଶିକ୍ଷାମୂଳକ ଓ ସଂସ୍କୃତିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ସଫଳତା ହାସଲ କରିଥିବା ଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଦୁଇ ହରିଜନ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ, ୧୦ ଗିରଫ



ଭଞ୍ଜନଗର, (ସବ୍ୟୁ): ଭଂଜନଗର ଉପଖଣ୍ଡ ପୋଲିସ ଅଧିନସ୍ଥ ବେଲଗୁଣ୍ଠା ହରିଜନ ସାହି ଏବଂ ଉଦ୍ଧୁରା ହରିଜନ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ । ମକରମେଳାରେ ଉଭୟ ସାହିର କିଛି ଯୁବକଙ୍କ ମଧ୍ୟରେ ହୋଇଥିବା ବସାକୁ କେନ୍ଦ୍ରକରି, ପରବର୍ତ୍ତୀ ଦିନ ଉଗ୍ରରୂପ ନେଇଥିଲା ଗୋଷ୍ଠୀ ବିବାଦ । ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି ବେଲଗୁଣ୍ଠା ଥାନା ପୋଲିସ ।

ଭଂଜନଗର ଏସଡିପିଓ ଡଃ ଦୀପକ୍ କୁମାର ମିଶ୍ର ଦେଇଥିବା ସୂଚନା ପ୍ରକାରେ, ବେଲଗୁଣ୍ଠାରେ ହେଉଥିବା ମକରମେଳା ଦେଖିବାକୁ ନିକଟସ୍ଥ ଉଦ୍ରା ଗାଁ ହରିଜନ ସାହିର କିଛି ଯୁବକ ଆସିଥିବା ବେଳେ, ବେଲଗୁଣ୍ଠା ହରିଜନ ସାହିର କିଛି ଯୁବକ ତାଙ୍କୁ ଆକ୍ରମଣ କରିଥିଲେ । ଯାହାକୁ ନେଇ ଉଦ୍ରା ଗାଁ ହରିଜନ ସାହିର ପ୍ରାୟ ତିରିଶିରୁ ଉର୍ଦ୍ଧ୍ୱ ସାହି ବାସିନ୍ଦା ବେଲଗୁଣ୍ଠା ଥାନାକୁ ଅଭିଯୋଗ କରିବାକୁ ଗୁରୁବାର ରାତିରେ ଆସିଥିଲେ । ଏହି ସମୟରେ ବେଲଗୁଣ୍ଠା ହରିଜନ ସାହିର ପ୍ରାୟ ଚାଳିଶିରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ମଧ୍ୟ ଥାନାକୁ ଯାଇଥିଲେ । ସେଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଏକପ୍ରକାର ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଢେଲା-ପଥର ମାଡ଼ ହୋଇଥିଲା । ଫଳରେ ଉଭୟ ଗୋଷ୍ଠୀର ୪ ରୁ ଉର୍ଦ୍ଧ୍ୱ ଆହତ ହୋଇ ବେଲଗୁଣ୍ଠା ଏବଂ ଭଂଜନଗର ମେଡିକାଲରେ ଭର୍ତ୍ତି ହୋଇଥିଲେ ।

ଘଟଣା ଦିନ ରାତି ତମାମ ଚାପା ଉତ୍ତେଜନା ଲାଗିରହିଥିଲା । ଘଟଣା ସ୍ଥଳରେ ଭଂଜନଗର ଏସଡିପିଓଙ୍କ ସମେତ ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଏବଂ ଗାଙ୍ଗପୁର ଥାନା ପୋଲିସ ପହଞ୍ଚିଥିଲେ । ଏପରିକି ଶୁକ୍ରବାର ଦିନ ତମାମ ଉଭୟ ହରିଜନ ସାହି ଛକରେ ପୋଲିସ ମୁତୟନ ରହିଥିଲେ । ଘଟଣାର ତଦନ୍ତ ଜାରି ରହିବା ସହ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଥିବା ନେଇ ଭଂଜନଗର ଏସଡିପିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ବୁଦ୍ଧଖୋଲ ଉନ୍ନୟନ ସମିତି ସମୀକ୍ଷକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଐତିହାସିକ ଶୈବପୀଠ ବୁଦ୍ଧଖୋଲର ଉନ୍ନତି କଳ୍ପେ ଗଠିତ ବୁଦ୍ଧଖୋଲ ଉନ୍ନୟନ ସମିତିର ସମୀକ୍ଷକ ଗଙ୍ଗାଧର ବିଷୋୟୀଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ଗତ ମାସରେ ଏହି ଦାୟିତ୍ୱରେ ଥିବା ସୁରେଶ ଚନ୍ଦ୍ର ଦାଶଙ୍କ ଇସ୍ତଫା ପ୍ରଦାନ ହେତୁ ସେହି ପଦବୀଟି ଖାଲି ପଡିଥିଲା । ତେବେ ଆସନ୍ତା ମାସରେ ହେବାକୁ ଯାଉଥିବା ବୁଦ୍ଧଖୋଲ ମହୋତ୍ସବର ସୁପରିଚାଳନା ଓ ସଫଳତାକୁ ଦୃଷ୍ଟିରେ ରଖି ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାଧାରଣ ସମ୍ପାଦକ କାର୍ଯ୍ୟ ସମ୍ପାଦନ ପାଇଁ ଗଙ୍ଗାଧର ବିଷୋୟୀଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବା ଜଣାଯାଇଛି ।

# ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଦ



ଛତ୍ରପୁର, (ସବ୍ୟୁ): ଛତ୍ରପୁର ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଫେରାଦ ଜଣାଇଛନ୍ତି । ଛତ୍ରପୁରବାସୀଙ୍କ ବହୁଦିନର ଦାବି ଫାଲକନାମା ଏକ୍ସପ୍ରେସ ଓୟଶବନ୍ତପୁର-ହାଓଡ଼ା ଏକ୍ସପ୍ରେସର ଛତ୍ରପୁର ରେଳଷ୍ଟେସନରେ ରହଣି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହା ସହିତ ଗଞ୍ଜାମ ବ୍ଲକରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ ଦୃଢ଼ ଭାବରେ ଦାବି ଉପସ୍ଥାପନ କରାଯାଇଛି ।

ଏହି ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଓ କେନ୍ଦ୍ରୀୟ ମାନଦଣ୍ଡର ଶିକ୍ଷା ପାଇବେ, ଯାହା ଭବିଷ୍ୟତ ଗଢ଼ିବାରେ ଏକ ଦୃଢ଼ ଭିତ୍ତି ସୃଷ୍ଟି କରିବ । ଏହି ଦୁଇଟି ଦାବି ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ସାମଗ୍ରିକ ବିକାଶ, ଶିକ୍ଷା ଓ ଯାତାୟାତ ସୁବିଧାକୁ ନୂତନ ଦିଗ ଦେବ ଏବଂ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିକାଶ ହୋଇପାରିବ ବୋଲି ବିଧାୟକ ଶ୍ରୀ ନାୟକ ନିବେଦନ କରିଛନ୍ତି ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ପୋକସୋ ଜଜ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ପୋଲସରା ଅଞ୍ଚଳର ନିରଞ୍ଜନ ଶବର (୩୦) । ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଜଜ । ଏଥିସହ ୫ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡର ନିର୍ଦ୍ଦେଶ ଦେଇଥିବା ନେଇ ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜଜ । ପିଡ଼ିତା ଜଣଙ୍କ ବ୍ରହ୍ମପୁରରେ ରହି ଏକ ସ୍କୁଲରେ ପାଠ ପଢୁଥିବା ପୋଲିସ କହିଛି । ଘଟଣାରୁ ପ୍ରକାଶ ଜଣେ ପୋଲସରା ଅଞ୍ଚଳରେ ଜଣେ ନାବାଳିକା ତାଙ୍କ ବାପା ଓ ମାଙ୍କୁ ହରାଇବା ପରେ ବଡ ବାପାଙ୍କ ଘରେ ରହି ପାଠ ପଢ଼ନ୍ତି । ୨୦୨୪ ଜୁନ ୧୫ ତାରିଖରେ ଛାତ୍ରୀ ଜଣଙ୍କ ପୋଖରୀକୁ ଯାଉଥିବା ବେଳେ ତାଙ୍କୁ ଗାଁ'ର ଜଣେ ଯୁବକ ବଳାତ୍କାର କରିଥିଲେ । ଏପରିକି ଦୀର୍ଘମାସ ପର୍ଯ୍ୟନ୍ତ ଭୟଭୀତ କରି ତାଙ୍କୁ ବଳାତ୍କାର କରୁଥିଲେ । ଶେଷରେ ସେ ଏନେଇ ପୋଲସରା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ୩୦୩ /୨୫ ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରୀ ତଥା ଏସଆଇ ମିଳନ ପ୍ରଧାନ ଅଭିଯୁକ୍ତ ନିରଞ୍ଜନ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଗିରଫ ଠାରୁ ଜେଲରେ ଥିବା ନିରଞ୍ଜନଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ ଭିତ୍ତି କରି ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ୨୭ତମ ରାଜ୍ୟସ୍ତରୀୟ ଇଣ୍ଟର କଲେଜ ସାଂସ୍କୃତିକ ମହୋତ୍ସବ

# ଇଉଫରୀୟାର ରୂପରେଖକୁ ନେଇ ଚୂଡାନ୍ତ ସଭା



ବାରିପଦା, (ସବ୍ୟୁ) : ୨୭ତମ ରାଜ୍ୟସ୍ତରୀୟ ଇଣ୍ଟର କଲେଜ ସାଂସ୍କୃତିକ ମହୋସିବ ଇଉଫରୀୟାର ରୂପରେଖକୁ ନେଇ ଚୂଡ଼ାନ୍ତ ସଭା ସଭାପତି ତାପସ ପାତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ଜାନୁୟାରୀ ମାସ ୨୮ ରୁ ୩୧ ଚାରି ଦିନ ଧରି ବାରିପଦାର ସହିତ ସ୍ମୃତି ଭବନ ଠାରେ ଏହି ମୋହତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ତମାମ ବହୁ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏଠାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କର ସହମତି ପ୍ରଦାନ କରିଛନ୍ତି।

ବିଭିନ୍ନ ପର୍ଯ୍ୟାୟରେ ୨୬ଗୋଟି ପ୍ରତିଯଗିତା ହେବାର ସ୍ଥିର କରାଯାଇଅଛି। ସବୁ ବର୍ଷ ଭଳି ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କୁ ନେଇ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ହେବ, ତତ୍‌ସହିତ ଓଡ଼ିଆ ଚଳଚିତ୍ର ଜଗତର ପ୍ରଚ୍ଛଦପଟ ଗାୟିକା ସୋହିନି ମିଶ୍ରଙ୍କୁ ଏହି ମଞ୍ଚରେ ଦେଖିବା ପାଇଁ ମିଳିବ ଏବଂ ତାଙ୍କ ସହିତ ଓଲିଉଡ଼ ଚକଲେଟ ହିରୋ ସ୍ୱରାଜ ବାରିକ, ଇଣ୍ଟରର୍ନେସନାଲୟୁଟୁବର ଲବ ହାଁସଦା ମଧ୍ୟ ଉପସ୍ଥିତ ରହିବେ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ଅସିତ ଗିରି, ପଙ୍କଜ ସାହୁ, ସତ୍ୟସ୍ୱରୂପ ଦାସ, ଅଙ୍କୁର ଖୁରାନା, ସିଦ୍ଧାର୍ଥ ପଟନାୟକ, ପୁରୁଷତମ ଅଗ୍ରୱାଲ, ପିଣ୍ଟୁ ମାଇତି, ରାକେଶ ମହାନ୍ତି, ଜିତ ପଟ୍ଟନାୟକ, ଜୟଶ ପାତ୍ର, ମହେଶ ସାହୁ, ଆଭାସ ଦେ, ରାଜ ଗୁପ୍ତା, ଧନଞ୍ଜୟ ସାହୁ, ଚନ୍ଦନ ପାଣି, ସିଦ୍ଧାର୍ଥ ତ୍ରିବିଡ, ବିଶ୍ୱାସ ମହାନ୍ତି, ଦେବବ୍ରତ ଦେ, ଆୟୁଷ ପ୍ରିୟଦର୍ଶୀ ଓ ମୁକ୍ତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବୋମା ଓ ଖଣ୍ଡା ଜବତ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ପୋଲିସ ଧାନମେରା ସାହି ସ୍ଥିତ ଜଣେ ବ୍ୟକ୍ତିଙ୍କ ଘରୁ ବୋମା ଓ ଖଣ୍ଡା ଜବତ କରିଛି । ଏହି ମାମଲାରେ ସଂପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଧାନମେରା ସାହିର ଯୋଗେଶ କୁମାର ଗୌଡ ଓରଫ ମୁଣ୍ଡା(୩୭), ଜିତେଶ ଦଳବେହେରା(୨୦), ଗଣେଷ ନାୟକ(୨୧) ଓ ପାଣିଗ୍ରାହୀପେଣ୍ଠର ମୁନା ସେଠୀ(୩୧) । ଗୁରୁବାର ରାତିରେ ବଡବଜାର ଥାନାର ଏସଆଇ ସସ୍ମିତା ବେହେରା ଓ ତାଙ୍କ ଟିମ ଧାନମେରା ସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କିଛି ବ୍ୟକ୍ତି ବୋମା ଓ ମାରଣାସ୍ତ୍ର ସହ ଯୋଗେଶଙ୍କ ଘରେ ଏକତ୍ରିତ ହୋଇଥିବା ଖବର ମିଳିଥିଲା ।

ସେହିକ୍ରମରେ ପୋଲିସ ଉକ୍ତ ଘରେ ଚଢଉ କରି ୪ ଜଣଙ୍କୁ ଗିରଫ କରିଥିଲା । ପୋଲିସ ସେମାନଙ୍କ ନିକଟରୁ ୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିଥିଲା । ତେବେ ଏହି ସମୟରେ ଉକ୍ତ ଘରେ ଥିବା କିଛି ମହିଳା ପୋଲିସକୁ ବିରୋଧ କରିଥିଲେ । ଏନେଇ ଏକ ମାମଲା



ରୁଜୁ ହୋଇଥିବା ଜଣାପଡିଛି । ତେବେ ପଚରାଉଚରା ବେଳେ ଅଭିଯୁକ୍ତମାନେ ସଫେଇ ସୁପରଭାଇଜର ଅମିତ ମୁଖୀଙ୍କୁ ଯେଉଁମାନେ ଆକ୍ରମଣର କରିଛନ୍ତି ତାଙ୍କୁ ଆକ୍ରମଣ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ।

# ବାଲ୍ୟ ବିବାହ ଭାରତ ମୁକ୍ତ ଯୋଜନା : ୧୦୦ ଦିନ ଧରି ଦେଶରେ ଚାଲିବ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସିଡ଼ିପିଓ କାର୍ଯ୍ୟାଳୟ ଏବଂ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଓ ୨ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ବାଲ୍ୟ ବିବାହ ଏବଂ ମହିଳା ଓ ଶିଶୁ ନିର୍ଯାତନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଭଞ୍ଜନଗର ସିଡିପିଓ ମିଲୀମା କୁମାରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ଭାରତ ମୁକ୍ତ ସଚେତନ କାର୍ଯ୍ୟକ୍ରମ ଉପରେ କହିଥିଲେ । ଗତ ନଭେମ୍ବର ମାସ ୨୭ ତାରିଖରୁ ଏହି ସଚେତନତା କାର୍ଯ୍ୟକ୍ରମ ସମଗ୍ର ଦେଶରେ ଚାଲିଛି । ଏହା ଆସନ୍ତା ମାର୍ଚ୍ଚ ମାସ ୮ ତାରିଖ ବିଶ୍ୱ ମହିଳା ଦିବସ ପର୍ଯ୍ୟନ୍ତ ୧୦୦ ଦିନ ଧରି ଚାଲିବ ।

ବାଲ୍ୟ ବିବାହ ରୋକିବା ଲକ୍ଷ୍ୟ ନେଇ ସମସ୍ତ କିଶୋର କିଶୋରୀ ମାନଙ୍କୁ ଏନେଇ ସଚେତନତା କରାଯାଉଛି । ମାର୍ଚ୍ଚ ୮ ତାରିଖ ସୁଧା ଦେଶରୁ ବାଲ୍ୟ ବିବାହ ମୁକ୍ତ କରିବା ଯୋଜନା ଲକ୍ଷ୍ୟ ରଖାଯାଇଛି । ଏହାକୁ ଆଖି ଆଗରେ ରଖି ଯୋଜନା ହାତକୁ ନିଆଯାଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ସଚେତନତା କାର୍ଯ୍ୟକ୍ରମ ଚାଲିଛି ବୋଲି ସିଡିପିଓ ପଣ୍ଡା କହିଥିଲେ । ଏହି ଅବସରରେ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ନିକଟରେ ଖୋଲିଥିବା ସକ୍ଷୀ କେନ୍ଦ୍ରର ପରାମର୍ଶଦାତା ପ୍ରତିଭା ରାଣୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସକ୍ଷୀ କେନ୍ଦ୍ର ମହିଳା ମାନଙ୍କ ପାଇଁ କିଭଳି କାମରେ ଆସୁଛି ସେନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ । ଅନେକ ମହିଳା ଓ ଶିଶୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଛନ୍ତି । କିନ୍ତୁ ବେଳେ ବେଳେ ସେମାନଙ୍କୁ ଆଇନର ସହାୟତା ପାଇଁ ଉପଯୁକ୍ତ ପରାମର୍ଶ ଓ ଥଇଥାନ ସୁବିଧା ମିଳିନଥାଏ । ଫଳରେ ସେମାନେ ଉକ୍ତ ସମୟରେ ମାନସିକ ଅସ୍ଥିରତା ମଧ୍ୟରେ ଥାଆନ୍ତି । ସମସ୍ତ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଉକ୍ତ କେନ୍ଦ୍ର ଖୋଲିଛି । ଉକ୍ତ କେନ୍ଦ୍ର ୨୪ ଘଣ୍ଟିଆ ଖୋଲା ରହୁଛି ।

ଯେତେବେଳେ ଯାହାର ସହଯୋଗ ଲୋଡ଼ା ଆମେ ସହାୟତା ପାଇଁ ପ୍ରସ୍ତୁତ ଅଛୁ ବୋଲି ନାୟକ କହିଥିଲେ । ସୁପର ଭାଇଜର ଗୀତାଞ୍ଜଳି ପଟ୍ଟନାୟକ, ଅଧ୍ୟାପିକା ମାମାଲି ନାୟକ, ମିକି ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥିଲେ । ଶାଖା ୨ ଯୋଜନା ଅଧିକାରୀଣୀ ସସ୍ମିତା କୁମାରୀ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାଖା ୧ ଅଧିକାରୀ ବି ପ୍ରଧାନ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

ଏହା ପୂର୍ବରୁ ଅଞ୍ଚଳର ବହୁ ଅଙ୍ଗନୱାଡ଼ି ଛାତ୍ରୀ ଛାତ୍ର ଙ୍କ ସହ ମିଶି ବାଲ୍ୟ ବିବାହ ଭାରତ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ରେ ଶପଥ ପାଠ କରିଥିଲେ । ଏଥିସହ ଜାତୀୟ ସେବା ଯୋଜନା ପୋଷ୍ୟ ଗ୍ରାମ ଅଞ୍ଚଳର ଲୋକଙ୍କୁ ବାଲ୍ୟ ବିବାହ ବିରୁଦ୍ଧରେ ସଚେତନତା କରାଯାଇଥିଲା । ଏଥିସହ ଗୁରୁବାର ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ ଜଳବାୟୁ ପରିବର୍ତ୍ତନ ଓ ତାହାର କୁପ୍ରଭାବ ଉପରେ ଛାତ୍ରୀ ଛାତ୍ରଙ୍କୁ ସଚେତନ କରିଥିବା ବେଳେ ସମାଜସେବୀ ଶୂଳପାଣି ଶତପଥି ବୁଧବାର ନିଶା ନିବାରଣ ସମେତ ଅନ୍ୟାନ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ ।

# ପ୍ଲାଷ୍ଟିକ ସର୍ଜରୀରେ କଟା ଲିଙ୍ଗର ହେଲା ନବୀକରଣ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡ ଡାକ୍ତରଖାନାରେ ବୁଗୁଡ଼ା ଗ୍ରାମର ଜଣେ ସୁରତ ଫେରନ୍ତାଙ୍କ ବିରଳ ଅସ୍ତ୍ରୋପଚାର କରାଯାଇଛି । ସୁରତ ଫେରନ୍ତାଙ୍କ ଲିଙ୍ଗ କିଏ କାଟି ଦେଇଥିଲା । ସେ ବଡ ମେଡିକାଲ ପ୍ଲାଷ୍ଟିକ ସର୍ଜରୀ ବିଭାଗ ସହ ଯୋଗାଯୋଗ କରିବା ପରେ ତାଙ୍କ ଲିଙ୍ଗର ସଫଳ ଅସ୍ତ୍ରୋପଚାର କରାଯାଇଛି ।

ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ପୃଥ୍ୱୀରାଜ ସିଂଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ କରାଯାଇଥିଲା । ଅପରେସନରେ ଅନୁରୂପ ସହଯୋଗ କରିଥିଲେ ସହକାରୀ ପ୍ରଫେସର ତନ୍ମୟ ମହାପାତ୍ର, ଡ଼ା ଲିପ୍ସା ସ୍ୱାଇଁ, ଡ଼ା ପ୍ରେମ୍ ପ୍ରକାଶ, ଡ଼ା ଜ୍ୟୋତିଷୀ, ଡ଼ା ଭାନୁ, ନିଶା ଡ଼ାକ୍ତର୍ ସଞ୍ଜୀବ ପାତ୍ର, ଡ଼ା ନିବେଦିତା ସାହୁ, ଡ଼ା ବିପିନ୍ ବିହାରୀ ମଲ୍ଲିକଙ୍କ ସମେତ ବୋହୁ ସେବିକା ଏବଂ ପାରା ମେଡିକାଲ୍ ଷ୍ଟାଫ ସହଯୋଗ କରିଥିଲେ । ଏହି ଅପରେସନ ସକାଳ ୧୦ ଟାରୁ ଆରମ୍ଭ ହୋଇ ରାତି ୮ଟା ଯାଏଁ ଚାଲିଥିଲା । ତାଙ୍କ ଘର ବୁଗୁଡ଼ା କୁଷପଲ୍ଲୀ ଓ ନାମ ସନ୍ୟାସୀ ଗୌଡ଼ ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ । ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି । ସୂଚନାଯୋଗ୍ୟ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ପୂର୍ବରୁ ବହୁ ଅପରେସନ କରାଯାଇଛି ।

# ସ୍ୱାମୀଙ୍କୁ ଆକ୍ରମଣ କରି ସ୍ତ୍ରୀ ଗିରଫ

ଭଂଜନଗର, (ସବ୍ୟୁ): ଗୁରୁବାର ସକାଳେ ତାରସିଂ ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ଘଟିଛି ଅଘଟଣ । ସ୍ୱାମୀ ନିମାଇଁ ଚରଣ ମହାନ୍ତିଙ୍କୁ କାଠଫାଳିଆରେ ସ୍ତ୍ରୀ ମରଣାନ୍ତକ ଆକ୍ରମଣ କରି ଚମ୍ପଟ ମାରିଥିଲା । ସ୍ୱାମୀ ଗୁରୁତର ଭାବେ ଆହତ ହେଇ ଛଟପଟ ହେଇଥିବା ବେଳେ ତାଙ୍କୁ ଗ୍ରାମର କିଛି ଲୋକ ଉଧାର କରି ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଏହି ଘଟଣା ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ହେଇଥିବା ତାରସିଂ ଥାନାଅଧୀକାରୀ ବିଜୟଲକ୍ଷ୍ମୀ ପୂଜାରୀ ସୁଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ତାରସିଂରେ ୨୨/୨୬ରେ ମାମଲା ରୁଜୁ କରି ଆକ୍ରମଣ କାରି ସ୍ତ୍ରୀ ଝୁନୁ ଗୌଡ଼ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅଧୀକାରୀ ଶ୍ରୀମତୀ ପୂଜାରୀ କହିଛନ୍ତି ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆନ୍ତଃ ଗ୍ରାମୀଣ କ୍ରିକେଟ : ପ୍ରଥମ ସଂସ୍କରଣରେ କାଳିପଲ୍ଲୀ ବିଜୟୀ




ଛତ୍ରପୁର, (ସବ୍ୟୁ): ଗୋପାଳପୁର ବନ୍ଦରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଆନ୍ତଃଗ୍ରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ କାଳିପଲ୍ଲି ପଞ୍ଚାୟତ ବିଜୟ ଲାଭ କରିଛି । କାଳିପଲ୍ଲି ପଞ୍ଚାୟତସ୍ଥିତ ବନ୍ଦରଗାଁ ଖେଳ ପଡିଆଠାରେ ଆୟୋଜିତ ଆଜିର ଫାଇନାଲ ମ୍ୟାଚ୍ କାଳିପଲ୍ଲି ଓ ଏସଏମସିସି ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କାଳିପଲ୍ଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୪୪ ରନ କରିଥିବା ବେଳେ ଏହାର ଜବାବରେ ଏସଏମସିସି ହରିପୁର ୧୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା । ଫଳରେ କାଳିପଲ୍ଲି ୩୦ ରନ ରେ ବିଜୟ ଲାଭ କରି ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଟାଇଟଲ ହାସଲ କରିଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦି ସିରିଜ ଏସଏମସିସି ହରିପୁର ଇ ଶ୍ରୀନନୁ ହୋଇଥିଲା ବେଳେ କାଳିପଲ୍ଲି ଟିମର ମହେଶ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଏହି ଉଦଯାପନି ମ୍ୟାଚରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାସିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଜିତିଥିବା ଟୀମକୁ ଟ୍ରୋଫି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତବନ୍ଧୁ ଶତପଥୀ ଓ ସିଏସଆର୍ ମୁଖ୍ୟ ଦେବଦତ୍ତ ମିଶ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ଯୁବପିଢି, ଛାତ୍ରଛାତ୍ରୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ମୋଟ ଛଅଗୋଟି ପଞ୍ଚାୟତ ଯଥା ଆର୍ଯ୍ୟପଲ୍ଲୀ, କଣମଣା, ଶ୍ରୀରାମଚନ୍ଦ୍ରପୁର, କାଳିପଲ୍ଲି, ଚମାଖଣ୍ଡି ଓ ଅଗସ୍ତି ନୂଆଗାଁର ମୋଟ ଆଠଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକ ସ୍ଥିତ ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲ୍ଲାରେ ହକି ପ୍ରତିଭା ମାନଙ୍କର ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ୧୧ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ହକି ଷ୍ଟିକ୍ ଓ ବଲ୍ ପ୍ରଦାନ କରାଯାଇଥିଲା । ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିଂ। ଦଣ୍ଡସେନା, ପ୍ରିୟା ସି ଓ ଅନିତା ହାଁସଦାଃ ଓ ତତ୍‌ସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଚଢେଇଗାଁ କ୍ଲଷ୍ଟରର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।


# ବାଲି ମାଫିଆଙ୍କ ଦାୟିତ୍ୱହୀନତା ଯୋଗୁ ବିଦ୍ୟାଳୟରେ ଅଚଳାବସ୍ଥା

ନିଶ୍ଚିନ୍ତକୋଇଲି ,(ସବ୍ୟୁ):ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଂଚଳରେ ଦିନକୁ ଦିନ ପୋଲିସ ସର୍ବୋପରି ତହସିଲ ପ୍ରଶାସନର ଜ୍ଞାତସାରରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏପରିକି ବାଲି ମାଫିଆମାନେ ଏକ ବିଦ୍ୟାଳୟ ସମ୍ମୁଖରେ ବାଲି ଗଦା କରିବା ଯୋଗୁ ବିଦ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ଦୀର୍ଘ ଦିନ ହେଲା ଅସୁରେଶ୍ୱର ଗ୍ରାମପଂଚାୟତ କୁଳଗାଁଇଶାଳୋସ୍ଥିତ ଲୁଣାନଦୀର ବାମ ପାର୍ଶ୍ୱରୁ ବାଲି ମାଫିଆମାନେ ଅବାଧରେ ବାଲି ଉଠାଇ ଚାଲିଛନ୍ତି। ଏହି ବାଲି ଘାଟଟି ପ୍ରଶାସନ ତରଫରୁ ନିଲାମ କରାଯାଇ ନଥିବାର ଜଣାଯାଇଛି। ତେବେ ସ୍ଥାନୀୟ ଜଣେ ରାଜନେତାଙ୍କ ବାହୁ ଛାୟାତଳେ ସୁରକ୍ଷିତ ରହିଥିବା ବାଲି ମାଫିଆମାନେ ପ୍ରଶାସନକୁ ନାଲି ଆଖି ଦେଖାଇ ରାତ୍ରର ବିଳମ୍ବିତ ପ୍ରହରରେ ପୋକଲିନ ଓ ଜେସିବି ସାହାଯ୍ୟରେ ଅବାଧରେ ବାଲି ଖନନ କରୁଥିବାର ଅଭିଯୋଗ ହୋଇଛି। ବାଲି ମାଫିଆମାନେ ଏହି ବାଲିକୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଟ୍ରାକ୍ଟର ,ହାଇୱା ଓ ଟ୍ରକ ଯୋଗେ ଦୈନିକ ଲକ୍ଷ ଲକ୍ଷ ଟଙ୍କା ପକେଟ ଭର୍ତି କରୁଛନ୍ତି। ଏଥିରେ ସ୍ଥାନୀୟ ରାଜନେତା ତହସିଲ ଓ ପୋଲିସ ପ୍ରଶାସନ ମାସିକିଆ ମୋଟା ଅଙ୍କର ହାତଗୁଞ୍ଜା ନେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବାଲି ମାଫିଆମାନେ ରାତ୍ରରେ ବାଲି ଚୋରାରେ ଉଠାଇ ଅସୁରେଶ୍ୱରର ବିଭିନ୍ନ ସ୍ଥାନମାନଙ୍କରେ ଗଚ୍ଛିତ ରଖିଥିବାର ଦେଖିବାକୁ ମିଳିଛି। ଏପରିକି ବାଲି ମାଫିଆମାନେ ନିଜର ସମସ୍ତ ହିତାହିତ ଜ୍ଞାନକୁ ଭୁଲିଯିବା ସହ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରୁଥିବାର ଅଭିଯୋଗ ହୋଇଛି। ବାଲି ମାଫିଆମାନେ ସ୍ଥାନୀୟ ଅସୁରେଶ୍ୱର ଦଧିବାମନ ସଂସ୍କୃତ ବିଦ୍ୟାଳୟ ସମ୍ମୁଖରେ ଟ୍ରିପ ଟ୍ରିପ ବାଲି ଗଚ୍ଛିତ ରଖିଥିବା କାରଣରୁ ବିଦ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି ବିଦ୍ୟାଳୟ ଭିତରକୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ କିମ୍ବା ଛାତ୍ର ଛାତ୍ରୀ ଯାଇଆସିପାରୁନଥିବାର ଅଭିଯୋଗ ହୋଇଛି। ଫଳରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ କିମ୍ବା ଶିକ୍ଷା ବିଭାଗ ତରଫରୁ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# ମଙ୍ଗଳପୁର ବଜାରରେ କସ୍‌ମୋ ବଜାର ଉଦ୍‌ଘାଟିତ

ମଙ୍ଗଳପୁର,(ସବ୍ୟୁ) : କସମୋ ବଜାରର ୧୬ ନମ୍ବର ସୋରୁମ୍ ଦଶରଥପୁର ବ୍ଲକସ୍ଥ ମଙ୍ଗଳପୁର ବଜାରରେ ଉଦଘାଟନ ହୋଇଯାଇଛି । ଉକ୍ତ ସୋରୁମରେ ସମସ୍ତ ଡ୍ରେସ୍ ମେଟେରିଆଲ୍ ଠାରୁ ଆରମ୍ଭ କରି ଘର ପାଇଁ ଆବଶ୍ୟକ ସମସ୍ତ ଉପକରଣ ଉପଲବ୍ଧ ହୋଇ ପାରିବ ତାସହିତ ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଦ୍ରବ୍ୟ ଉପରେ ଗୋଟେ କିଣିଲେ ଗୋଟେ ଫ୍ରୀ ଭଳି ଲକିଡ୍ର ମଧ ଉପଲବ୍ଧ କରାଯାଇଛି ବୋଲି କମ୍ପାନୀର ଜେନେରାଲ୍ ମ୍ୟାନେଜର ଜୟଦୀପ୍ ଚାଟାର୍ଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି । ଉକ୍ତ ସମ୍ମିଳନୀରେ ଏରିଆ ମ୍ୟାନେଜର ବିଜୟ ପଣ୍ଡା ଏବଂ ଷ୍ଟୋର ମ୍ୟାନେଜର କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳପୁର ଅଞ୍ଚଳ ସମେତ ଯ । ଜ ପୁ ର , ବିଂଝାରପୁର,ଦଶରଥପୁର, ରାଜକନିକା, ଚାନ୍ଦବାଲି ବ୍ଲକର ଲୋକମାନେ ସହଜ ସୁବିଧା ଓ ଉନ୍ନତମାନର ଜିନିଷ ପାଇପାରିବେ ବୋଲି ଏରିଆ ମ୍ୟାନେଜର ବିଜୟ ପଣ୍ଡା କହିଛନ୍ତି।

# ବାଜପୁରାରେ ସଂଘବଦ୍ଧ ଆକ୍ରମଣ : ୭ରୁ ଉର୍ଦ୍ଧ୍ୱ ଆହତ
# ପୋଲିସକୁ ଗୋଡାଇଲେ, ବ୍ୟାପକ ଭଙ୍ଗାରୁଜା

କୁଆଁପାଳ :(ସବ୍ୟୁ)ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧିନ ବାଜପୁରା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣରେ ୭ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ତିନୋଟି ଘର ଭଙ୍ଗାରୁଜା ହୋଇଥିବା ଜଣାଯାଇଛି । ଆଜି ପ୍ରାୟ ଅପରାହ୍ନ ୨ ଘଟିକା ସମୟରେ ଉକ୍ତ ଗ୍ରାମର ଗ୍ରାମଦେବତୀ ମା ନାକାହାଣୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଯଜ୍ଞ ନିମନ୍ତେ ଗ୍ରାମବାସୀଙ୍କ ସାହାଯ୍ୟ ଦାନ ନିମନ୍ତେ ମାଗଣ କରୁଥିବା ସମୟରେ ଛତିଆ ଅଂଚଳରେ ରହୁଥିବା ଜୈନିକ ବ୍ୟକ୍ତିଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଯୁବକ ହାତରେ ମାରଣାସ୍ତ୍ର ଧରି ମାଗଣ କରୁଥିବା ବ୍ୟକ୍ତି ଏବଂ ଗ୍ରାମବାସୀଙ୍କୁ ଧମକାଇ ମୋତେ ନ ପଚାରି କାହିଁକି ମାଗଣ କରୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଭାବେ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ଆହତ ହୋଇ ନିଜର ଜୀବନ ବଂଚାଇବାକୁ ଗ୍ରାମର ପଡୋଶୀଙ୍କ ଘରକୁ ପଶି ଯାଇଥିଲେ । ତେବେ ଏହାପରେ ସେମାନେ ପ୍ରଥମେ ସଞ୍ଜୟ ରାଉତଙ୍କ ଘର ଉପରକୁ ଟେକା ପଥର,କାଚ ବୋତଲ ଫୋପାଡି ମାରଣାସ୍ତ୍ରରେ କବାଟ ଓ ଝରକାକୁ ହାଣିବା ସହ ଆଜବେଷ୍ଟସ ଛପରକୁ ବାଡେଇ ଭାଙ୍ଗି ଦେଇଥିଲେ । ପରେ ସେମାନେ ଶ୍ରୀ ରାଉତଙ୍କ ଘର ସମ୍ମୁଖରେ ଥିବା ଧାନ ଗଦାରେ ନିଆଁ ଲଗାଇ ଦେଇଥିଲେ । ଏହା ପରେ ନାୟକ ସାହିରେ କେଶବ ନାୟକଙ୍କ ୫ ଭାଇଙ୍କ ପରିବାର ଉପରେ ଆକ୍ରମଣ କରି ଇଲେକଟ୍ରିକ ମଟର,ଏକ ମୋଟର ସାଇକେଲକୁ ଭାଙ୍ଗିବା ସହ ମହିଳାମାନଙ୍କୁ ଅସଦ ବ୍ୟବହାର କରି ମାଡ ମାରିଥିଲେ ଏବଂ ସେମାନେ ଖାଉଥିବା ଭାତ ଥାଳିକୁ ତାଙ୍କ ଉପରକୁ ଫୋପାଡି ଥିଲେ । ଯାହା ଫଳରେ କେଶବଙ୍କ ପରିବାରର ୪ ଜଣ ସଦସ୍ୟ ଆହତ ହୋଇଥିଲେ । ଏହାପରେ ମାଗଣ କରୁଥିବା ସୌମ୍ୟରଞ୍ଜନ ରାଉତଙ୍କ ମୁଣ୍ଡକୁ ହଠାତ୍ ଛତିଆ ଅଂଚଳରେ ରହୁଥିବା ସଂପୃକ୍ତ ବ୍ୟକ୍ତି ଆକ୍ରମଣ କରିବା ଫଳରେ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଫାଟି ଯାଇଥିଲା । ଦୁର୍ବୃତ୍ତମାନେ ସୌମ୍ୟରଞ୍ଜନଙ୍କ ଘରକୁ ଆସି ତାଙ୍କ ପରିବାରର ଜୈନିକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ କାଚ ବୋତଲ ଫୋପାଡି ଆକ୍ରମଣ କରିବା ସହ ମାରଣାସ୍ତ୍ରରେ ଲୁହା ଝରକା ଓ ପାଣି ପାଇପକୁ ନଷ୍ଟ କରି ଦେଇଥିଲେ । ଖବର ପାଇ ୩ ଜଣ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣାକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ଦୁର୍ବୃତ୍ତ ମାନେ ସେମାନଙ୍କ ଉପରକୁ ଟେକାପଥର ଓ କାଚ ବୋତଲ ଫୋପାଡିବାରୁ ସେମାନେ ଫଛଘୁଂଚା ଦେଇଥିଲେ । ଏହା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ଖବର ପାଇ ମାହାଙ୍ଗା ଆଇଆଇସି ତପନ କୁମାର ରାଉତଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧାନ କରିଥିଲେ । ପରେ ମାହାଙ୍ଗା ପୋଲିସ ଗ୍ରାମ ସହ ସ୍ଥାନୀୟ ଅଂଚଳରେ ଚଢାଉ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି । ଏବେ ଏହି ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଏସଡିପିଓ ବିରଂଚି ନାରାୟଣ ପତି ,ଆଇଆଇସି ଶ୍ରୀ ରାଉତ,ଫାଣ୍ଡି ଅଧିକାରୀ ବିଦ୍ୟାଧର ମଲିକ,ଏସଆଇ ଆର୍ତବନ୍ଧୁ ସେଠୀ,ଚନ୍ଦ୍ରଶେଖର ବେହେରା ପ୍ରମୁଖ ସମେତ ଏକ ପ୍ଲାଟୁନ ଫୋର୍ସ ଗ୍ରାମରେ ଉତେଜନାକୁ ଏଡାଇବା ପାଇଁ ...

# କଂଗ୍ରେସ ନେତାଙ୍କ ବିୟୋଗରେ ଶୋକସଭା

କୋରେଇ,(ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଂଚାୟତ ସ୍ଥିତ ଦୁଲାଖାପାଟଣା ଠାରେ ବନ୍ଦାଳ ପଂଚାୟତର ବରିଷ୍ଠ କଂଗ୍ରେସ ନେତା କାହ୍ନୁ ଚରଣ ଶତପଥିଙ୍କର ବିୟୋଗରେରେ ଏକ ଶୋକସଭା ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରୀ ଶତପଥି ଜଣେ କୋରେଇ ବ୍ଲକ କଂଗ୍ରେସର ଆଗ ଧାଡ଼ିର ନେତା ଥିଲେ । ସେ ବନ୍ଦାଳ ପ୍ରାଥମିକ କୃଷିସେବା ସମବାୟ ସମିତିର ସଭାପତି ହୋଇ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବା ସହ ବନ୍ଦାଳ ଗ୍ରାମ ପଂଚାୟତର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ବହୁ ଉନ୍ନୟନ ମୂଳକ କାର୍ଯ୍ୟକରି ପଂଚାୟତ ବାସୀଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଆଜିର ଶୋକ ସଭାରେ ବନ୍ଦାଳ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ରାଜେନ୍ଦ୍ର ମହାରଣା, ବରିଷ୍ଠ କଂଗ୍ରେସ ନେତା ସନାତନ ବେହେରା, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସୁରେନ୍ଦ୍ର ଜେନା, ତାରାକୋଟ ପଂଚାୟତର ପୂର୍ବତନ ସମିତି ସଭ୍ୟ ଉମାକାନ୍ତ ବେହେରା, ବଳରାମ ରଥ, ଦିଲ୍ଲିପ ରଥ, ମଦନ ଜେନା, କୋରେଇ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ମଧୁସୁଦନ ସାହୁ, ନଂରଜନ ନାୟକ, ବିଜୟ ବୋଇତେଇ, ଗଦାଧର ସେନାପତି, ବିଜୟ ପଣ୍ଡା, ଗଙ୍ଗାଧର ପଡ଼ିହାରୀ, ପିତବାସ ଦାସ, ଦୁର୍ଯ୍ୟୋଧନ ଜେନା ସୁଦାମ ସାହୁ, ଅଭିନ ଜେନା, ଭାସ୍କର ଜେନା ପ୍ରମୁଖ ଯୋଗଦେଇ ଶୋକପ୍ରକାଶ କରିଥିଲେ ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା

ଧର୍ମଶାଳା,(ସ ବ୍ୟୁ ):ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଭାରତରତ୍ନ ପ୍ରାପ୍ତ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦଦେଶ୍ୟରେ ଧର୍ମଶାଳା ନିର୍ବଚନ ମଣ୍ଡଳିର ସମସ୍ତ ୫୪ ଗୋଟି ପଂଚୟତରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗତ ନଭେମ୍ବର ମାସରୁ ବିଭିନ୍ନ ପଂଚାୟତରେ ଅନୁଷ୍ଠିତ ହେଉଛି । ଏହିକ୍ରମରେ ଆଜି ଜାରକା ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ଥିବା ଚହଟା କ୍ଲବ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରାମକୋ ସିମେଂଟ କାରଖାନାର ମୁଖ୍ୟ ପରିଚାଳକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଜାରକା, ଚୋରମୁହାଁ ଓ ଚହଟା ପଂଚାୟତ ବାସୀଙ୍କ ପାଇଁ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଚର୍ମ, ହୃଦରୋଗ, ଉଚ୍ଚ ରକ୍ତଚାପ,ମଧୁମେୟ ଭଳି ରୋଗରେ ଆକ୍ରାନ୍ତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ମାଗଣା ଔଷଧ ବଂଟନ କରାଯିବା ସହ ମଧୁମେୟ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯାଇ ପୀଡିତ ଲୋକମାନଙ୍କୁ ତିନିମାସ ପାଇଁ ଔଷଧ ବଂଟନ କରାଯାଇଥିଲା । ଭୁବନେଶ୍ୱର ହାଇଟେକ ମେଡିକାଲର କର୍ମଚାରୀ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ତିର୍ଥରାଜ ପଣ୍ଡା,ସିବୁଲି ଧିର,ଅୟୁସମାନ ପ୍ରିୟ ଦର୍ଶନ ପ୍ରମୁଖ ଶିବି ପରିଚାଳନାରେ ସହାୟତା କରିଥିଲେ।

# ବ୍ୟାସନଗର ପୌରପରିଷଦ ଚାନ୍ଦମା ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କଲେ ଆକାଶ

ବ୍ୟାସନଗର ,:(ଜି ପ୍ର ) ଶୁକ୍ରବାରକୋରେଇ ନିର୍ବାଚନ ମଣ୍ଡଳୀ ବ୍ୟାସନଗର ପୌରପରିଷଦ ଅର୍ନ୍ତଗତ ଚାନ୍ଦମା ଗ୍ରାମର ଚାନ୍ଦମା କଲ୍ୟାଣ ମଣ୍ଡପର ଶୁଭ ଭିତିପ୍ରସ୍ତର ସ୍ଥାପନ କୋରେଇରବିଧାୟକ ଆକାଶ ଦାସନାୟକଙ୍କ କରକମଳରେ କରାଯାଇଥିଲା। ସେଠାରୁ କର୍ମୀମାନଙ୍କ ସହ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ଚାନ୍ଦମା ଖେଳପଡିଆ ଠାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କମ୍ୟୁନିଟ୍ ସେଂଟର ନିର୍ମାଣର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତା'ପରେ ବିଧାୟକ ଶ୍ରୀ ଦାସନାୟକ ଚାନ୍ଦମା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍?ଘାଟନ କରିଥିଲେ। ତା'ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାନ୍ଦମା



ଭାଗବତ ଟୁଙ୍ଗୀ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିବା ପରେ ବିଧାୟକ ଶ୍ରୀ ଦାସନାୟକ ଜିଲ୍ଲା ଖଣିଜ ପାଣ୍ଠିରୁ ୪୦ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟ ଅଟକଳରେ ଚାନ୍ଦମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଗୋଟି ଅତିରିକ୍ତ ଶ୍ରେଣୀଗୃହର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ କୋରେଇ ନିର୍ବାଚନ ମଣ୍ଡଳୀ ସମେତ ବ୍ୟାସନଗର ପୌରପରିଷଦର ଜନସାଧାରଣ ଭୂୟସୀ ପ୍ରଂଶସା କରିଥିଲେ। ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ବ୍ୟାସନଗର ପୌରପରିଷଦ କାଉନସିଲର ରଶ୍ମିତା ରାଉତ, ଅଶୋକ କୁମାର ରାଉତ, ଭରତ ଓଝା, ପ୍ରତିନିଧି ବିଶ୍ୱମ୍ବର ସେଠୀ, ପ୍ରଦୀପ କୁମାର ମଲ୍ଲିକ, ସୁଶିଲ କୁମାର ମଲ୍ଲିକ, ସୁରେଶ କୁମାର ମଲ୍ଲିକ, ଦିଲ୍ଲିପ କୁମାର ମଲ୍ଲିକ, ସଦାଶିବ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ମଳୟ ସେଠୀ, ରାଜକିଶୋର ଦାସ, ନଟବର ମଲ୍ଲିକ, କେଶବ ମଲ୍ଲିକ, ନବଘନ ସାହୁ, କୁଳମଣୀ ବଳ, ଦୀନବନ୍ଧୁ ନାୟକ, ଶର୍ମିଳା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ନାୟକ, ରାନି ସାମଲ, ଆଶା ମହାନ୍ତି, ଗୀତା ନାୟକ, ନିବେଦିତା ଜେନା, ପ୍ରଶାନ୍ତ ବୋଇତାଇ, କୃଷ୍ଣଚନ୍ଦ୍ର ରାଉତ, ତରୁଣ କୁମାର ଦାସ, ଗୌରହରୀ ଦାସ, ଗୌରାଙ୍ଗ ସାହୁ, ସତ୍ୟବ୍ରତ ଜେନା, ସପନ ଖଂଟୁିଆ, ସଂଜୀବ ନାୟକ, ରାକେଶ ଜେନା ମଣ୍ଡଳ ସଭାପତି ବ୍ରାହ୍ମଣୀଦେବୀ, ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାର ଆଲିପିଙ୍ଗଳ ଠାରେ ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ

ଜଗତସିଂହପୁର୧୬/୦୧(ସବ୍ୟୁ):ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଖରିଫ ଋତୁ ପାଇଁ ଜିଲ୍ଲାରେ ପ୍ରଥମ ଧାନ ମଣ୍ଡି ସଦର ବ୍ଲକ ଆଲିପିଙ୍ଗଳ ଠାରେ ଥିବା ଗୋପାଳଜିୟୁ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି ।ଏହି ମଣ୍ଡି ଉଦଘାଟନ ଉତ୍ସବରେ ଅତିଥୀ ଭାବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗ ଦେଇ ଉଦଘାଟନ କରିଥିଲେ ।ଜିଲ୍ଲା ଧାନ ସଂଗ୍ରହ କମିଟି ନିଷ୍ପତ୍ତି ଅନୁସାରେ ଜିଲ୍ଲାରେ ମୋଟ ୧୧୩ଟି ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା ।ସେମାନଙ୍କ ମଧ୍ୟରୁ ୭ଟି ମଣ୍ଡି ଦାୟିତ୍ୱରେ ସ୍ୱୟଂ ସହାୟକ ଦଳ ରହିଥିବା ବେଳ ଅନ୍ୟ ୯୬ଟି ପ୍ୟାକସ ମାଧ୍ୟମରେ ଧାନ ସଂଗ୍ରହ କରାଯିବ ।ଜିଲ୍ଲାର ଚାଷୀମାନେ କିପରି ଭଲ ଧାନ ତଥା ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ ସେଥିପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ।ଜିଲ୍ଲାର ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହିତ ବିନା କଟନୀ ଛଟନୀରେ ସୁରୁଖୁରୁରେ ଧାନ ଚାଷୀଙ୍କ ଠାରୁ କ୍ରୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଚାହୀଙ୍କୁ ପ୍ରଦାନ କରାଯିବ ।ଚଳିତ ବର୍ଷ ଝୋଟ ବ୍ୟାଗରେ ଧାନ କ୍ରୟ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।ଆଜି ଠାରୁ ଜିଲ୍ଲାରେ ଟୋକନ ଦିଆଯିବ ଯାହାକି ଏକ ମାସ ବୈଧ ରହିବ ।ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫ ଜଣ ମିଲର ନିଯୁକ୍ତି ପାଇଥିବା ବେଳେ ବାହାର ଜିଲ୍ଲାରୁ ୫ ଜଣ ମିଲର ନିଯୁକ୍ତି ପାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ ସୁଚନା ଦେଇଛନ୍ତି ।ଏହି କାର୍ଯ୍ୟକ୍ରମରେ ଡିଆରସିଏସ ପ୍ରଭାସ ଚନ୍ଦ୍ର ଶତପଥୀ,ଜଗତସିଂହପୁର ନିୟନ୍ତ୍ରୀତ ବଜାର କମିଟି ସଂପାଦକ ସୂର୍ଯ୍ୟକାନ୍ତ ଦାସ,ଗୋପାଳଜିୟୁ ପ୍ୟାକସର ସଭାପତି,ସଂପାଦକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ
# ଏସ୍‌ପି ଅଫିସ ଘେରାଉ କଲା ଜିଲ୍ଲା ବିଜେଡି

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ପୁଲିସ ଏବେ ଗେରୁଆ ଗାମୁଛାଧାରୀଙ୍କୁ ସମ୍ମାନ ଦେଉଛି। ଗେରୁଆ ଗାମଛା ପକାଇଥିବା ଲୋକମାନେ ଯାହା ଦୋଷ କଲେ ସେମାନଙ୍କୁ ତିନିଖୁଣ ମାଫ। କିନ୍ତୁ ସାଧାରଣ ଜନତା ଟିକେ ଭୁଲ କଲେ ସେମାନଙ୍କୁ ସଙ୍ଗେ ଜେଲ। ଥାନା ଏବେ ବିଜେପି ଅଫିସରରେ ପରିଣତ ହୋଇଛି। ବିଜେଡି ବିଧାୟକମାନେ ଏହି ଅଭିଯୋଗ କରି ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ଗିରଫ ହୋଇଛନ୍ତି। ହଜାର ହଜାର ସଂଖ୍ୟାରେ ବିଜେଡି ବିଜେପି ସରକାର ବିରୋଧରେ ପ୍ରତିବାଦ କରି ଏସ୍‌ପି ଅଫିସ ନିକଟକୁ ଯାଇଥିଲେ। ସେଠାରେ ଏସ୍‌ପିଙ୍କ ଠାରୁ ଜିଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ କରିଥିଲେ। ଜିଲା ବିଜୁ ଜନତା ଦଳ ସଭାପତି ଶିବ ପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ଏସ୍‌ପିଙ୍କ ଅଫିସ ନିକଟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ା ନେତା ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଗତ ୧୫ ବର୍ଷ ମଧ୍ୟରେ ଜିଲାରେ କୌଣସି ରାଜନୈତିକ ଦଳ ଏସ୍‌ପି ଅଫିସ ଘେରାଉ କରି ନଥିଲେ। ଆଜି କାହିଁକି ଏସ୍‌ପି ଅଫିସ ଘେରାଉ କରାଗଲା ବୋଲି ଆଳି ବିଧାୟକ ପ୍ରତାପ ଦେବ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ନାରା ଦେଉଛନ୍ତି ତାହା କେବଳ ବାହାସ୍ଫୋଟ। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବେଳେ ଜିଲାରେ ଥିବା ଥାନାଗୁଡିକ ବିଜେପି କାର୍ଯ୍ୟାଳୟ ପାଲଟିଛି। ଏହି ଆନ୍ଦୋଳନ ଆଜିଠୁ ଆରମ୍ଭ ହେଲା ଆଗକୁ ଅଧିକ ଭୟଙ୍କର ରୂପ ନେବ ବୋଲି ଆଳି ବିଧାୟକ ପ୍ରତାପ ଦେବ ଚେତାବନୀ ଦେଇଥିଲେ। ଏହି ଘେରାଉରେ ଶହ ଶହ ସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେଇଥିଲେ।

# ଚାଟେଶ୍ୱର ସେବା ସମବାୟ ସମିତିର ଧାନମଣ୍ଡି ଉଦଘାଟନ

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ସୌରୀ ପଂଚାୟତ ଚାଟେଶ୍ୱର ପ୍ରାଥମିକ ସେବା ସମବାୟ ସମିତିର ଧାନମଣ୍ଡି ଓଷଦ ଗ୍ରାମ ବଟଗୋସ୍ୱାମୀ ପଡିଆରେ ଉଦଘାଟନ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୂଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିର ଉଦଘାଟନ କରିବା ସହ ଚାଟେଶ୍ୱର ସେବା ସମବାୟ ସମିତି ରାଜ୍ୟର ଏକ ଆଦର୍ଶ ସମବାୟ ସମିତି ଭାବେ ଗଢି ତୋଳିବା ପାଇଁ ଚାଷୀ, ମିଲର, ଗ୍ରାମବାସୀ, ସମିତିର ସଭାପତି ଓ ସମ୍ପାଦକ ମିଳିତ ଭାବରେ ସଠିକ କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଥିଲେ । ଧାନ ଉଠାଇବା କ୍ଷେତ୍ରରେ କୌଣସି ଜଣେ ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନହେବ ସେଥିପାଇଁ ସମସ୍ତେ ଯତ୍ନଶିଳ ହେବା ଆବଶ୍ୟକ ବୋଲି କହିଥିଲେ । ବରିଷ୍ଠ ଚାଷୀ ଅବତନ ଷଢଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ପଂଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ,ରାମକୃଷ୍ଣପୁର ସମିତି ସଭ୍ୟ ସୁଧୀର ପ୍ରଧାନ, ଚାଟେଶ୍ୱର ପ୍ରାଥମିକ ସମବାୟ ସମିତିର ସଭାପତି ଇଂ ସନ୍ତୋଷ ସ୍ୱାଇଁ, ଭାରପ୍ରାପ୍ତ ସମ୍ପାଦକ ଚନ୍ଦନ ବେହେରା, ଶିକ୍ଷାବିତ ଗୌରଚରଣ ଭୂୟାଁ, ଚାଷୀ ତାରକ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପଂଚାୟତର ବିଶିଷ୍ଟ ୭ଜଣ ଚାଷୀଙ୍କୁ ସମବାୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ସଂଜିବ କିଆ' ପକ୍ଷରୁ 'ସେଲଟସ ବାଦାସ' ଲୋକାର୍ପିତ



ବ୍ୟାସନଗର,୧୬।୧(ଜିପ୍ର): ପାଣିକୋଇଲିସ୍ଥିତ ସଂଜିବ କିଆ ପକ୍ଷରୁ ସେଲଟସ ବାଦାସ କାର ଲୋକାର୍ପିତ ହୋଇଯାଇଛି । ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ଶିଳ୍ପପତି ଅନିରୁଦ୍ଧ ଦାଶ, ଏମଡି ପ୍ରୀତିରଂଜନ ଜେନା, ନିର୍ଦ୍ଦେଶକ ଅଭିକ ମଲ୍ଲିକ, ସେଲସ ମ୍ୟାନେଜର ଅଜୟ ପୃଷ୍ଟି ଓ୍ୱାର୍କସ ଅପ ମ୍ୟାନେଜର ଏସକେ ମୁସ୍ତାକ, ମାନବ ସମ୍ବଳ ନିର୍ଦ୍ଦେଶକ ଆଶିଷ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଆଜି ପ୍ରଥମ ଗ୍ରାହକ ଭାବେ ମନୋରଂଜନ ଧଳ ଉକ୍ତ କାର ଗ୍ରହଣ କରିଥିଲେ । ଏହି ଅବସରରେ ୩ଜଣ କୁପନ ଧାରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା
# ଜଗନ୍ନାଥଙ୍କ ଅସ୍ମିତା ବିଧି ବିଧାନର ଝଲକ ସାରଳା ଦାସଙ୍କ କାଳଜୟୀ କୃତିରେ ଦେଖିବାକୁ ମିଳେ

ଜଗତସିଂହପୁର,(ସବ୍ୟୁ ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ଦ୍ୱିତୀୟ ସଂଧ୍ୟା । ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୋଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାହିତ୍ୟ ଆସରରେ ଆଲୋଚ୍ୟ ବିଷୟ ବସ୍ତୁ ଥିଲା ସାରଳା ସାହିତ୍ୟରେ ଶ୍ରୀ ଜଗନ୍ନାଥ । ଏହି ସାରସତସଭାରେ ସମ୍ମାନନୀୟ ଅତିଥି ପ୍ରଫେସର୍ ଡଃ. ସନ୍ତୋଷ ତ୍ରିପାଠୀ କହିଥିଲେ ଯେ ସାରଳା ଦାସ ଯଦି ନ ଥାନ୍ତେ ତାହେଲେ ଆମେ ଜଗନ୍ନାଥଙ୍କୁ ଚିହ୍ନି ପାରି ନଥାନ୍ତେ । ଯାହା ସାଧାରଣ ମଣିଷ ପାଇଁ ଅଦୃଶ୍ୟ ତାହାକୁ ସାରଳା ଦାସ ତାଙ୍କ କୃତି ମାଧ୍ୟମରେ ଦୃଶ୍ୟମାନ କରିପାରିଛନ୍ତି । ଜଗନ୍ନାଥଙ୍କ ଅସ୍ମିତା ବିଧି ବିଧାନର ଝଲକ ସାରଳା ଦାସଙ୍କ କାଳଜୟୀ କୃତିରେ ଦେଖିବାକୁ ମିଳେ । ଅନ୍ୟତମ ସମ୍ମାନନୀୟ ଅତିଥି ପ୍ରଫେସର୍ ଡା. ଜୟକୃଷ୍ଣ ଦାସ କହିଥିଲେ ସାରଳା ଦାସଙ୍କ ସୃଷ୍ଟି ଓ ସର୍ଜନାରେ ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସମର ସଜ୍ଜା ଆଦିର ବର୍ଣ୍ଣନା ରହିଛି । ଶ୍ରୀଜଗନ୍ନାଥ ଓ ମା ଶାରଳାଙ୍କୁ ଦିଗବାରେଣି କରି ସାରଳା ଦାସ ମହାଭାରତ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା, ଚଣ୍ଡୀ ପୁରାଣ ଆଦି ସୃଷ୍ଟି କରିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ମନୋଜ କୁମାର ମହାପାତ୍ର ଏକହିଥିଲେ ଯେ ମା ଶାରଳା ଓ ସାରଳା ଦାସଙ୍କ ପାଇଁ ଆଜି ଜଗତସିଂହପୁର ମାଟି ଧନ୍ୟ ହୋଇଛି । ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ସଭାପତି ତଥା ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୋଧୁରୀ ଏହି ଅବସରରେ ଆଦିକବି ସାରଳା ଦାସଙ୍କ କାଳଜୟୀ କୃତି ସଂପର୍କରେ ଆଲୋଚନା କରିବା ସହିତ ପୁସ୍ତକ ମେଳାକୁ ସମସ୍ତେ ସହଯୋଗ କରି ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀମାନ ଆଶୁତୋଷ ପଣ୍ଡା ବେଦପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବି୍ ସ୍ୱର୍ଗତ ଗୋଲୋକ ଚରଣ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ଏହି ଅବସରରେ ସୁଦେଷ୍ଣା ମିଶ୍ରଙ୍କର ଇଂରାଜୀ କବିତା ପୁସ୍ତକ ଦି ହାର୍ଟ ଦ୍ୟାଟ୍ ଆର୍ଚେସ୍ ଟୁ ଓ କୈଳାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଜ୍ଞାନପ୍ରଭା ପବ୍ଲିକେସନ୍ ପ୍ରକାଶିତ ପୁସ୍ତକ ସପନ ରାଇଜରୁ ବୋଉ ଆସିଛି ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ପରିଶେଷରେ ପରିଷଦର କାର୍ଯ୍ୟକାରୀଣୀ ସଦସ୍ୟ ଅବନୀକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ ଝଙ୍କଡ ସାହିତ୍ୟ ସଂସଦ ତିର୍ତ୍ତୋଲ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ଗୀତା ଟିଭିଏସ୍, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଙ୍କ ଦ୍ୱାରା ସୁବର୍ଣ୍ଣପୁରର ଆଦିମାତା କରମସାନି ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା ।




# ଅବ୍ୟବସ୍ଥା ଘେରରେ ଉଦ୍‌ଯାପିତ ହେଲା ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ

ନାଉଗାଁ,(ସବ୍ୟୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡା ଉଦଘାଟନୀ ଉତ୍ସବରେ ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷ୍ୟା ତୃପ୍ତି ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ, ଜିଲ୍ଲାପରିଷଦ ସଭ୍ୟା ମମତା ପରିଡ଼ା, ରୋହିଆ ସରପଞ୍ଚ ହେମାମାଳିନୀ ମହାନ୍ତି, ଘୋଡାନ୍ସ ସଭ୍ୟ ତରୁଣକାନ୍ତ ବାରିକ, ସରପଞ୍ଚ ନୀହାର ବସ୍ତିଆ, ସରପଞ୍ଚ ପ୍ରାଚୀ ସାଗରିକା ଜେନା, ସଭ୍ୟ ମାନସି ଲେଙ୍କା ପ୍ରମୁଖ ଉଦ୍ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଦେଖିବାକୁ ମିଳିଛି ଘୋର ଅବ୍ୟବସ୍ଥା । ସୂଚନା ମୁତାବକ ଗତ ଦୁଇ ଦିନ ଧରି ଘୋର ଅବ୍ୟବସ୍ଥା ଘେରରେ ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡା ଉତ୍ସବ ର ଆଜି ଉଦଯାପନୀ ସମାରୋହ ରେ ଦେଖିବାକୁ ମିଳିଥିଲା ଏପରି ଦୃଶ୍ୟ, ତେବେ ଏହି କ୍ରୀଡା ଉତ୍ସବ ରେ ନାଁ ରହିଥିଲା ଅତିଥି ମାନଙ୍କ ପାଇଁ ବସିବା ପାଇଁ ସ୍ଥାନ,ଯାହାକି ଦୀର୍ଘ ସମୟ ଧରି ଛାତ୍ର ଛାତ୍ରୀ ଓ ମାନ୍ୟ ଗଣ ଅତିଥି ମାନେ ଖରା ରେ ବସି ରହିଥିବ ର ଦେଖିବାକୁ ମିଳିଥିଲା । ଅନ୍ୟପଟେ କଲେଜ ଅଧକ୍ଷ ବିଭୁତି ଭୂଷଣ ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସଭାରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ମୁଖତଃ ଏହି ବାର୍ଷିକ କ୍ରୀଡା ଉତ୍ସବ ରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ରେ ମଧ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି, ଯାହାକୁ ନେଇ ଏବେ ସାଧାରଣ ରେ ଏବେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏହି କ୍ରୀଡା ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଥିବା ବେଳେ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ପୂର୍ବତନ ଛାତ୍ରସାଂସଦ ସଭାପତି ତାପସ ଦାସ ,ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଜ୍ୟୋତି ପ୍ରକାଶ ଲେଙ୍କା, କ୍ରୀଡା ପରିଚାଳକ ଭାବେ ଚୌଧୁରୀ ଦିନେଶ ଦାସ ଓ ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ରହିଥିବାର ଦେଖା ଯାଇଛି ।

# ବାଇକ-ସାଇକେଲ ଦୁର୍ଘଟଣା, ୨ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରଉରା ଟୋଲଗେଟ ନିକଟରେ ସାଇକେଲ ସହ ବାଇକ ଦୁର୍ଘଟଣାରେ ଦୁଇ ଆହତ ହୋଇଛନ୍ତି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ସୋତି ଗ୍ରାମର ସନାତନ ରାଉତଙ୍କ ପୁଅ କରୁଣାକର ରାଉତ (୫୦) ସାଇକେଲ ଯୋଗେ ପାଣିକୋଇଲି ଆସୁଥିବା ବେଳେ ପଛରୁ ଟିକର ଗ୍ରାମର ଟିକିନା ବେହେରାଙ୍କ ପୁଅ ଚନ୍ଦନ (୨୪) ଏକ ବାଇକରେ ଆସି ଧକ୍କା ଦେଇଥିଲା । ଫଳରେ ଉଭୟେ ରାସ୍ତାରେ ପଡି ଆହତ ହୋଇଥିଲେ । ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ଉଭୟଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ । କରୁଣାକର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଇଥିଲେ । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ବାଇକ ଓ ସାଇକେଲକୁ ଜବତ କରିଛି ।

# ଜାତୀୟ ରାଜପଥରେ ଦୁଇ ଗାଡ଼ି ମୁହାଁମୁହିଁ : ୩ ଗୁରୁତର

ବୋଲଗଡ଼, (ସବ୍ୟୁ) : ବୋଲଗଡ ଥାନା ଅନ୍ତର୍ଗତ ଟାଙ୍ଗୀ ସାହି ନିକଟରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଶୁକ୍ର ବାର ଦିନ ସକାଳ ୧୦ଟା ସମୟରେ ଦୁଇଟି ମାଲ୍ ବୁହା ଚାରି ଚକିଆ ଗାଡ଼ି ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ସେଥିରେ ବସୁଥିବା ଦୁଇ ଚାଳକ ସମେତ ଜଣେ ବ୍ୟବସାୟୀ ଆହାତ ହୋଇଛନ୍ତି।

ଘଟଣା ରୁ ପ୍ରକାଶ ଯେ ଚାହା ବୋଝେଇ କରି ଏକ ପିକଅ ଭ୍ୟାନ ଭୁବନେଶ୍ୱରରୁ ଫୁଲବାଣୀ ଯାଉଥିଲା। ବିପରୀତ ଦିଗରୁ ତଥା ନୟାଗଡ଼ରୁ ବେଗୁନିଆ ଅଭିମୁଖେ ଯାଉଥିବା ମହିନ୍ଦ୍ରା ଏସି ଗାଡି ସହିତ ଟାଙ୍ଗି ସାହି ଗ୍ରାମ ନିକଟରେ ମୁହା ମୁହିଁ ଧକ୍କା ଦେଇ ମାହିନ୍ଦ୍ରା ଗାଡ଼ିଟି ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା। ଦୁଇ ଗାଡ଼ିର ୩ଜଣ ଆହତ ହୋଇ ପ୍ରଥମେ ବୋଲଗଡ଼ ମେଡିକାଲ ଏବଂ ପରେ ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

# ଗୋବିନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର

ଫୁଲନଖରା, (ସବ୍ୟୁ) : କଟକ ଜିଲ୍ଲା ଗୋବିନ୍ଦପୁର ମହାବିଦ୍ୟାଳୟରେ ଦୀର୍ଘ ସାତଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଜାତୀୟ ସେବା ଶିବିର ଉଦଯାପିତ ହୋଇଯାଇଛି। ଗୋବିନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ କୈଳାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବକ ସେକ କଲ୍ଲୀମୁଲ୍ଲା, ମୁଖ୍ୟବକ୍ତା ଭାବେ ପିଜି କାଉନସିଲ ଅଧ୍ୟକ୍ଷ ଡ଼ ଗଗନବିହାରୀ ବେଉରା,ସମ୍ମାନୀତ ଅତିଥି ଭାବେ ଯୁକ୍ତଦୁଇ ଅଧ୍ୟକ୍ଷ ଅମୀୟ କୁମାର ସାହୁ ଯୋଗଦାନ କରିଥିଲେ। ପ୍ରଦୀପ କୁମାର ପଣ୍ଡା ଓ ନଳିନୀ କୁମାର ଜେନା ପ୍ରମୁଖ ଅତିଥି ଅଧ୍ୟାପକ ଭାବେ ଉପସ୍ଥିତ ଥିଲେ।




ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ରଞ୍ଜନ ମହାପାତ୍ର ଓ ବିକ୍ରମ କୁମାର ମୁଦୁଲି ପରିଚାଳନା କରିଥିଲେ। ସଭାରେ ଛାତ୍ର ଓ ସମାଜ ମଧ୍ୟରେ କିଭଳି ନିବିଡ଼ ସମ୍ପର୍କ ରଖିବା ସହ ସମାଜକୁ ସଚେତନ କରାଯିବ ସେନେଇ ଅତିଥିମାନେ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟାପକ ଶୁଭଙ୍କର ମହାନ୍ତି, ଭୋଳାନାଥ ସାହୁ, ଅରୁଣ କୁମାର ତ୍ରିପାଠୀ, ବୈକୁଣ୍ଠ ପ୍ରଧାନ,ଚିନ୍ମୟ ବେହେରା, ଶ୍ରୀଧର ଜେନା ଏବଂ ଅଧ୍ୟାପିକା ଉର୍ମିଳା ରାଉତ, ଝରଣା ଦାସ,ସୌଦାମିନୀ ମହାନ୍ତି, ପିଙ୍କି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇବା ଓ ନିଜେ ସଚେତନ ହେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ଏହି ଶିବିରରେ ସମୁଦାୟ ୧୦୦ ଜଣ ଛାତ୍ରଛାତ୍ର ଭାଗନେଇ କଲେଜ ପରିସର, ଗୋବିନ୍ଦପୁର ଥାନା ପରିସର ସଫେଇ ଓ ନିକଟସ୍ଥ ଗ୍ରାମ୍ୟର ରାସ୍ତା ସଫେଇ କରିବା ସହିତ ସ୍ୱଚ୍ଛତା ଓ ସଚେତନତା ରହିବା ପାଇଁ ବାର୍ତ୍ତା ଦେଇଥିଲେ। ଶିବିରରେ ବିଭିନ୍ନ ସାମାଜିକ କାର୍ଯ୍ୟ ଓ ପରିବେଶ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟ କରିଥିବାରୁ ଛାତ୍ରଛାତ୍ରୀ ମାନଙ୍କୁ ଆୟୋଜିତ ସଭାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ନୃତ୍ୟ, ଭାଷଣ, ସାଧାରଣ ଜ୍ଞାନ ଓ ବିଭିନ୍ନ ପ୍ରତିଯୋଗିତା ଭାଗନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜାନୁୟାରୀ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ରଣଜିତ ଜେନା ଏହି ସାତଦିନର କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ପ୍ରେମଜୀତ ରାୟ ଧନ୍ୟବାଦ ଅଭିଭାଷଣ ଦେଇ ସଭା ଶେଷ କରିଥିଲେ।

# ବୁଲା ଷଣ୍ଢଙ୍କ ଗୋଶାଳା କରି ଫସଲ ସୁରକ୍ଷା ଦାବି

ବାଲିପାଟଣା, (ସବ୍ୟୁ) : ବାଲିପାଟଣା ବ୍ଲକରେ ଦିନକୁ ଦିନ ବୁଲା ଷଣ୍ଢ ଉପଦ୍ରବ ବଢ଼ିବାରେ ଲାଗିଛି। ଦୀର୍ଘ ଦୁଇବର୍ଷ ହେବ ବାଲିପାଟଣା ବ୍ଲକର ୧୭ ପଂଚାୟତର ସମସ୍ତ ଗାଁରେ ଶହ ଶହ ବୁଲା ଷଣ୍ଢ ବୁଲୁଛନ୍ତି। ଖାଦ୍ୟ ଅଭାବରୁ ରବି ଓ ଖରିଫ ଋତୁରେ ଶହ ଶହ ଏକର ଧାନ, ବିରି, ମୁଗ, କୋଳଥ ଓ ପରିବା ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ଏପରିକି ଗୋଟେ ଗୋଟେ ବିଲରେ ସମୂହଭାବେ ପଶି ଫସଲ ଖାଇ ପଡିଆ କରିଦେଉଛନ୍ତି। ରାସ୍ତା କଡ଼ ଜମି ଫସଲ ବ୍ୟାପକ କ୍ଷତି ହେଉଛି। ଚାଷୀର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇ ଅଣ୍ଟା ଭାଙ୍ଗି ଯାଉଛି। ଏ ସଂକ୍ରାନ୍ତରେ ଏକ ଚାଷୀ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡିସେମ୍ବର ୩୦ ତାରିଖରେ ଅଭିଯୋଗ ପତ୍ର ଦେଇଥିଲେ। ସେଥିରେ କିଛି ସୁଫଳ ନମିଳିବାରୁ ଗାରେଡିପାଞ୍ଚଣ ଗ୍ରାମ ପଂଚାୟତରେ ଅନୁଷ୍ଠିତ ପଲ୍ଲୀ ସଭାରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଭିଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ କିଛି ତତ୍ପରତା ଅନୁଭବ ନହେବାରୁ ଶୁକ୍ରବାର ଏକ ଚାଷୀ ପ୍ରତିନିଧି ଦଳ ବାଲିପାଟଣା ବ୍ଲକ ବିଡ଼ିଓ ଓ ତହସିଲ କାର୍ଯ୍ୟାଳୟ ଯାଇ ଅଧିକାରୀମାନଙ୍କୁ ଭେଟି ଥିଲେ। ଯେହେତୁ ୨୭ତାରିଖରେ ଆଳିସିଶାସନ ଗ୍ରାମ ପଂଚାୟତରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଅଛି ସେଠାରେ ଭେଟି ଅଭିଯୋଗ କରିବାକୁ ବୈଠକରେ ସ୍ଥିର ହୋଇଛି। ତୁରନ୍ତ ବ୍ଲକରେ ଅତି କମରେ ତିନୋଟି ଗୋଶାଳା କରାଯାଇ ବୁଲା ଷଣ୍ଢଙ୍କୁ ଥଇଥାନ ନକଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥିର ହୋଇଛି।

ଏହି ବୈଠକରେ ଚାଷୀ ଅଭିମନ୍ୟୁ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ବଟକୃଷ୍ଣ ରାଉତରାୟ,ପ୍ରଦୋଷ କୁମାର ସେନାପତି, ହରିହର ଜେନା, ସତ୍ୟବାଦୀ ସ୍ୱାଇଁ, ଚିତ୍ତରଞ୍ଜନ ପାଣିଗ୍ରାହୀ, ତ୍ରିଲୋଚନ ଭୋଇ, ଜ୍ୟୋତିରଞ୍ଜନ ନାୟକ, ବିଜୟକେତନ ବ୍ରହ୍ମା ଓ ଅଭିମନ୍ୟୁ ଭଟଙ୍କ ସେମତ ଅନ୍ୟ ଚାଷୀମାନେ ବୈଠକରେ ଉପସ୍ଥିତ ଥିଲେ।

# ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା , (ସବ୍ୟୁ) : ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ତହସିଲ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ସହରାଞ୍ଚଳର ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ପଠାଣି ସାମନ୍ତ ମହାବିଦ୍ୟାଳୟ ଓ କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଓ ପ୍ୟାରେଡରେ ଯୋଗଦେବା ସହିତ କିଭଳି ଶାନ୍ତି ଶୃଙ୍ଖଳା ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରାଯାଇପାରିବ ସେ ସଂପର୍କରେ ସଦସ୍ୟମାନେ ମତାମତ ରଖିଥିଲେ ଓ ସର୍ବସମ୍ମତି କ୍ରମେ କମିଟି ସଦସ୍ୟମାନଙ୍କୁ ଏଥିପାଇଁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

ବିଡିଓଙ୍କୁ ଅଭ୍ୟର୍ଥନା କମିଟିର ମୁଖ୍ୟ ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ କମିଟିର ସ୍ଥାୟୀ ସଂପାଦକ ଭାବେ କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, କୋଷାଧ୍ୟକ୍ଷ ଶାନ୍ତି ଶେଖର ରଥ, ବରିଷ୍ଠ ସାମ୍ବାଦିକିନୋଦ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ମିଶ୍ର, ଅଧ୍ୟାପକ ଡଃ ଅଜିତ କୁମାର ବସନ୍ତରାଜ,ପିଇଟି ସତ୍ୟଜିତ ଦାଶ,ସଞ୍ଜୁଲତା ନାଥ, ଆଇନଜୀବୀ ଚିତ୍ତରଞ୍ଜନ ଶତପଥୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଭିକାରୀ ଖଣ୍ଡାୟତ, ବିନାୟକ ସୁନ୍ଦରସିଂଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସରକାରୀ କର୍ମଚାରୀମାନେ ଏହି ବୈଠକରେ ଉପସ୍ଥିତ ରହିଥିବା ଜଣାଯାଇଛି।

# ନିରତାର ପକ୍ଷରୁ ପର୍ପଲ ଫେୟାର-୨୦୨୬



କଣ୍ଟାପଡା, (ସବ୍ଯୁ): କଣ୍ଟାପଡା ବ୍ଲକ ଅ"ର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାର ଆନୁକୂଲରେ ପର୍ପଲ ଫେୟାର-୨୦୨୬ ଆୟୋଜିତ ହୋଇଯାଇଛି । ପୁରୀ ଟାଉନହଲଠାରେ ଆୟୋଜିତ ଏହି ଉତ୍ସବରେ ଆର୍ଟ, ଚିତ୍ରାଙ୍କନ, ନୃତ୍ୟ, ହୁଇଲଚେୟାର ଖେଳ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପୁରୀର କାର୍ଯନିର୍ବାହୀ ଅଧିକାରୀ ଅଭିମନୁ ବେହେରା ମୁଖଅତିଥି ଭାବେ ଯୋଗ ଦେଇଥିଲାବେଳେ ନିରତାରର ଉପ ନିର୍ଦ୍ଦେଶକ ସତଜିତ ପଟ୍ଟନାୟକ, ପୁରୀ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନମିତାଚାନ୍ଦ ନାୟକ, ପ୍ରଭାତ ବସ୍ତି, ମନୋଜକୁମାର ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟକୁମାର ଶତପଥି ଓ ଜିଲା ବନଅଧିକାରୀ ସନ୍ତୋଷ ପାଣିଗ୍ରାହୀ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ଥିଲେ । ଏହି ଅବସରରେ ଦିବାଙ୍ଗ ସଚେତନଧର୍ମୀ, ସଶକ୍ତିକରଣ ଓ ଅନ୍ତର୍ଭୁକ୍ତିକରଣ ସଂକ୍ରାନ୍ତରେ ଏକାଧିକ କାର୍ଯକ୍ରମ ପ୍ରଦର୍ଶିତ ହୋଇଥିଲା । ଏହି ରଂଗାରଂଗ କାର୍ଯକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା । ଶେଷରେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ ସମାରୋହ ଏବଂ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା ।

# ପିପିଲିରେ ପୁସ୍ତକ ମେଳା ପାଇଁ ପ୍ରସ୍ତୁତି ବୈଠକ

ପିପିଲି ,(ସବ୍ୟୁ) :ପିପିଲି ନଗରର ସ୍ଥାନୀୟ ସଙ୍କଟ ମୋଚନ ମନ୍ଦିର ପରିସରରେ ପିପିଲିରେ ପ୍ରଥମ ଥର ପାଇଁ ଏକ ପୁସ୍ତକ ମେଳା ଆୟୋଜନ କରିବାକୁ ଆଲୋଚନା କରାଯାଇଥିଲା। ଆବାହକ ଅର୍ଜୁନ ଘଡେଇ ବୈଠକରେ ପିପିଲିରେ ପ୍ରଥମ ଥର ପୁସ୍ତକ ମେଳା ଆୟୋଜନ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିବା ପରେ ସମସ୍ତ ସଭ୍ୟ ସଭ୍ୟା ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ବୈଠକର ଆଲୋଚନା ଓ ନିଷ୍ପତ୍ତି ଅନୁଯାୟୀ ପ୍ରଥମ କରି ସ୍ଥାନୀୟ ଜାଗୃତି ମହୋତ୍ସବ କମିଟି ସହ ମିଳିତ ଭାବେ ଚଳିତ ବର୍ଷ ପୁସ୍ତକ ମେଳା ଆୟୋଜନ କରାଯିବ। ଆଗାମୀ ମାର୍ଚ୍ଚ ତା ୧୯,୨୦,୨୧, ଜାଗୃତି ମହୋତ୍ସବର ତିନି ଦିନରେ ପୁସ୍ତକ ମେଳା ଚାଲୁ ରହି ୨୨ ତାରିଖରେ ମେଳାର ଉଦଯାପନୀ ବିଶେଷ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଏକ କାର୍ଯ୍ୟକାରୀ କମିଟି ଓ ଉପଦେଷ୍ଟା ଗଠନ କରାଯାଇଛି। ସଭାପତି ଭାବେ ଭିକାରୀ ଚରଣ ଧଳ, ଉପସଭାପତି ସନାତନ ଆଚାର୍ଯ୍ୟ, ସମ୍ପାଦକ ଅର୍ଜୁନ ଘଡେଇ, ସହସମ୍ପାଦକ ନରେନ୍ଦ୍ର ମୁଦୁଲି, କୋଷାଧ୍ୟକ୍ଷ ଶ୍ରୀମତୀ ବୈଜୟନ୍ତୀ ସାହୁ ଉପ କୋଷାଧକ୍ଷ ରମେଶ ଚନ୍ଦ୍ର ଦାସ ଓ ସଂଯୋଜକ ଭାବେ ପ୍ରଭାତ କୁମାର ମହାପାତ୍ର ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ମଧ୍ୟ କେତେକ ସକ୍ରୀୟ ସଭ୍ୟଙ୍କୁ ଗ୍ରହଣ କରାଯାଇଛି। ତା ସହିତ ସ୍ଥାନୀୟ ନେତୃତ୍ୱ, ସାହିତ୍ୟିକ,ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି,ସମାଜସେବୀ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଛି। ଆଗାମୀ ଦିନରେ ପୁସ୍ତକ ମେଳାର ସଫଳତା ପାଇଁ ପିପିଲି ଅଂଚଳର ସମସ୍ତ ଙ୍କ ସହଯୋଗ କାମନା କରାଯାଇଛି। ଏହି ପୁସ୍ତକ ମେଳାରେ ସାହିତ୍ୟ ଭିତ୍ତିକ ପ୍ରତିଯୋଗିତା, କବି ସମ୍ମେଳନ ଓ ସାହିତ୍ୟ ଆଲୋଚନା ଇତ୍ୟାଦି କାର୍ଯ୍ୟକ୍ରମ ରୂପରେଖ ରହିବ।

# ଶିଶୁ ଅନନ୍ତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ



ବାଲିପାଟଣା ,(ସବ୍ୟୁ) : ବାଲିପାଟଣା ବ୍ଲକର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଏକ ଆଠ ଦିନିଆ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମଧୁମତି ରଥ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ପ୍ରଶିକ୍ଷିକା ସୋନାଲିକା ପଣ୍ଡା ସମସ୍ତ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତ କର୍ମଚାରୀ ସହଯୋଗ କରୁଥିଲେ। ପରିଶେଷରେ ଛାତ୍ରୀ ମାନଙ୍କୁ ଗତ ୧୩ ତାରିଖ ରେ ପ୍ରଣାମ ପତ୍ର ପ୍ରଦାନ କରାଯାଇଥିଲା।

# ଆଠଗଡ ସହର ବୁଲିଲା ସ୍ୱଦେଶୀ ଜାଗରଣ ମଞ୍ଚ ସଚେତନତା ରଥ


ଆଠଗଡ଼, (ସବ୍ୟୁ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆଠଗଡ଼ ବିଜ୍ଞାପିତ ଅଞ୍ଚଳରେ ଏକ ସଚେତନତା ରଥ ବିଜ୍ଞାପିତ ଅଞ୍ଚଳର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରୁ ବାହାରି ଆଠଗଡ ସହର ପରିକ୍ରମା କରିଥିଲା । ଏଥିରେ ବିଦେଶୀ ଜିନିଷ ବର୍ଜନ କରିବା ସହିତ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ଲାଗି ସଚେତନତା ବାର୍ତ୍ତା ନେଇ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲା । ଏହି ରଥକୁ ଅତିଥି ଭାବେ କଟକ ଜିଲ୍ଲାର ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ଶୁଭାରମ୍ଭ କରିବା ସହିତ ବିଭିନ୍ନ ସ୍କୁଲ,କଲେଜର ଛାତ୍ରଛାତ୍ରୀ ସ୍ୱତନ୍ତ୍ର କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀରୁ ବାହାରି ଥିବା ଏହି ରଥକୁ ନେଇ ଓଡିଶାର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ ପ୍ରାନ୍ତ ସଂଗଠକ ରାଜେଶ ଦାସ , ପୁରୀ ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ପ୍ରାନ୍ତ ସଂଘର୍ଷ ବାହିନୀ ପ୍ରମୁଖ ପ୍ରହଲ୍ଲାଦ ବେହେରା, ପୂର୍ଣ୍ଣ କାଳୀନ କାର୍ଯ୍ୟକର୍ତ୍ତା ହୃଷିକେଶ ପ୍ରଧାନ ଯୋଗ ଦେଇ ସ୍ୱଦେଶୀ ଜିନିଷ ବ୍ୟବହାର ସମ୍ପର୍କ ରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ବିଦେଶୀ ସାମଗ୍ରୀକୁ ପ୍ରତ୍ୟାଖ୍ୟାନ କରି ସ୍ୱଦେଶୀ ସାମଗ୍ରୀ ଆପଣେଇବା ପାଇଁ ଏହି ସଚେତନତା ରାଲିର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଲଳିତ ସାହୁ, ବିଜେପି କଟକ ଗ୍ରାମୀଣ ସମ୍ପାଦକ ଉମାକାନ୍ତ ସେଠୀ, ସମାଜସେବୀ ନିଗମ ସ୍ୱାଇଁ ,ପ୍ରସନ ଭକ୍ତା, ସାମ୍ବାଦିକ ନୀଳକଣ୍ଠ ଦୋରା, ହିମାଂଶୁ ଶେଖର ସାହୁ ଙ୍କ ସମେତ ଆଠଗଡ ଅଞ୍ଚଳର ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ବିଶ୍ୱନାଥ ବିଦ୍ୟାପୀଠର ଛାତ୍ର ଛାତ୍ରୀ ଙ୍କ ସହ ଏନ୍ ସିସି ,ସ୍କାଉଟ କ୍ୟାଡେଟ ମାନେ ଯୋଗ ଦେଇଥିଲେ।

# ଶତାୟୁ ସ୍ୱାଧୀନତାସଂଗ୍ରାମୀ ସୋମନାଥଙ୍କ ପରଲୋକ

କାକଟପୁର ,(ସବ୍ୟୁ) : ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତାସଂଗ୍ରାମୀ, ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ବିପ୍ଳବୀ ରାଜନେତା, କୃଷକ ଆନ୍ଦୋଳନର ଅଗ୍ରଦୂତ, ପ୍ରବୀଣ ସାରସ୍ୱତ ସାଧକ ତଥା ସାମ୍ୟବାଦୀ ଚେତନାର ବରେଣ୍ୟ ପ୍ରତିଭା ସୋମନାଥ ପାତ୍ର ବିୟୋଗରେ କାକଟପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପାର୍ଥିବ ଶରୀର କାକଟପୁର ଠାରେ ପହଂଚିବା ପରେ କୁ,ଇ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା କାକଟପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତୁଷାର କାନ୍ତ ସ୍ୱାଇଁ, ପାନୀୟ ଜଳ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ରୋହିତ କୁମାର ସେଠୀ, ବିଜେପି ନେତା ଦୁଷ୍ମନ୍ତ ମଲ୍ଲ,ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ ପରିଡ଼ା, ବୃନ୍ଦାବନ ବିଶ୍ୱାଳ, ପ୍ରଶାନ୍ତ ଜେନା, ଅଲେଖ ବିଶ୍ୱାଳ, ତ୍ରିଲୋଚନ ବେହେରା, ଓ ବହୁ ରାଜନେତା, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁ ତାଙ୍କର ଶେଷ ଦର୍ଶନ କରିଥିଲେ। କାକଟପୁର ବ୍ଲକ ବାଜପୁର ଗ୍ରାମରେ ଏକ ସାଧାରଣ ପରିବାରରେ ହୋଇଥିଲା । ତାଙ୍କ ବାପାଙ୍କ ନାମ ଧନୀ ପାତ୍ର ଓ ମାଙ୍କ ନାମ ଚାନ୍ଦ ଦେଇ। ସେ ଯୁବାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅନେକ ବାର କାରାବରଣ କରିଥିଲେ। ତାଙ୍କର ୪୦ରୁ ଅଧିକ ପୁସ୍ତକ ପ୍ରକାଶ ପାଇଁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କର ପାର୍ଥିବ ଶରୀର ଏକ ବିରାଟ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରା ଯାଇଥିଲା।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଚାନକ ପରିଦର୍ଶନ

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ସିଆରସିସି ବିଜୟ କୁମାର ମାନସିଂହଙ୍କ ସହିତ ଅଚ୍ୟୁତପୁର କ୍ଲଷ୍ଟରର ଡି. ଏମ୍.ଏଚ.ଏସ, ହାଇସ୍କୁଲ, ସରକାରୀ ପ୍ରାଥମିକ ବିଦ୍ୟାଳୟ କମାଗୁରୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଚ୍ୟୁତପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ ବେଲପଦା ଆଦି ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଆସିଥିଲେ।



ବିଦ୍ୟାଳୟ ସ୍ତରରେ ପରିବେଶ ସଫାସୁତୁରା, ଶ୍ରେଣୀଗୃହ ପରିବେଶ, ଦୈନିକ ପାଠ୍ୟ ଟୀକା, ମଧ୍ୟାହ୍ନ ଭୋଜନ କାର୍ଯ୍ୟ, ଶିକ୍ଷକ ଓ ଛାତ୍ର ଉପସ୍ଥାନ ତଦାରଖ କରିବା ସହିତ, ଏହାର ସଠିକ୍ ପରିଚାଳନା ପାଇଁ ତାଗିଦ୍ କରିଥିଲେ। କିଛି ଶିକ୍ଷକ ବିଦ୍ୟାଳୟରେ ବିଳମ୍ବରେ ପହଞ୍ଚି ଥିବାରୁ ନିର୍ଦ୍ଦିଷ୍ଟ ଶିକ୍ଷକ ମାନଙ୍କୁ ଠିକ୍ ସମୟରେ ଆସି ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ।

# ସ୍ମାର୍ଟ ଭୟ

## ସ୍ମାର୍ଟ ମିଟର ପାଇଁ ଆନ୍ଦୋଳନ ନା ଭବିଷ୍ୟତ ସହ ଖେଳ ?

ଯଦି ଆମେ ଆମର ସାରା ଜୀବନର ସଞ୍ଚିତ ପୁଞ୍ଜିକୁ ବିଭିନ୍ନ ଡିଜିଟାଲ୍ ଆପ୍ ଉପରେ ଭରସା କରି ରଖିପାରୁଛେ, ତେବେ ଏକ ଡିଜିଟାଲ୍ ବିଦ୍ୟୁତ୍ ମିଟରକୁ ଆମେ କାହିଁକି ଗୁଇନ୍ଦା ଭାବେ ଦେଖୁଛେ ?

ଭାରତର ଅର୍ଥନୈତିକ ସଂସ୍କାର ଇତିହାସରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ୯୦ ଦଶକରେ ବିଦ୍ୟୁତ କ୍ଷେତ୍ରର ଘରୋଇକରଣ ଏବଂ ପୃଥକୀକରଣ କରିବାରେ ଆମେ ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟ ଥିଲୁ। କିନ୍ତୁ ଆଜି, ଯେତେବେଳେ ରାଜ୍ୟ 'ସ୍ମାର୍ଟ ମିଟର' ଜରିଆରେ ବିଦ୍ୟୁତ ଗ୍ରିଡକୁ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବାକୁ ପାଦ ବଢ଼ାଉଛି, ସେତେବେଳେ ଏକ ଅଜଣା ଭୟ ଓ ବିତର୍କ ଆମକୁ ପଛକୁ ଟାଣୁଛି । ଏହି ବିତର୍କରେ ତଥ୍ୟ କମ୍ ଏବଂ ପାଟିତୁଣ୍ଡ ଅଧିକ ରହିଛି ।

ଜଣେ ଶିକ୍ଷାବିତ୍ ଭାବେ ମୋର ମତରେ, ଏହି ଆନ୍ଦୋଳନ 'ଉପଭୋକ୍ତାଙ୍କ ସୁରକ୍ଷା' ପାଇଁ କମ୍ ଏବଂ 'ଟେକ୍ନୋଫୋବିଆ' ବା ପ୍ରଯୁକ୍ତିବିଦ୍ୟାକୁ ଭୟ ପାଇଁ ଅଧିକ। କିଛି ରାତାରାତି ସୃଷ୍ଟି ହୋଇଥିବା ବିଦ୍ୟୁତ ବିଶେଷଜ୍ଞ ଏହାକୁ ଅଧିକ ଜଟିଳ କରୁଛନ୍ତି । ରାଜନୈତିକ କୋଳାହଳଠାରୁ ବୈଷୟିକ ସତ୍ୟକୁ ପୃଥକ କରି ଦେଖିବା ଜରୁରୀ, ନଚେତ୍ ସମସ୍ତ ଭାରତ ଆଗକୁ ବଢୁଥିବା ବେଳେ ଓଡ଼ିଶା ବିଦ୍ୟୁତ ପରିଚାଳନାର ଅନ୍ଧକାର ଯୁଗକୁ ଫେରିଯିବାର ଆଶଙ୍କା ରହିଛି ।



### ମିଟର ଜୋରରେ ଚାଲିବାର ଭ୍ରାନ୍ତ ଧାରଣା

ଆଜିକାଲି ଏକ ଗୁଜବ ଶୁଣିବାକୁ ମିଳୁଛି ଯେ ସ୍ମାର୍ଟ ମିଟର ଅଧିକ ବେଗରେ ଚାଲେ କିମ୍ବା ଏହାର ତଥ୍ୟକୁ ରିମୋଟ୍ ସର୍ଭର ମାଧ୍ୟମରେ ବଦଳାଯାଇ ପାରିବ । କିନ୍ତୁ ଏହି ଯୁକ୍ତିର କୌଣସି ଆଧାର ନାହିଁ । ଆମେ ଆଜି କିପରି ବଞ୍ଚୁଛେ ଥରେ ଚିନ୍ତା କରନ୍ତୁ । ଆମେୟୁପିଆଇ ଜରିଆରେ ଟଙ୍କା ପଠାଉଛେ, ମୋବାଇଲ୍ ଆପରେ ସେୟାର୍ ବଜାର କାରବାର କରୁଛେ ଏବଂ ଅନଲାଇନ୍ ବିମାନ ଟିକେଟ୍ ବୁକ୍ କରୁଛେ । ଏହି ସବୁ ସମୟରେ ଆମର ତଥ୍ୟ ଏକ ସର୍ଭରକୁ ଯାଇ ପ୍ରୋସେସ୍ ହୋଇ ଟ୍ରାଞ୍ଜାକସନ୍ ଭାବେ ଫେରିଆସେ । ଆମେ ଆମର କଷ୍ଟଅର୍ଜିତ ସଞ୍ଚୟ ପାଇଁ ଏହି ଡିଜିଟାଲ୍ ବ୍ୟବସ୍ଥାକୁ ବିଶ୍ୱାସ କରୁଛେ । କିନ୍ତୁ ଯେତେବେଳେ ସମାନ ସୁରକ୍ଷିତ ଏବଂ ଅଡିଟେବଲ୍ ଟେକ୍ନୋଲୋଜି ବ୍ୟବହାର କରି ବିଦ୍ୟୁତ ୟୁନିଟ୍ ଗଣାଯାଏ, ସେତେବେଳେ ସେହି ସମାନ ଟେକ୍ନୋଲୋଜି କିପରି ଖରାପ ହୋଇଯାଏ ?

ସ୍ମାର୍ଟ ମିଟର କୌଣସି ରହସ୍ୟମୟ ବାକ୍ସ ନୁହେଁ । ଏହା ଏକ ସ୍ଥିର ମିଟର ଯେଉଁଥିରେ ଏକ କମ୍ୟୁନିକେସନ ଚିପ୍ ଲାଗିଛି, ଯାହା ମାଧ୍ୟମରେ ମିଟରଟି ଏସଏମଏସ ପଠାଇପାରେ । ଏହା 'ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍' (IS 16444) ଦ୍ୱାରା ପରିଚାଳିତ । ଏଥିରେ ଲିପିବଦ୍ଧ ହୋଇଥିବା ଡାଟାକୁ ବଦଳାଯାଇ ପାରିବ ନାହିଁ । ୟୁଟିଲିଟି ବିଦ୍ୟୁତ ସଂଯୋଗ କାଟିପାରେ କିମ୍ବା ଯୋଡିପାରେ, କିନ୍ତୁ ବ୍ୟବହାର ହୋଇଥିବା ୟୁନିଟକୁ ବଦଳାଇ ପାରିବ ନାହିଁ ଠିକ୍ ଯେମିତି ଜଣେ ବ୍ୟାଙ୍କ ମ୍ୟାନେଜର ଆପଣଙ୍କ ଏଟିଏମ ଉଠାଣ ତଥ୍ୟକୁ ବିନା ପ୍ରମାଣରେ ବଦଳାଇ ପାରିବେ ନାହିଁ ।

### ନିୟାମକଙ୍କ ସୁରକ୍ଷା କବଚ: ପ୍ରକୃତରେ ନିୟନ୍ତ୍ରଣ କାହା ହାତରେ?

ସାଧାରଣରେ ଏକ ଭୁଲ୍ ଧାରଣା ରହିଛି ଯେ ଟାଟା ପାଓ୍ୱାର ଭଳି ଘରୋଇ ଡିସକମ୍ ଗୁଡ଼ିକ ନିଜ ଲାଭ ପାଇଁ ଏହି ମିଟର ବାଧ୍ୟତାମୂଳକ କରୁଛନ୍ତି । ଏହି ଯୁକ୍ତି ଭାରତର ବିଦ୍ୟୁତ କ୍ଷେତ୍ରର ପରିଚାଳନା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି ।

ସ୍ମାର୍ଟ ମିଟରିଂ କୌଣସି କର୍ପୋରେଟ୍ ବ୍ୟବସାୟ ପାଇଁ ଯୋଜନା ନୁହେଁ, ବରଂ ଏହା କେନ୍ଦ୍ର ବିଦ୍ୟୁତ ମନ୍ତ୍ରଣାଳୟର ଏକ ଜାତୀୟ ଅଭିଯାନ ଏବଂ ଏହା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଦ୍ୱାରା ନିୟନ୍ତ୍ରିତ । ଡିସକମ୍ ଗୁଡ଼ିକ କେବଳ ଏହାର କାର୍ଯ୍ୟକାରୀ ସଂସ୍ଥା । ସେମାନେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ବିନା ନିଜ ଇଚ୍ଛାରେ ମିଟରର ଦାମ୍, ଭଡ଼ା କିମ୍ବା ଶୁଳ୍କ ସ୍ଥିର କରିପାରିବେ ନାହିଁ ।

ପ୍ରକୃତରେ, ଗରିବ ଲୋକଙ୍କ ଆର୍ଥିକ ସୁରକ୍ଷା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ବିଲ୍ ଯୋଜନା' ମାଧ୍ୟମରେ ୨ କିଲୋୱାଟ୍ ପର୍ଯ୍ୟନ୍ତ ଘରୋଇ ଉପଭୋକ୍ତାଙ୍କ ପାଇଁ ମିଟର ଭଡ଼ା ଛାଡ଼ କରିଛନ୍ତି । ଏହାର ସୁଫଳ ପ୍ରାୟ ୮୭ ପ୍ରତିଶତ ଉପଭୋକ୍ତା ପାଇବେ । ଯଦି କେବଳ କର୍ପୋରେଟ୍ ଲାଭ ହିଁ ଲକ୍ଷ୍ୟ ହୋଇଥାନ୍ତା, ତେବେ ସରକାର କାହିଁକି ଗରିବଙ୍କ ପାଇଁ ଏହି ସବସିଡି ଯୋଗାଇ ଦେଇଥାନ୍ତେ ?

### ପୁରୁଣା ବ୍ୟବସ୍ଥାର କ୍ଷତି କାହାକୁ ?

ବିରୋଧ କାହିଁକି ହେଉଛି? ଆମକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ । ପୁରୁଣା ମାନୁଆଲ୍ ମିଟର ରିଡିଂରେ ଅନେକ ତ୍ରୁଟି ଥିଲା, ଯାହା ବିଦ୍ୟୁତ ଚୋରି ଏବଂ କମ୍ ବିଲିଂ ପାଇଁ ସୁଯୋଗ ସୃଷ୍ଟି କରୁଥିଲା । ସ୍ମାର୍ଟ ମିଟର ସେହି ସୁଯୋଗକୁ ବନ୍ଦ କରିଦେଇଛି । ।

ଯେଉଁମାନେ ପୁରୁଣା ବ୍ୟବସ୍ଥାରେ ଏହି ଅସ୍ୱଷ୍ଟତାରୁ ଲାଭ ଉଠାଉଥିଲେ, ସେମାନେ ହିଁ ଆଜି ସ୍ୱଚ୍ଛତାକୁ ବିରୋଧ କରୁଛନ୍ତି । କିନ୍ତୁ ବିଦ୍ୟୁତ ଚୋରିର ମୂଲ୍ୟ କିଏ ଦିଏ ? ଜଣେ ସଚ୍ଚୋଟ ଗ୍ରାହକ । କିନ୍ତୁ ଏହି ବିଦ୍ୟୁତ୍ ଚୋରିର ମୂଲ୍ୟ କିଏ ଦିଏ ? ଜଣେ ସଚ୍ଚୋଟ ଉପଭୋକ୍ତା। ଯେତେବେଳେ ବିଦ୍ୟୁତ ଚୋରି ହୁଏ, ସେହି କ୍ଷତିର ଭରଣା ଶୁଳ୍କ ବୃଦ୍ଧି ମାଧ୍ୟମରେ କରାଯାଏ। ସ୍ମାର୍ଟ ମିଟର ହେଉଛି ଏକମାତ୍ର ଉପାୟ ଯାହା ଚୋରି ରୋକିହେବ ଏବଂ ସଚ୍ଚୋଟ ଉପଭୋକ୍ତାଙ୍କ ଉପରୁ ଆର୍ଥିକ ବୋଝ କମାଇବ ।

### ପଡ଼ୋଶୀ ରାଜ୍ୟଙ୍କଠାରୁ ଶିକ୍ଷା

ଯେତେବେଳେ ଆମେ ବୈଜ୍ଞାନିକ ସତ୍ୟତାକୁ ନେଇ ବିତର୍କ କରୁଛେ, ଆମ ପଡ଼ୋଶୀ ରାଜ୍ୟଗୁଡ଼ିକ ଏହାର ସୁଫଳ ପାଉଛନ୍ତି । ବିହାର ପରି ରାଜ୍ୟରେ ୮୨ ଲକ୍ଷରୁ ଅଧିକ ସ୍ମାର୍ଟ ମିଟର ଲାଗିସାରିଲାଣି । ଫଳସ୍ୱରୂପ, ସେଠାରେ ରାଜସ୍ୱ ଆଦାୟରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି, ଏବଂ ସେହି ଟଙ୍କାକୁ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ସୁଧାରିବା ପାଇଁ ନିବେଶ କରାଯାଉଛି। ଆସାମ ମଧ୍ୟ ସମାନ ପଥରେ ଚାଲୁଛି । ସେମାନେ ବୁଝିଛନ୍ତି ଯେ ଏକବିଂଶ ଶତାବ୍ଦୀର ଅର୍ଥନୀତିକୁ ବିଂଶ ଶତାବ୍ଦୀର ପୁରୁଣା ଭିତ୍ତିଭୂମି ସହ ଚଳାଇ ହେବ ନାହିଁ ।

### ନିଷ୍ପତ୍ତି ଆମର: ଅଟକି ରହିବା ନା ଆଗକୁ ବଢ଼ିବା ?

ପ୍ରଯୁକ୍ତିବିଦ୍ୟା ବା ଟେକ୍ନୋଲୋଜି ଗରିବଙ୍କ କ୍ଷତି କରେ - ଏହି ଚିନ୍ତାଧାରା ଏକ ଅଳସୁଆ ଏବଂ ଭ୍ରମାତ୍ମକ ପ୍ରଚାର ମାତ୍ର । ପ୍ରକୃତରେ, ଟେକ୍ନୋଲୋଜି ହିଁ ଗରିବ ଶ୍ରେଣୀକୁ ସଶକ୍ତ କରିଥାଏ । ଏହା ସୁନିଶ୍ଚିତ କରେ ଯେ, ଧନୀ ଲୋକଙ୍କ ବିଦ୍ୟୁତ୍ ଚୋରି କିମ୍ବା ବ୍ୟବସ୍ଥାରେ ଥିବା ଦୁର୍ନୀତିର ବୋଝ ଯେପରି ଜଣେ ସାଧାରଣ ଗରିବ ଉପଭୋକ୍ତାଙ୍କ ଉପରେ ନପଡ଼େ ।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଏବଂ ଅକ୍ଷୟ ଶକ୍ତିର ସଫଳ ପରିଚାଳନା ପାଇଁ ଏକ ଦୃଢ଼ ତଥା ଡିଜିଟାଲ୍ ବିଦ୍ୟୁତ୍ ଗ୍ରିଡର ନିହାତି ଆବଶ୍ୟକତା ରହିଛି । ସ୍ମାର୍ଟ ମିଟରକୁ ବିରୋଧ କରିବା ଦ୍ୱାରା ଅର୍ଥ ସଞ୍ଚୟ ହୁଏନାହିଁ, ବରଂ ଏହା ଏକ ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ବଞ୍ଚାଇ ରଖେ ।

**ଆଜି ଆମକୁ ବାଛିବାକୁ ହେବ:** ଆମେ କ'ଣ ଏମିତି ଏକ ରାଜ୍ୟ ହୋଇ ରହିବାକୁ ଚାହୁଁ ଯିଏ ସବୁବେଳେ ସନ୍ଦେହ ଏବଂ ଅନ୍ଧବିଶ୍ୱାସ ମଧ୍ୟରେ ଛନ୍ଦି ହୋଇ ରହିବ? ନା ଏପରି ଏକ ଓଡ଼ିଶା ଗଢ଼ିବା ଯିଏ ପ୍ରମାଣ ଭିତ୍ତିକ ପ୍ରଗତିକୁ ଆପଣେଇ ନେବ? ସମୟର ଚକ (ମିଟର) ବୁଲୁଛି, ଏବଂ ଆମେ ବର୍ତ୍ତମାନ ପଛରେ ପଡ଼ିଯାଉଛେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୧୭)**

**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଅବିନାଶି ତୁ ତଦ୍ୱିଦ୍ଧି ଯେ ନ ସର୍ବମିଦଂ ତତମ୍ ।**
**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି ।। ୧୭ ।।**

(ସଭାବମବିନାଶି ବସ୍ତୁ, ଏତତ୍ ବିଶେଷତୋ ଦର୍ଶୟତି)–ଯେନ ଇଦଂ ସର୍ବଂ (ପରିଦୃଶ୍ୟମାନଂ ଜଗତ୍) ତତଂ (ବ୍ୟାପ୍ତଂ) ତତ୍ ତୁ ଅବିନାଶି (ନିତ୍ୟଂ) ବିଦ୍ଧି (ଜାନୀହି): କଶ୍ଚିତ୍ (କୋଽପି) ଅବ୍ୟୟସ୍ୟ (ଉପଚିତିନାଶହୀନସ୍ୟ) ଅସ୍ୟ (ଆତ୍ମନଃ) ବିନାଶଂ କର୍ତ୍ତୁଂ ନ ଅର୍ହତି ( ସମର୍ଥଃ ଭବତି) ।। ୧୭ ।।

# ରାଜନୀତିର ବିଚିତ୍ର ଗତି

ପ୍ରତ୍ୟେକ ରାଜନୀତିକ ଦଳରେ ମତଭେଦ ଥାଏ । ଅର୍ନ୍ତଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ । ଦୀର୍ଘ ଚବିଶ ବର୍ଷ କାଳ ମୁଖ୍ୟମନ୍ତ୍ରୀ ଓ ବିଜେଡି ଦଳର ସଭାପତି ଥିବା ନବୀନ ପଟ୍ଟନାୟକଙ୍କ ଆଞ୍ଚଳିକ ଦଳରେ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ଏପରି ଘଟଣା କ'ଣ ହେଲା ଯେ ଦୁଇଜଣ ବିଧାୟକଙ୍କୁ, ଜଣେ ଅଭିଜ୍ଞ ଓ ଆଉ ଜଣେ ନବାଗତଙ୍କୁ ଦଳରୁ ନିଲମ୍ବିତ କରାଗଲା ? ଅବଶ୍ୟ ଏହା ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର । ଏବେ ବି ବିଜେଡି ବିଧାନସଭାରେ ସବୁଠାରୁ ବଡ଼ ବିରୋଧୀ ଦଳ ଭାବେ କଂଗ୍ରେସକୁ ପଛରେ ପକାଇ ପାରିଛି । ଓଡ଼ିଶାର ଲୋକେ କଂଗ୍ରେସ ପରି ଏକ ଜାତୀୟ ରାଜନୀତିକ ଦଳକୁ ପଛରେ ପକାଇ ପରିବର୍ତ୍ତନ ଚାହିଁଥିଲେ । ଫଳରେ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର ଭାବେ ନବୀନ ପଟ୍ଟନାୟକ, ବିଜୁ ବାବୁଙ୍କ ଦେହାନ୍ତ ପରେ ତାଙ୍କରି ନାମରେ ଗଠିତ ଆଞ୍ଚଳିକ ଦଳର ନେତୃତ୍ୱ ନେଇ ପାରିଲେ । ନବୀନଙ୍କ ବୈଶିଷ୍ଟ୍ୟ ଏହି ଯେ ସେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସହିତ ହାତ ମିଳାଇ ରହିଥିଲେ ଏବଂ ପରେ କେନ୍ଦ୍ରର କଂଗ୍ରେସ ଦଳର ସରକାରଙ୍କ ସହ ମଧ୍ୟ ଭଲ ସମ୍ପର୍କ ରଖି ରାଜ୍ୟରେ ବିଜେଡି ସରକାରଙ୍କୁ ସୁଦୃଢ଼ କରି ପାରିଥିଲେ । କିନ୍ତୁ ଏବେ ପୂର୍ବପରି ତାଙ୍କର ଆଉ ଦୃଢ଼ତା ନାହିଁ । ନିଜ ଦଳ ହିଁ ତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ତାଙ୍କୁ ମାନି ଅବଶ୍ୟ କେତେ ଜଣ ତାଙ୍କ ସହିତ ଅଛନ୍ତି, ସେଥିଲାଗି ବିଜେଡି ଦଳ ରହିଛି ବୋଲି କୁହାଯାଇପାରେ । ଅନେକ ଭଲ ନେତା ବି ବିଜେଡିରେ ଅଛନ୍ତି ।

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବିଧାୟକ ସନାତନ ମହାକୁଡ ଜଣେ ଅଭିଜ୍ଞ ରାଜନେତା । ଯେତେବେଳେ କେନ୍ଦୁଝର ଜିଲ୍ଲାରେ ବିଜେଡିରୁ ବେଶୀ ବିଧାୟକ ନିର୍ବାଚିତ ହୋଇଥିଲେ, ସେ କିନ୍ତୁ ସ୍ୱାଧୀନ ବିଧାୟକ ଭାବେ ଜିତି ବିଜେଡିକୁ ସମର୍ଥନ କରି ଆସୁଥିଲେ । ସେ ବିଜେଡି ପାଇଁ ଅତ୍ୟନ୍ତ ଦରକାରୀ ବା ଆସେଟ୍ ବୋଲି ନବୀନ ଅନୁଭବ କରି ତାଙ୍କୁ ହିଁ ଦଳରୁ ଟିକେଟ ଦେଇଥିଲେ । ସେ ତ ନିର୍ବାଚନ ଜିତିଲେ, ମାତ୍ର ତାଙ୍କ ଦଳ ବିଜେଡି ପରିବର୍ତ୍ତେ ବିଜେପି ଦଳ ଓଡ଼ିଶାରେ ଏଥର ସରକାର ଗଠନ କଲା । ପୁଣି କେନ୍ଦୁଝର ଜିଲ୍ଲାରୁ ପ୍ରଥମ ଥର ଲାଗି ମୋହନ ଚରଣ ମାଝୀ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ହେଲେ । ତେଣୁ ଆଞ୍ଚଳିକ ଉନ୍ନତି ପାଇଁ ସେ ହୁଏତ ମୋହନ ଚରଣ ମାଝୀ ସହିତ ସମ୍ପର୍କ ରଖିଥିଲେ । ଏ ଖବର ପାଇ ନବୀନ ବା ତାଙ୍କ ବିଜେଡି ଦଳ ସନାତନ ମହାକୁଡଙ୍କ ଉପରେ ଅସନ୍ତୁଷ୍ଟ ମଧ୍ୟ ଥିଲେ । ଥରେ ନବୀନ ବାବୁଙ୍କୁ ସେ ଦେଖା କରିଥାନ୍ତେ, ମାତ୍ର ଯାଇ ପାରିଲେନି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ତାଙ୍କର ଦେଖା ହୋଇଥିଲା । ଏହା ପରେ ନବୀନ ମଧ୍ୟ ତାଙ୍କୁ ସେ କଥା କୁଆଡେ ପଚାରିଥିଲେ । ସେ ଯାହା ହେଉ, ତାଙ୍କୁ ଦଳରୁ ନିଲମ୍ବିତ କରାଯିବା ପରେ ସେ ହୁଏତ ନୈତିକତା ଦୃଷ୍ଟିରୁ ବିଧାୟକ ପଦରୁ ଇସ୍ତଫା ଦେଇ ପାରିଥା'ନ୍ତେ । ମାତ୍ର ଇସ୍ତଫା ନ ଦେଇ ମଧ୍ୟ ସେ ବିଧାନସଭାର ଜଣେ ଅସଂଲଗ୍ନ ସଦସ୍ୟ (Unattached Member) ଭାବେ ବିଧାନସଭା ଅଧିବେଶନରେ ଦଳୀୟ ବିଧାୟକମାନଙ୍କଠାରୁ ଅଲଗା ଭାବେ ବସି ପାରିବେ । ଏପରିକି ଭୋଟ ବେଳେ ସେ ବିଜେଡି ସହିତ ନ ରହି ବିଜେପିର ଜଣେ ସହାନୁଭୂତି ପ୍ରକାଶ କରୁଥିବା (Sympathiser) ସଦସ୍ୟ ଭାବେ ରହିପାରିବେ । ଭବିଷ୍ୟତରେ ତାହା ହିଁ ହେବ ବୋଲି ସୂଚନା ମିଳୁଛି । ସେହିପରି ଅତୀତରେ ବିଜେଡିରୁ ମନ୍ତ୍ରୀ ହୋଇଥିବା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କର ଜଣେ ପୁତ୍ର ମଧ୍ୟ ବିଜେପିକୁ ସମର୍ଥନ କରିବେ ବୋଲି ତାଙ୍କ ହାବଭାବରୁ ପରିଲକ୍ଷିତ ହେଉଛି ।

ଗତ ୨୦୨୪ର ସାଧାରଣ ନିର୍ବାଚନରେ ପାଟକୁରାରୁ ଜୟଯୁକ୍ତ ହୋଇଥିବା ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ଅଚାନକ ନିଲମ୍ବିତ କରା ଯାଇଥିବା ଘଟଣା କେବଳ ତାଙ୍କୁ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି । ଏହାର କାରଣ କ'ଣ ହୋଇପାରେ ? ଏହାର କାରଣ ସେଠାକାର ଜଣେ ପୂର୍ବତନ ବିଧାୟକ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି । କାରଣ ବିଜେଡି ଆରମ୍ଭ ହେବା ସମୟରେ ଦଳରେ ଥିବା ତାଙ୍କ ପିତା ବିଜୟ ମହାପାତ୍ରଙ୍କ ତଡିତ୍ ଗଣମାଧ୍ୟମରେ ରୋକ୍‌ଠୋକ୍ କଥାବାର୍ତ୍ତା କରିବା ସହିତ ପାଟକୁରା ଅଞ୍ଚଳକୁ ସେ ଯିବା ଆସିବା କରି ଏବେ ପ୍ରଭାବ ବିସ୍ତାର କରିବା ଏପରି ନିଲମ୍ବନର ଅନ୍ୟତମ କାରଣ ହୋଇପାରେ । ଏକଦା ନବୀନଙ୍କ ପରାମର୍ଶଦାତାଙ୍କ ଦ୍ୱାରା ବିଜୟଙ୍କୁ କୌଶଳ କ୍ରମେ ବିଜେଡି ଟିକେଟରୁ ବଞ୍ଚିତ କରାଯାଇ ଯାହାଙ୍କୁ ଟିକେଟ ଦିଆ ଯାଇଥିଲା, ସେ ମଧ୍ୟ ବିଜେଡି ରାଜନୀତିରେ ପ୍ରଭାବ ବିସ୍ତାର କରି ବିଜୟ ମହାପାତ୍ରଙ୍କ ପ୍ରଭାବକୁ ହ୍ରାସ କରିଥିଲେ ଓ ପ୍ରତ୍ୟକ୍ଷ ରାଜନୀତିରୁ ତାଙ୍କୁ ଦୂରେଇ ରଖିଥିଲେ । ଏବେ ବିଜୟ ବାବୁ ଟିକେ ସକ୍ରିୟ ହୋଇଯିବାରୁ ତାଙ୍କ ପୁତ୍ରର ପ୍ରଭାବ ହ୍ରାସ ପାଇଁ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଥାଇପାରେ ବୋଲି ମଧ୍ୟ କୁହାଯାଉଛି । ସେ ମଧ୍ୟ ବିଜେପି ଆଡ଼କୁ ଢଳିବାର ସମ୍ଭାବନା ରହିଛି । କଂଗ୍ରେସ ଦଳର ଜଣେ ବିଧାୟିକାଙ୍କୁ ନେଇ ଦଳ କର୍ତ୍ତୃପକ୍ଷ ଏବେ ଚିନ୍ତାରେ ଅଛନ୍ତି । ନୂତନ ଦଳ ଓଡ଼ିଶାରେ ଗଢାଯାଉ ବା ନଯାଉ, ଶାସକ ବିଜେପି ଦଳର ପ୍ରାଧାନ୍ୟ ଯେ ବଢୁଛି, ଏଥିରେ ସନ୍ଦେହ ନାହିଁ ।

**ଭକ୍ତିର ଶକ୍ତି**

**ଭକ୍ତ ଏତେ ଶକ୍ତିଶାଳୀ ଯେ ନିଜର ଭକ୍ତି ମାଧ୍ୟମରେ ଅନନ୍ତ ଈଶ୍ୱରଙ୍କୁ ନିଜ ହୃଦୟରେ ସ୍ଥାନିତ କରିଦିଏ ।**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକାଶଶୀଳ ରାଷ୍ଟ୍ରର ପରିଚାଳନା



**କିଶୋର ଚନ୍ଦ୍ର ବେହେରା**

ଉତ୍ତମ ଶାସନ ଏକ ଏକ ଆଦର୍ଶ ଢାଞ୍ଚା ଯାହା ରାଷ୍ଟ୍ରୀୟ କ୍ଷମତା ଓ ବ୍ୟକ୍ତିର ସ୍ୱାଧୀନତା ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ଉତ୍ତମ ଶାସନ ଦ୍ୱାରା ରାଜନୈତିକ ପ୍ରତିଷ୍ଠାନ ଓ ଅର୍ଥନୈତିକ ବ୍ୟବସ୍ଥାର ସଠିକ ମୂଲ୍ୟାୟନ କରାଯାଇ ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ କରାଯାଇଥାଏ । ରାଷ୍ଟ୍ରର ପରିଚାଳନା, ସମସ୍ତ ରାଜନୈତିକ ଅନୁଷ୍ଠାନମାନଙ୍କର କାର୍ଯ୍ୟକାରୀତା ଓ ସାଧାରଣ ସମ୍ବଳ ସଠିକ ବିନିଯୋଗ ଓ ସାଧାରଣଙ୍କ ଆବଶ୍ୟକତାର ପୂରଣ ପାଇଁ ଶାସନ ହେଉଛି ଏକ ବଳିଷ୍ଠ ମାଧ୍ୟମ ।

ଶାସନ ମାଧ୍ୟମରେ ସରକାରୀ ନୀତି ଓ ନିଷ୍ପତ୍ତି ନିର୍ଦ୍ଧାରିତ ହେବା ସହିତ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥାଏ । ପ୍ରତ୍ୟେକ ସର୍ବସାଧାରଣ ଏବଂ ସରକାରୀ ଅନୁଷ୍ଠାନ କିଭଳି ସାଧାରଣ ସମ୍ବଳକୁ ସଠିକ୍ ବିନିଯୋଗ କରୁଛନ୍ତି ତାହାର ସୂଚନା ଶାସନ ପ୍ରଣାଳୀରୁ ଅବଗତ ହୋଇଥାଏ । ତେଣୁ ସ୍ଥାନୀୟ, ଜାତୀୟ, ଅନ୍ତର୍ଜାତୀୟ ଓ ବ୍ୟାବସାୟିକ ପ୍ରତିଷ୍ଠାନ କ୍ଷେତ୍ରରେ ଶାସନର ଗୁରୁତ୍ୱ ପରିଲକ୍ଷିତ ହୋଇଥାଏ । ସରକାରଙ୍କ ତିନ ପ୍ରମୁଖ ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମିଳିତ ସହଯୋଗରେ ଶାସନ ପରିଚାଳନା ସମ୍ଭବ ହୋଇଥାଏ ।

ଉତ୍ତମ ଶାସନ ଗଣତନ୍ତ୍ରର ଦୃଢୀକରଣ, ସ୍ୱଚ୍ଛତାର ପରିପ୍ରକାଶ ସହିତ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ । ମିଳିତ ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନନଙ୍କ ମତରେ 'ଉତ୍ତମ ଶାସନ ମାନବିକ ଅଧିକାର ସୁରକ୍ଷା କରିବା ସହିତ ଆଇନର ଶାସନ ବ୍ୟବସ୍ଥାକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥାଏ ।' ଉତ୍ତମ ଶାସନର ମାନଦଣ୍ଡ ଓ ବୈଶିଷ୍ଟ୍ୟ କେବଳ ମିଳିତ ଜାତିସଂଘ ନିର୍ଦ୍ଧାରଣ କରେନାହିଁ ବରଂ ବିଶ୍ୱବ୍ୟାଙ୍କ ଓ ଅର୍ନ୍ତଜାତୀୟ ମୁଦ୍ରା ପାଣ୍ଠି ଉତ୍ତମ ଶାସନ ସଂପର୍କରେ ଟିପ୍ପଣୀ ରଖିଥାଏ । ନିର୍ଦ୍ଧାରଣ କରାଯାଇଥିବା ମାନଦଣ୍ଡ ମଧ୍ୟରେ ରାଜନୈତିକ ବ୍ୟବସ୍ଥାର ପ୍ରକୃତି, ରାଷ୍ଟ୍ରର ବିକାଶ ପାଇଁ ସାମାଜିକ ଓ ଆର୍ଥିକ ସମ୍ବଳର ସଦୁପଯୋଗ ଓ ନିଷ୍ପତ୍ତି ନିର୍ଦ୍ଧାରଣ ଓ କାର୍ଯ୍ୟକାରୀତା କ୍ଷେତ୍ରରେ ସରକାରଙ୍କ ଦକ୍ଷତା ଉପରେ ନିର୍ଭର କରିଥାଏ ।

ଉତ୍ତମ ଶାସନ ପାଇଁ ରାଷ୍ଟ୍ରର ଶାସନ ବ୍ୟବସ୍ଥା ସଦାସର୍ବଦା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେବା ଆବଶ୍ୟକ । ଏହି ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସରଳ ଓ ବୋଧଗମ୍ୟ ହେବା ଆବଶ୍ୟକ । ରାଷ୍ଟ୍ରର ସମସ୍ତ ନାଗରିକ ଆଇନ ଆଗରେ ସମାନ ଓ ଆଇନ ସମସ୍ତଙ୍କୁ ସମାନ ସୁରକ୍ଷା ପ୍ରଦାନ କରିବାର ବ୍ୟବସ୍ଥା କଲେ ରାଷ୍ଟ୍ରର ସୁଶାସନ ବ୍ୟବସ୍ଥା ସମ୍ଭବ ହୋଇ ପାରିବ । ପ୍ରଶାସନିକ ସ୍ତରରେ ଜନମତକୁ ସମ୍ମାନ ଓ ଜନସ୍ୱାର୍ଥର ସୁରକ୍ଷା ନିମନ୍ତେ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ବୈଷମ୍ୟତାର ବିଲୋପ କରି ଜାତି, ଧର୍ମ, ବର୍ଣ୍ଣ, ଭାଷା, ଲିଙ୍ଗ, ଆଞ୍ଚଳିକତାକୁ ନେଇ କୌଣସି ଭେଦଭାବ ରହିବା ଅନୁଚିତ ।

ନାଗରିକମାନଙ୍କର ରାଜନୈତିକ ଅଂଶଗ୍ରହଣ ଫଳରେ ସେମାନଙ୍କର ସମସ୍ୟାଗୁଡ଼ିକ ସହଜରେ ସମାଧାନ ହୋଇପାରେ ଏବଂ ସରକାର ଏକ ଜନମଙ୍ଗଳକାରୀ ରାଷ୍ଟ୍ର ପ୍ରତିଷ୍ଠା କରିବାରେ ସକ୍ଷମ ହୁଏ । ପ୍ରଶାସକମାନେ ସଦାସର୍ବଦା ଦକ୍ଷ ହେବା ସହିତ ସରକାରଙ୍କ ଜନହିତକାରୀ ଯୋଜନା ପ୍ରସ୍ତୁତ କରିବା କ୍ଷେତ୍ରରେ ପ୍ରୟାସ ଜାରି ରଖିବା ଦରକାର । ସରକାର ଓ ନାଗରିକ ସମାଜ ମଧ୍ୟରେ ଉତ୍ତମ ସମନ୍ୱୟ ରହିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ରାଷ୍ଟ୍ରରେ ନାଗରିକ ସମାଜ ସରକାରଙ୍କ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି, ତେଣୁ ସରକାର ଓ ନାଗରିକ ସମାଜ ମଧ୍ୟରେ ଉତ୍ତମ ସଂପର୍କ ଓ ସହଯୋଗ ପ୍ରତିଷ୍ଠା ହେବା ଆବଶ୍ୟକ । ମାନବିକ ଅଧିକାର ସୁରକ୍ଷା, ସାମାଜିକ ନ୍ୟାୟ ପ୍ରଦାନ, ଶୋଷଣ ବିଲୋପ ଓ କ୍ଷମତା ଅପପ୍ରୟୋଗକୁ ରୋକିବା ପାଇଁ ଦୃଢ ପଦକ୍ଷେପ ନ୍ୟାୟପାଳିକା ନେବା ଆବଶ୍ୟକ । ଏକ ରାଷ୍ଟ୍ରର ବିକାଶ ପାଇଁ ଉଭୟ ନାଗରିକ ଓ ଜନପ୍ରତିନିଧି ନେତୃବୃନ୍ଦଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୦୦୬ ମସିହାରେ ଅର୍ନ୍ତଜାତିକ ଉନ୍ନୟନ ବିଭାଗ ଦ୍ୱାରା ପ୍ରକାଶିତ ଶ୍ୱେତପତ୍ରରେ ଉତ୍ତମ ଶାସନକୁ କେବଳ ସରକାର ମଧ୍ୟରେ ସୀମାବଦ୍ଧ ନକରି ଏହାକୁ ସଂସଦ, ରାଜନୈତିକ ଦଳ, ନ୍ୟାୟପାଳିକା, ଗଣମାଧ୍ୟମ, ସଭ୍ୟ ସମାଜ ଆଦି ଅନୁଷ୍ଠାନ ସହିତ ସଂପର୍କ ରହିଛି ।

ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଆଧୁନିକ ଶାସନ ବ୍ୟବସ୍ଥାର ଏକ ଶକ୍ତିଶାଳୀ ମାଧ୍ୟମ । ସମ୍ବାଦପତ୍ର କିମ୍ବା ସାମାଜିକ ଗଣମାଧ୍ୟମ କେବଳ ସମ୍ବାଦ ପରିବେଷଣ କରେ ନାହିଁ , ଏହା ଜନମତ ସୃଷ୍ଟି କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜନମତ ସୃଷ୍ଟି ଓ ସଂଗଠିତ କରିବାରେ ଏହା ଶ୍ରେଷ୍ଠ ମାଧ୍ୟମ ହୋଇଥିବାରୁ ରାଜନୈତିକ ନେତୃବୃନ୍ଦ ଓ ସରକାରୀ ଅଧିକାରୀମାନେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ନାଗରିକମାନଙ୍କର ଦୀର୍ଘସୂତ୍ରୀ ବିକାଶ ପ୍ରଶାସନ ଆଇନ ସମ୍ମତ ଓ ବୈଧ ନିଷ୍ପତ୍ତିଗୁଡ଼ିକ ନେଇ କାର୍ଯ୍ୟକାରୀ କରିଥାଏ । ଗଣମାଧ୍ୟମର ସ୍ୱାଧୀନତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ମାନବିକ ଅଧିକାରର ସମ୍ମାନ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ରାଷ୍ଟ୍ରୀୟ ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗୀଦାର ହୋଇଥାଏ । ବିଶେଷ କରି ଗଣତନ୍ତ୍ରରେ ଜନତାଙ୍କ ନିଷ୍ପତ୍ତିକୁ ଗଣମାଧ୍ୟମ ପ୍ରତିଫଳିତ ଓ ସୁରକ୍ଷିତ କରିଥାଏ । ତେଣୁ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ । ଗଣମାଧ୍ୟମ ହିଁ ଗଣତନ୍ତ୍ରରେ ରାଜନୈତିକ ଅଂଶଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ସରକାରଙ୍କୁ ଦାୟିତ୍ୱଶୀଳ କରିବା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତୁଳନୀୟ । ଶାସନ କ୍ଷମତାର ବିକେନ୍ଦ୍ରୀକରଣ, ଦୁର୍ନୀତି ନିବାରଣ, ଆଇନର ଶାସନ ପ୍ରତିଷ୍ଠା ଓ ନାଗରିକଙ୍କ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣ ଦିଗରେ ବେଶ୍ ସହଯୋଗ କରିଥାଏ । ତେଣୁ ଗଣମାଧ୍ୟମକୁ ଜନମତ ଓ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ କୁହାଯାଏ । ଆଜିର ଗଣତନ୍ତ୍ରରେ ଶାସନର ଚାବି କାଠି ରହିଛି କେତେକ ବ୍ୟକ୍ତି ବିଶେଷ ଓ ମୁଷ୍ଟିମେୟ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ମୁଠାରେ ।

ସେମାନଙ୍କର ରାୟ ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ । ମନୁଷ୍ୟର ଜନ୍ମଗତ ମୌଳିକ ଅଧିକାରକୁ ସମାଜରେ ପ୍ରତିଷ୍ଠିତ କରି ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ମତ ବ୍ୟକ୍ତ କରିବାର ପୂର୍ଣ୍ଣ ସୁଯୋଗ ଦେଇ, ତା'ର ସ୍ୱାଧୀନ ଚିନ୍ତାଧାରାକୁ ବିକାଶୋନ୍ମୁଖୀ କରାଇବା ହେଉଛି ଗଣତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ । ଅତଏବ, ବ୍ୟକ୍ତି ସ୍ୱତନ୍ତ୍ର ହିଁ ଗଣତାନ୍ତ୍ରିକ ଶାସନ ପଦ୍ଧତିର ଭିତ୍ତିଭୂମି । ଏଥିରେ ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, ସଂଖ୍ୟାନ୍ୟୁନ ତଥା ସଂଖ୍ୟା ଗରିଷ୍ଠ ସବୁ ଶ୍ରେଣୀର ଲୋକଙ୍କର ସାମାଜିକ ଓ ରାଜନୈତିକ ଅଧିକାର ସମାନ । ଜନତାର ସିଦ୍ଧାନ୍ତ ହେଉଛି ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ସିଦ୍ଧାନ୍ତ ।

**ମନୁଷ୍ୟର ଜନ୍ମଗତ ମୌଳିକ ଅଧିକାରକୁ ସମାଜରେ ପ୍ରତିଷ୍ଠିତ କରି ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ମତ ବ୍ୟକ୍ତ କରିବାର ପୂର୍ଣ୍ଣ ସୁଯୋଗ ଦେଇ, ତା'ର ସ୍ୱାଧୀନ ଚିନ୍ତାଧାରାକୁ ବିକାଶୋନ୍ମୁଖୀ କରାଇବା ହେଉଛି ଗଣତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ ।**

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋ–୯୪୩୭୯୫୫୫୬୮**

# ନବଜାତ ଶିଶୁଙ୍କ ପାଇଁ ବିପଦ ହାଇପୋଥର୍ମିଆ



**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଏବେ ଶୀତ ଓ କୁହୁଡ଼ି ଅଚାନକ ଭାବେ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଥିବା ବେଳେ ନବଜାତ ଶିଶୁଙ୍କ ପାଇଁ ବିପଜ୍ଜନକ ହେଉଛି ହାଇପୋଥର୍ମିଆ। ଯେତେବେଳେ ଆମପରି ବୟସ୍କ ଲୋକମାନେ ହାଡ଼ଭଙ୍ଗା ଶୀତରେ ଜଡ଼ସଡ଼ ହୋଇଯାଉଛେଁ, ସେତେବେଳେ ଭାବନ୍ତୁ ନବଜାତକଙ୍କ ପାଇଁ ଏହା କେତେ ଘାତକ ସାବ୍ୟସ୍ତ ହୋଇପାରେ । ସହଜେ ବିଷାକ୍ତ ବାୟୁ ପ୍ରଦୂଷଣ ସମଗ୍ର ବାୟୁମଣ୍ଡଳକୁ ବିପଜ୍ଜନକ ସାବ୍ୟସ୍ତ କରିଥିବା ସମୟରେ ଆସନ୍ତୁ ନବଜାତକ ଶିଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବା ହାଇପୋଥର୍ମିଆ ସମ୍ପର୍କରେ ଆଲୋଚନାଟି ରଖିବା ।

ହାଇପୋଥର୍ମିଆ ଦୁଇ ପ୍ରକାର ବୟସସୀମା ଭିତରେ ଦେଖାଯାଏ । ମାସକର ଶିଶୁ ଓ ଦୁଇ ମାସରୁ ୧ ବର୍ଷ ବୟସର ପିଲାଙ୍କ ଶରୀରରେ ଏହା ଅଧିକ ଦେଖାଯାଏ । ମାସକରୁ କମ୍ ବୟସର ଶିଶୁଙ୍କ ଶରୀର ଜଲଦି ଥଣ୍ଡା ପଡ଼ିଯାଏ, ଅତ୍ୟାବଶ୍ୟକ ଗରମ ପୋଷାକ ପିନ୍ଧା ନଗଲେ, ମା' ପେଟର ତାପମାତ୍ରା ଠାରୁ ବାହାର ତାପମାତ୍ରା କମ୍ ହୋଇଗଲେ, ଶିଶୁଙ୍କ ଠାରେ ଏହି ରୋଗ ଦେଖାଯାଏ । ବର୍ଷକରୁ କମ୍ ବୟସର ପିଲାମାନଙ୍କର ଶରୀରରେ ହାଇପୋଥର୍ମିଆ ଦେଖାଯିବାର କାରଣ ହେଲା ପରିବେଶ ।

ଯେତେବେଳେ ପିଲା ଖାଇବେ ନାହିଁ, ସେମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ଦେଖାଯିବ, ହାର୍ଟରେଟ କମିଯିବ ଏବଂ ଥଣ୍ଡା ଧରିବ, ସେତେବେଳେ ଜାଣିବେ ସେ ବୋଧେ ହାଇପୋଥର୍ମିଆରେ ଆକ୍ରାନ୍ତ ହୋଇଛି ।

ନବଜାତ ପିଲାଙ୍କ ହାତ ଓ ପାଦକୁ ବାରମ୍ବାର ଧ୍ୟାନ ଦେବା ଉଚିତ, କାରଣ ଏହି ରୋଗରେ ସେମାନଙ୍କ ହାତ ଓ ପାଦ ନୀଳ ପଡ଼ିଯାଏ । ପିଲାମାନେ ଖାଇବା ଗ୍ରହଣ କରିବେ ନାହିଁ, ଅଧିକ ସମୟ ଶୋଇବେ । ତାଙ୍କଠାରୁ ବଡ଼ ପିଲାଙ୍କ ଶରୀରରେ ବାରମ୍ବାର ସର୍ଦ୍ଦି ଧରିବ, ଖେଳାଖେଳି କରିବେ ନାହିଁ । ବ୍ୟବହାରରେ ଏପରି କିଛି ପରିବର୍ତ୍ତନ ଆସିଲେ ସଙ୍ଗେ ସଙ୍ଗେ ପାଖ ଡାକ୍ତରଖାନାକୁ ନେଇଯିବା ଉଚିତ ।

ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭନ୍ନ ପ୍ରକାର ଗ୍ରେଡ଼ିଂ ରହିଛି । ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ । ସେହିପରି ମଡରେଟରେ ତାପମାତ୍ରା ୩୨–୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ । ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ । ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆ ୱାର୍ମର ତଳେ ରଖିଥାଉ । ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘଷାଯାଏ । ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ ।

ନବଜାତ ଶିଶୁଙ୍କୁ ମାସକ ଭିତରେ ଗାଧେଇଦେବେ ନାହିଁ । ମୋଟା ପୋଷାକ ପିନ୍ଧାଇବେ ଏବଂ ବଡ଼ ପିଲା ଘରେ ଥିଲେ ବି ଗରମ ପୋଷାକ ପିନ୍ଧାଇବେ । ଘରର ଉଷ୍ମତା ବଜାୟ ରଖିବା ଦରକାର । ନାଜାଲ ଡ୍ରପ ନାକରେ ପକାଇବା ଉଚିତ, କାରଣ ଏହା ନାକକୁ ଆର୍ଦ୍ର ରଖିଥାଏ । କୁହୁଡ଼ି ଓ ବିଷାକ୍ତ ବାୟୁମଣ୍ଡଳ ଆପଣଙ୍କ ଆଖପାଖ ପରିବେଶରେ ରହୁଥିଲେ କୌଣସି ପରିସ୍ଥିତିରେ ନବଜାତ ଶିଶୁ ଯେପରି ଏହାର ସଂସ୍ପର୍ଶରେ ନ ଆସିବେ ସେ ଦିଗ ପାଇଁ ଯତ୍ନବାନ ହୁଅନ୍ତୁ ।

**ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭନ୍ନ ପ୍ରକାର ଗ୍ରେଡ଼ିଂ ରହିଛି । ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ । ସେହିପରି ମଡରେଟରେ ତାପମାତ୍ରା ୩୨–୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ । ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ । ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆ ୱାର୍ମର ତଳେ ରଖିଥାଉ । ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘଷାଯାଏ । ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ ।**

ନବଜାତକମାନଙ୍କୁ ସାମାନ୍ୟ ଥଣ୍ଡାଜ୍ୱର, ଛିଙ୍କ ବା କୌଣସି ଶାରୀରିକ ଅସ୍ୱସ୍ତିକର ଅବସ୍ଥା ଦେଖିବାମାତ୍ରେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ପିଲାଟି ଯେପରି ଉଷ୍ମମ ପରିବେଶ ପାଇବ ଓ ପର୍ଯ୍ୟାପ୍ତ ପରିମାଣର ମା'କ୍ଷୀର ଖାଇବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ ।

କେହି କେହି ଶୀତ ଦିନର ସୂର୍ଯ୍ୟକିରଣ ନବଜାତକଙ୍କ ପାଇଁ ଭଲ ବୋଲି ବିଚାର କରିଥାନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟକିରଣ ପିଲାଟି ପାଉ କିନ୍ତୁ ବାୟୁମଣ୍ଡଳର ଜଳୀୟ କଣା ଏବଂ ବିଷାକ୍ତ ପରିବେଶ ଯେପରି ତାହା ସ୍ୱାସ୍ଥ୍ୟ ଅବସ୍ଥାକୁ ନ ବିଗାଡ଼େ, ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କ୍ଷୀର ଖାଉଥିଲେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଥଣ୍ଡାଜାତୀୟ ଜିନିଷ ଠାରୁ ଦୂରେଇ ରହିବା ସହ ନିଜେ ଯେପରି କୁହୁଡ଼ି ଧୂଳି ଧୂଆଁଠାରୁ ଦୂରେଇ ରହିବେ ସେଥିନିମନ୍ତେ ଯତ୍ନବାନ ହୁଅନ୍ତୁ । ହାଇପୋଥର୍ମିଆ ସେପରି ଏକ ଭୟଙ୍କର ରୋଗ ନୁହେଁ, କିନ୍ତୁ କୌଣସି ପ୍ରକାରରେ ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ ।

ସରକାରୀ ବ୍ୟବସ୍ଥାରେ ପିଲାଟିର ଚିକିତ୍ସା କରନ୍ତୁ । ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇଲେ ଦେଖିବେ ପିଲାଟି ହାଇପୋଥର୍ମିଆରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିପାରିବ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ସ୍ୱର୍ଗ ନରକ

**ଡକ୍ଟର ତପନ କୁମାର ଦାଶ**

ଈଶ୍ୱରଙ୍କ ଦରବାରରେ ଚାଲିଥାଏ ପାପପୁଣ୍ୟର ବିଚାର । ସଦ୍ୟ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ଜୀବନରେ ଏକ ରକମ ସଫଳତାର ଶୀର୍ଷ ଛୁଇଁଥିଲେ ବୋଲି କହିଲେ ଭୁଲ ହେବନି । ଧନସମ୍ପତ୍ତି, ମାନ ସମ୍ମାନ, ସୁନ୍ଦରୀ ସ୍ତ୍ରୀ, ସନ୍ତାନ ସନ୍ତତି ଆଦି କୋଉଥିରେ ଟିକେ ହେଲେ ଊଣା ନଥିଲା । କିନ୍ତୁ ଏସବୁ ହାସଲ କରିବାରେ ହୋଇଥିଲା ଅନୈତିକ କାର୍ଯ୍ୟ, ହିଂସା, ପ୍ରତାରଣା ଭଳି ଅନେକ ପାପକର୍ମ । ସବୁକିଛିର ଚାଲିଲା ଗୋଟି ଗୋଟି ତର୍ଜମା । ତୁମେ କଣ ତୁମର ପ୍ରତ୍ୟେକଟି ଭୁଲ ସ୍ୱୀକାର କରୁଛ ? ବିଚାରପତିଙ୍କର ଏହି ପ୍ରଶ୍ନ ଶୁଣି ଅତ୍ୟନ୍ତ ଦୃଢ଼ତାର ସହ ବ୍ୟକ୍ତି ଜଣକ ଉତ୍ତର ଦେଲେ, ନିଶ୍ଚୟ ! କହିବା ବେଳେ ମୁଖମଣ୍ଡଳରେ ଟିକିଏ ହେଲେ ଭୟ କିମ୍ବା ଅନୁଶୋଚନାର ଲକ୍ଷଣ ନଥାଏ । ଏଭଳି ଅପ୍ରତ୍ୟାଶିତ ପ୍ରତିକ୍ରିୟା ଦେଖି ଭଗବାନ ରୁକ୍ଷ କଣ୍ଠରେ କହିଲେ, ମୁଁ ତୁମକୁ ଏଥିପାଇଁ ନରକକୁ ପଠାଇ ପାରେ ! ଲୋକ ଜଣକ ଅବିଚଳିତ ସ୍ୱରରେ କହିଲେ ...ଆପଣ ମୋତେ ନରକକୁ ପଠାଇ ପାରିବେ ନାହିଁ । କାରଣ ମୁଁ ପ୍ରତିଟି ମୁହୂର୍ତ୍ତ ନରକ ଯନ୍ତ୍ରଣା ସହି ଚାଲିଛି । ଆପଣ ଆଉ ମୋତେ କେଉଁ ନରକକୁ ପଠାଇ ପାରିବେ ?

କୌତୁହଳବଶତଃ ବିଶ୍ୱନିୟନ୍ତା ସ୍ୱର୍ଗକୁ ପଠାଇବାର ପ୍ରସ୍ତାବ ଦେଲେ. ବ୍ୟକ୍ତିଙ୍କ ଉତ୍ତର ଥିଲା... ଏହା ବି' ଅସମ୍ଭବ ! ମୁଁ ଦୁଃଖ ଭୋଗିବାରେ ଏଭଳି ଅଭ୍ୟସ୍ତ ଯେ' ଆପଣ ମୋତେ ସ୍ୱର୍ଗରେ ଛାଡିଦେଲେ, ତାହା କିଛିକ୍ଷଣ ଭିତରେ ମୋ ପାଇଁ ନରକରେ ପରିଣତ ହୋଇଯିବା ନିଶ୍ଚିତ । ସ୍ୱର୍ଗ, ନରକ କୌଣସି ଭୌଗଳିକ ସ୍ଥାନ କିମ୍ବା ଦୁଃଖକଷ୍ଟ ବା ସୁଖ ସୁବିଧାର ସମାହାର ନୁହେଁ । ଏହା ସମ୍ପୂର୍ଣ୍ଣ ଭାବେ ଏକ ବ୍ୟକ୍ତିଗତ ମାନସିକ ସ୍ଥିତି । ଖାଦ୍ୟ ପଦାର୍ଥ ଯେତେ ସ୍ୱାଦିଷ୍ଟ ହୋଇଥାଉ ନା' କାହିଁକି, ଜ୍ୱରାକ୍ରାନ୍ତ ରୋଗୀକୁ ଅରୁଚି ଲାଗେ । ନିଦ୍ରାହୀନତାରେ ପୀଡ଼ିତ ବ୍ୟକ୍ତି ପାଇଁ ମଖମଲ ଶେଜ କିମ୍ବା ସୁସଜ୍ଜିତ ଶୟନକକ୍ଷ କୌଣସି କାମରେ ଆସେନି ।

**ସ୍ୱର୍ଗ, ନରକ କୌଣସି ଭୌଗଳିକ ସ୍ଥାନ କିମ୍ବା ଦୁଃଖକଷ୍ଟ ବା ସୁଖ ସୁବିଧାର ସମାହାର ନୁହେଁ । ଏହା ସମ୍ପୂର୍ଣ୍ଣ ଭାବେ ଏକ ବ୍ୟକ୍ତିଗତ ମାନସିକ ସ୍ଥିତି । ଖାଦ୍ୟ ପଦାର୍ଥ ଯେତେ ସ୍ୱାଦିଷ୍ଟ ହୋଇଥାଉ ନା' କାହିଁକି, ଜ୍ୱରାକ୍ରାନ୍ତ ରୋଗୀକୁ ଅରୁଚି ଲାଗେ । ନିଦ୍ରାହୀନତାରେ ପୀଡ଼ିତ ବ୍ୟକ୍ତି ପାଇଁ ମଖମଲ ଶେଜ କିମ୍ବା ସୁସଜ୍ଜିତ ଶୟନକକ୍ଷ କୌଣସି କାମରେ ଆସେନି ।**

ଅନନ୍ତ କୋଟି ସୁଖର ସମ୍ଭାର, ପରମେଶ୍ୱରଙ୍କ ସୃଷ୍ଟିରେ ବିକାରଗ୍ରସ୍ତ ମନ ଦୁଃଖର ମହାସାଗର ଖୋଜିବାକୁ ସକ୍ଷମ । ନିଜର ସୁଖଦୁଃଖ ଚୟନ ପାଇଁ ମନୁଷ୍ୟ ଈଶ୍ୱରୀୟ ସୃଷ୍ଟିରେ ଏକମାତ୍ର ସ୍ୱାଧୀନ ଜୀବ ।

ଜୀବନର ପରିସ୍ଥିତି ସାଧାରଣତଃ ପରିବେଶ, ପ୍ରାରବ୍ଧ, ଭାଗ୍ୟ ଓ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଭଳି ପ୍ରତୀତି ହୁଏ । ସେଥିପାଇଁ ଆମେ ଆମର ପ୍ରତିକୂଳ ପରିସ୍ଥିତି ପାଇଁ ନିଜ ଭିନ୍ନ ଅନ୍ୟ ସବୁଙ୍କୁ ଦୋଷାରୋପ କରୁଁ । ମାତ୍ର ନିଜର ଅବସ୍ଥା ପାଇଁ ବ୍ୟକ୍ତିର ମନ ଏବଂ ଦୃଷ୍ଟିଭଙ୍ଗୀ ହିଁ' ଅନେକାଂଶରେ ଦାୟୀ ।

**ଅଧ୍ୟକ୍ଷ, ଦୀକ୍ଷା ମିଶନ**
**ମୋ –୯୪୩୯୮୭୦୫୧୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜବତ...

ଚଢ଼ଉ କରାଯାଇଛି । ସେହିପରି ବ୍ରହ୍ମପୁର ଅମ୍ବିକା ନଗରରେ ରହୁଥିବା ତାଙ୍କ ପୁଅ ସଚିନ ପାଢ଼ୀଙ୍କ ଘରେ ଇଡି ଚଢ଼ଉ ଜାରି ରହିଛି । ହୃଷୀକେଶ ଓ ତାଙ୍କ ପୁଅ ଜଣାଶୁଣା ଠିକାଦାର । ସେହିପରି କନିସି ଲେନରେ ମଧ୍ୟ ଦୁଇଜଣଙ୍କ ଘରେ ଚଢ଼ଉ କରାଯାଉଛି । ଖେଶରଡରେ ବିଜେଡି ସଙ୍ଗଠନର ମଙ୍ଗ ଧରିଥିବା ଡ଼ଙ୍କ । ସେହିପରି ଆସିକା ବ୍ଲକ ଖାଲିଆ ସରପଞ୍ଚ ଓ ତାଙ୍କ ସ୍ୱାମୀ ଜଗା ଶୁଣା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁଙ୍କ କାସଭରେ ଇଡି ପକ୍ଷରୁ ଚଢ଼ଉ କରାଯାଉଛି । ସେହିପରି ବ୍ରହ୍ମପୁର ଲାଞ୍ଜିପଲ୍ଲି ଉମନଗର ଅଞ୍ଚଳରେ ଥିବା ଗଞ୍ଜାମ ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି । ଆଜିର ଏହି ଚଢ଼ଉ ସମ୍ପର୍କରେ ଇଡି ପକ୍ଷରୁ କୌଣସି ତଥ୍ୟ ଦେବାକୁ ମନା କରାଯାଇଛି । ତେବେ ବାଲି ବ୍ୟବସାୟ ଓ ବଡ଼ ଧରଣର ଆର୍ଥିକ କାରବାରକୁ ନେଇ ଏହି ଚଢ଼ଉ କରାଯାଉଥିବା ଆଲୋଚନା ହେଉଛି । ଆଜିର ଏହି ଚଢ଼ଉରେ ଅନେକଙ୍କ ମଧ୍ୟରେ ଏବେ ଛନକା ପଶିଯାଇଛି ।

## ଆଜିଠୁ...

ତାପମାତ୍ରା ୧୦.୫ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ କଟକରେ ୧୦ ଡିଗ୍ରୀ ରହିଛି । ସେହିପରି ରାଉରକେଲାରେ ରାତିର ତାପମାତ୍ରା ୪.୬ ଡ଼ିଗ୍ରୀ, ଝାରସୁଗୁଡ଼ାରେ ୫ ଡ଼ିଗ୍ରୀ, ଫୁଲବାଣୀରେ ୬ ଡ଼ିଗ୍ରୀ, ସୁନ୍ଦରଗଡ଼ ଓ କେନ୍ଦୁଝରରେ ୭.୬ ଡ଼ିଗ୍ରୀ, ଢେଙ୍କାନାଳରେ ୮.୬ ଡ଼ିଗ୍ରୀ, ଅନୁଗୁଳରେ ୮.୪ ଡ଼ିଗ୍ରୀ, ବାରିପଦାରେ ୮.୬ ଡ଼ିଗ୍ରୀ, ଗଣାଡାଲରେ ୮.୮ ଡ଼ିଗ୍ରୀ, ବଲାଙ୍ଗୀରରେ ୯ ଡ଼ିଗ୍ରୀ, ଭବାନୀପାଟଣାରେ ୯.୮ ଡ଼ିଗ୍ରୀ, ମହିଷାପାଟରେ ୯.୯ ଡ଼ିଗ୍ରୀ, ସମ୍ବଲପୁରରେ ୧୦ ଡ଼ିଗ୍ରୀ, ପାରାଦୀପରେ ୧୦.୯ ଡ଼ିଗ୍ରୀ, ହୀରାକୁଦରେ ୧୧.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତାକାଲି(ଶନିବାର) ଠାରୁ ରାଜ୍ୟରେ କୁହୁଡ଼ିର ପ୍ରଭାବ ରହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କଳାହାଣ୍ଡି, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବ । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ଆସ୍ତରଣ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଜେପିରୁ...

ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ । ଯଦି ଏକରୁ ଅଧିକ ନାମାଙ୍କନ ପତ୍ର ଦାଖଲ ହୁଏ ତା'ହେଲେ ୨୦ ତାରିଖରେ ପୂର୍ବାହ୍ନ ୧୧.୩୦ରୁ ମଧ୍ୟାହ୍ନ ୧.୩୦ ମଧ୍ୟରେ ଭୋଟ୍ ଗ୍ରହଣ କରାଯିବ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ୫,୭୦୮ ଭୋଟର ତାଙ୍କ ମତଦାନ କରିବେ । ତେବେ ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦଳର କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ନିର୍ଦ୍ୱନ୍ଦରେ ସଭାପତି ଭାବେ ନିର୍ବାଚିତ ହେବେ । କୌଣସି ବରିଷ୍ଠ ନେତା ପ୍ରତିଦ୍ୱନ୍ଦ୍ୱିତାକୁ ଆସିବେ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନବୀନଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ଉତ୍ତରାଧିକାରୀ ନୀତିନ ନବୀନ ହେବେ ବୋଲି ଆଶା କରାଯାଉଛି । ୨୦ ତାରିଖରେ ଦଳର ମୁଖ୍ୟାଳୟରେ ବିଜେପି ସବୁ ବରିଷ୍ଠ ନେତା ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

## ସୀମାବର୍ତ୍ତୀ...

ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୁନା ପରୀକ୍ଷା, ଆଇସୋଲେସନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ସମ୍ପୂର୍ଣ୍ଣ ଆଲୋଚନା କରାଯାଇଛି ।

ବୈଠକରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ , ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମାଷ୍ଟରମାଇଣ୍ଡ...

କରିବା ସହ ବହୁ ଚାଲାଣକାରୀଙ୍କୁ ଗିରଫ କଲାଣି ବୋଲି ପୋଲିସ କମିଶନର କହିଛନ୍ତି । କମିଶନରେଟ୍ ପୋଲିସ ରେଞ୍ଜକୁ ପ୍ରବେଶ କରିବା କ୍ଷଣି ସତର୍କତାର ସହ ସେମାନଙ୍କୁ କାବୁ କରିବାରେ ସ୍ପେଶାଲ କ୍ରାଇମ୍ୟୁନିଟ୍ ସଫଳ ହେଉଥିବା କମିଶନର କହିଛନ୍ତି । କେଉଁମାନଙ୍କୁ ଏ ବନ୍ଧୁକ ଯୋଗାଇବା ପାଇଁ ପପୁ ବିହାରରୁ ଆଣିଥିଲା ଅନୁସନ୍ଧାନ ଆଗକୁ ବଢ଼ିଲେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କମିଶନର କହିଛନ୍ତି ।

## ମାଟି...

ମାଲକାନଗିରି ସହର ମହକୁମା ସ୍ଥିତ ତାରିଣୀ ମନ୍ଦିର ପଛ ପଟେ ଥିବା ଏକ ପଥର କୁଆଁରୀ ପାହାଡ଼ରୁ ବେଆଇନ ଭାବେ ମୋରମ ମାଟି ଖୋଳିବା ସମୟରେ ଅଚାନକ ମାଟି ଅତଡ଼ା ଖସିବା ଫଳରେ ଉପରେ ଥିବା ଏକ ପଥର ଗର୍ତ୍ତ ମଧ୍ୟରେ ପଡିଥିଲା । ଗର୍ତ୍ତ ମଧ୍ୟରେ ରହି କେତେ ଜଣ ଶ୍ରମିକ ମୋରମ ମାଟି ଖୋଳିବା ବଳେ ପଥର ପଡି ୩ ଜଣ ଆହତ ହୋଇଥିଲେଛ ଘଟଣା ସ୍ଥଳରେ ମାଲକାନଗିରି ସତ୍ୟମଗୁଡ଼ା ଗ୍ରାମର ଟୁନା ଗାଦବା (୨୧)ଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଶ୍ରମିକ ଚମ୍ପାଖାରି ଗ୍ରାମର ମିଟୁ ମାଢ଼ି (୩୧) ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିଟୁ ମାଢ଼ିଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକଟର ଡ୍ରାଇଭର ସମେତ ଅନ୍ୟ ଶ୍ରମିକମାନେ ଚମ୍ପଟ ମାରିଥିଲେ । ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଓ ସତ୍ୟମଗୁଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଁଚି ଉକ୍ତ ଶ୍ରମିକଙ୍କୁ ପଥର କାଢ଼ି ଉଦ୍ଧାର କରିବା ସହ ଦୁର୍ଘଟଣା ବାବଦରେ ମାଲକାନଗିରି ଥାନାକୁ ଖବର ଦେଇଥିଲେ । ମୃତ ଦୁଇ ଶ୍ରମିକ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ । ସେମାନେ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ଖଟି ଖାଇ ନିଜ ପରିବାର ଭରଣପୋଷଣ କରୁଥିଲେ । ମୃତ୍ୟୁ ଯୋଗୁଁ ପରିବାର ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦେବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ନବୀନଙ୍କୁ...

ବିବୃତ୍ତି ଜାରି ହୋଇନାହିଁ । ସାକ୍ଷାତ ପରେ ଅଖିଳେଶ କହିଛନ୍ତି ଯେ, ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଜଣେ ବରିଷ୍ଠ ନେତା । ଓଡ଼ିଶାର ବିକାଶରେ ନବୀନ ବାବୁ ଓ ତାଙ୍କ ବାପାଙ୍କର ବଡ଼ ଭୂମିକା ରହିଛି । ଗରୀବଙ୍କୁ ସମ୍ମାନ ଓ ଓଡ଼ିଶାର ବିକାଶ ପାଇଁ ସେମାନେ କରିଥିବା କାମ ବେଶ ଲୋକ ଦେଖାଣିଆ ହୋଇଛି । ସାଧାରଣ ଜୀବନକୁ ପ୍ରଭାବିତ କଲା ଭଳି କାର୍ଯ୍ୟ କରାଯାଇଛି । ଲଗାତାର ଭାବେ ସରକାରରେ ରହି ଲୋକଙ୍କ ଜୀବନ ବଦଳାଇଛନ୍ତି । ତାଙ୍କ ବାପାଙ୍କ ସହ ମୋ ବାପା କାର୍ଯ୍ୟ କରିଛନ୍ତି । ପୁରୁଣା ସମ୍ପର୍କ ରହିଛି । ଆମେ ଦୁଇ ଜଣ ବିଜେପି ବିରୋଧରେ ଲଢ଼େଇ କରୁଛୁ ।

ଅଖିଳେଶ ଙ୍କର ଅଚାନକ ଓଡ଼ିଶା ଗସ୍ତ ନେଇ ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅଖିଳେଶଙ୍କ ସହ ସମାଜବାଦୀ ପାର୍ଟିର ବହୁ ବରିଷ୍ଠ ନେତାମାନେ ଅଛନ୍ତି । ଓଡ଼ିଶାର ସମାଜବାଦୀ ପାର୍ଟିର କଳେବର ବୃଦ୍ଧି କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି ।

# ଆମାଜନ୍ ଇଣ୍ଡିଆର ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍

ଭୁବନେଶ୍ୱର (ସବ୍ୟୁ): ଆମାଜନ୍ ଇଣ୍ଡିଆ ପକ୍ଷରୁ ଭାରତର ବହୁ-ପ୍ରତୀକ୍ଷିତ ଗ୍ରେଟ୍ ରିପବ୍ଲିକ୍ ଡେ ସେଲ ଜାନୁଆରୀ ୧୬ ମଧ୍ୟାହ୍ନ ୧୨:୦୦ରୁ ଆରମ୍ଭ ହୋଇଛି । ଏହି ସପିଂ ଇଭେଣ୍ଟ ସ୍ମାର୍ଟଫୋନ୍, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଘର ଏବଂ ରୋଷେଇ ଘର, କଞ୍ଜ୍ୟୁମର ଇଲେକେଟ୍ରାନିକ୍ସ, ବଡ଼ ଉପକରଣ, କିରାଣା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ପ୍ରଦାନ କରୁଛି । ଗ୍ରାହକମାନେ ଆପଲ୍, ସାମସଙ୍ଗ, ଓ୍ୱାନପ୍ଲସ୍, ସୋନି, ଏଲଜି, ସ୍କେଚର୍ସ, ଲୋରିଆର ପ୍ୟାରିସ୍, ଆଇକ୍ୟୁଓଓ, ସାଓମି, କ୍ୟୁବୋ, ଟିସିଏଲ୍, ଏଚପି ଏବଂ ବୋଟ୍ ଭଳି ଶ୍ରେଷ୍ଠ ବ୍ରାଣ୍ଡର ଉତ୍ପାଦଗୁଡ଼ିକୁ ପାଇପାରିବେ । ଗ୍ରାହକମାନେ ଟ୍ରେଣ୍ଡିଂ ଡିଲ୍, ୮ ପିଏମ୍ ଡିଲ୍, ଶ୍ରେଷ୍ଠ ୭୭ ରିପବ୍ଲିକ୍ ଡିଲ୍ ଏବଂ ଶ୍ରେଷ୍ଠ ୧୦୦ ଡିଲ୍ ଭଳି କ୍ୟୁରେଟେଡ୍ ଡିଲ୍ ଫର୍ମାଟରୁ ମଧ୍ୟ କ୍ରୟ କରିପାରିବେ । ପୋଙ୍ଗଲ, ମକର ସଂକ୍ରାନ୍ତି, ମାଘ ବିହୁ ଏବଂ ଉତରାୟଣ ଭଳି ଉତ୍ସବ ପାଇଁ ସଂଗୃହିତ ଚୟନ, ଉତ୍ସବକାଳୀନ ଆବଶ୍ୟକୀୟ ଜିନିଷ ଏବଂ ଶ୍ରେଷ୍ଠ ବ୍ରାଣ୍ଡଗୁଡିକରେ ପସନ୍ଦିତ ଜିନିଷଗୁଡ଼ିକୁ ଉପହାର ଦେବା ଏହି ମହାନ ଗଣତନ୍ତ୍ର ଦିବସ ସେଲ୍ ପାଇଁ ସପିଂକୁ ସହଜ କରିଥାଏ । ଏହି ଅବସରରେ ଆମାଜନ୍ ଇଣ୍ଡିଆର ଭାଇସ୍ ପ୍ରେସିଡେଂଟ ସୌରଭ ଶ୍ରୀବାସ୍ତବ କହିଛନ୍ତିଯେ, ଆମାଜନ୍ ଇଣ୍ଡିଆର ପ୍ରମୁଖ ବ୍ରାଣ୍ଡଗୁଡ଼ିକରୁ ବିଭିନ୍ନ ପ୍ରକାରର ଉତ୍ସବଗତ ଆବଶ୍ୟକୀୟ ସାମଗ୍ରୀ ଏବଂ ଆକର୍ଷଣୀୟ ନୂତନ ଉତ୍ପାଦ ପ୍ରଦାନକରି ଉତ୍ସବକୁ ଆହୁରି ଅର୍ଥପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି ।

# ସ୍ମାର୍ଟ ମିଟରର ସଠିକତା ଯାଞ୍ଚ ପାଇଁ ଉପଭୋକ୍ତାଙ୍କୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ଟିପିସିଓଡିଏଲ ପକ୍ଷରୁ ଆଜି ସ୍ମାର୍ଟ ମିଟରର କାର୍ଯ୍ୟକାରିତା ଓ ସଠିକତା ସମ୍ପର୍କରେପୁନର୍ବାର ସ୍ପଷ୍ଟୀକରଣ ଦିଆଯାଇଛି । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସ୍ମାର୍ଟ ମିଟରଗୁଡ଼ିକ ପାରମ୍ପରିକ ମିଟର ଭଳିସମାନ କୌଶଳରେ କାର୍ଯ୍ୟକରେ ଏବଂ ଏହା ଅତ୍ୟନ୍ତ ସଠିକ ଭାବେ ବିଦ୍ୟୁତ ବ୍ୟବହାର ରେକର୍ଡ କରିଥାଏ । ଏହିସଠିକତାକୁ ଉପଭୋକ୍ତାମାନେ ନିଜେ ପରଖିବା ପାଇଁ କମ୍ପାନୀ ପକ୍ଷରୁ ୨୦ଟି ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟରଏବଂ ପାରମ୍ପରିକ ମିଟରର ଏକ "ଲାଇଭ୍ ଡିସପ୍ଲେ' ବ୍ୟବସ୍ଥା କରାଯାଇଛି । ଏଠାରେ ସାଧାରଣ ଜନତା ନିଜେ ଉଭୟମିଟରର କାର୍ଯ୍ୟଶୈଳୀକୁ ପାଖାପାଖି ରଖି ତୁଳନା କରିପାରିବେ ଓ ଏହାର ସଠିକତା ପରଖି ପାରିବେ ।

# ବିଜେଡିରୁ ଆଉ ଦୁଇ ନିଲମ୍ବିତ

ଭୁବନେଶ୍ୱର (ସବ୍ୟୁ): ବିଜେଡିର ଆଜି ଦଳର ବିରୋଧୀ କାର୍ଯ୍ୟ ପାଇଁ ଦୁଇ ନେତାଙ୍କୁ ନିଲମ୍ବନ କରାଯାଇଛି । ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ନିଲମ୍ବିତ କରିଛନ୍ତି । ସେହିଭଳି ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କୁ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ କରାଯାଇଛି । ବିଜେଡି ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି ।

# ବିବେକାନନ୍ଦ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର

ସମ୍ବଲପୁର,(ସବ୍ୟୁ): ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ନେସନାଲ ମେଡିକୋ ଓର୍ଗାନାଇସେଶନ ଏବଂ ଜୁନିଅର ଡକଟର ଆସୋସିଏସନ୍ ଭୀମସାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିର ରକ୍ତ ଶିକୁଳି ଏବଂ ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ମୋଟ ୧୦୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରି ସମାଜ ଗଠନରେ ନିଜର ଭୂମିକା ନିର୍ବାହ କରିଥିଲେ । ଶିବିରକୁ ନମୋ ଭିମସାର ସଭାପତି ଡ଼ା. ସାଗ୍ନିକା ତ୍ରିପାଠୀ ଦୀପ ପ୍ରଜ୍ୱଳନ ସହ ଉଦଘାଟନ କରିଥିଲେ । ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ା ପ୍ରଦୀପ ମହାନ୍ତି, ଅଧିକ୍ଷକ ଡ଼ା ଲାଲମୋହନ ନାୟକ, ରକ୍ତ ଭଣ୍ଡାରର ଡ଼ା ଚିତ୍ତରଞ୍ଜନ ପ୍ରସାଦ, ଅନିଲ ବେହେରା, ସୁଧିର ବହିଦାର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ପ୍ରମାଣ ପତ୍ର ବଣ୍ଟନ କରିଥିଲେ । ଏହି ଶିବିରକୁ ନମୋର ଡ଼ା ଖିରୋଜ କୁମାର ଦୁର୍ଗା, ଡ଼ା ରଞ୍ଜନ କୁଜୁର, ଡ଼ା ସ୍ୱାଗତିକା ତ୍ରୀପାଠୀ, ଶୁଭମ ନନ୍ଦ, ଡ଼ା ଗୋପେଶ୍ୱରି ହୋତା, ଡ଼ା ସଂଜୀବ କୁମାର ମିଶ୍ର, ଜେଡିଏର ଡ଼ା ବିମଳ ସେଠି, ଡ଼ା ସୁଚରିତା ଦାଶ, ଡ଼ା ଦେବ ପଣ୍ଡା, ଡ଼ା ମଳୟ ମଲ୍ଲିକ ଡ଼ା ଦେବେନ୍ଦ୍ର ମଲ୍ଲ, ଡ଼ା ରାଜଲକ୍ଷ୍ମୀ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ ।

## କୃଷ୍ଣାଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

ଧର୍ମଗଡ଼,(ସବ୍ୟୁ):କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ କୃଷ୍ଣା ଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ପ୍ରଣତି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଉତ୍ସବରେ ଧର୍ମଗଡ ବିଇଓ ପଙ୍କଜିନି ମାଝୀ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନୀତ ଅତିଥି ଭାବେ ଧର୍ମଗଡ ଏନ ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ସାଂସଦ ପ୍ରତିନିଧି ଲକ୍ଷ୍ମୀ କାନ୍ତି ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ଏ ବିଇଓ ହେମନ୍ତ କୁମାର ପଣ୍ଡା, ପୁରାତନ ଛାତ୍ର ବିଦ୍ୟାଧର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ମୁଖ୍ୟଅତିଥିଭାବେ ଧର୍ମଗଡ ବ୍ଲକ ବିଡିଓ ସଦାଶିବ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବଂକିମ ଚନ୍ଦ୍ର ମୁଣ୍ଡ ଓ ସମ୍ମାନିତ ଅତିଥିଭାବେ ଅରୂପା ନନ୍ଦ ଭୋଇ, ବିଶ୍ୱ ରଞ୍ଜନ ବେହେରା, ଯୁବ ସାମ୍ବାଦିକ ତଥା ପୁରାତନ ଛାତ୍ର ସୌମ୍ୟ ରଞ୍ଜନ ନାଏକ, ଅଧ୍ୟୟନରତ ବିଦ୍ୟାର୍ଥୀ ମାନେ କୌଶଳୀ, ସାହିତ୍ୟ ସୃଜନୀ, ଜିଜ୍ଞାସା, କ୍ରୀଡାଙ୍ଗନ ଓ ପିଏମଶ୍ରୀ ଦୋକାନ ଯାତ୍ରା ଏପରି ଚାରୋଟି ବିଭାଗରେ ନିଜ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିଲେ ।

## ଜିଲ୍ଲା ଟାସ୍କ ଫୋର୍ସ ସମିତି ବୈଠକ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟ ବିବାହ ବନ୍ଦ ଓ କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଲକ୍ଷ୍ୟଉଦ୍ଦେଶ୍ୟ ଜିଲ୍ଲାରୁ ବାଲ୍ୟ ବିବାହ ବନ୍ଦ କରିବା ବୋଲି କହିଥିଲେ। ଏଡଏଟ ଆକ୍ସନର ଜିଲ୍ଲା ସଂଯୋଜକ ସୁନୀତା ତ୍ରିପାଠୀ ଜିଲ୍ଲାରେ ବାଲ୍ୟ ବିବାହ ପ୍ରତିରୋଧ ଓ କିଶୋରୀ ସଶକ୍ତିକରଣ ପାଇ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଜିଲ୍ଲାରେ ଶିଶୁ ମାନଙ୍କ ପାଇଁ ଯୋଗାଇ ଦିଆଯାଇଥିବା ଯନି ଓ ସୁରକ୍ଷା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ହଜିଛି

ଏତଦ୍ୱାରା ସର୍ବସାଧାରଣରେ ଜଣାଉଅଛି କି, ମୁଁ ତ୍ରିନାଥ ଦଲାଇ (୩୯), ପିତା- ଲକ୍ଷ୍ମୀ ନାରାୟଣ ଦଲାଇ, ପ୍ରଫୁଲ୍ଲନଗର, ୱାର୍ଡ ନମ୍ବର- ୧୨, ପୋ-ବାରିପଦା, ଥାନା-ବାରିପଦା ଟାଉନ, ଜିଲ୍ଲା-ମୟୂରଭଞ୍ଜ, ପିନ୍-୭୫୭୦୦୧ ଗତ ଡିସେମ୍ବର ୧୮ ତାରିଖରେ ବାରିପଦା କଚେରୀ ରୋଡ଼ସ୍ଥିତ ସକାଳେ ପରିବା ମାର୍କେଟ ନିକଟରେ ମୋର ଅସଲି ଜମି ପ୍ରମାଣପତ୍ର ହଜିଯାଇଛି । ଜମିର ବିବରଣୀ : ମୌଜା- ମହୁଲିଆ, ଖାତା ନମ୍ବର-୨୪୮/୩୮୧ ଏବଂ ୧୯୯୬ ମସିହାର ନଂ ୧୧୧୦ । ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ପ୍ରମାଣପତ୍ରକୁ ପାଇଥାଆନ୍ତି ତେବେ ମୋର ମୋବାଇଲ୍ ନଂ. ୭୨୯୪୨୧୨୦୬୧ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର : ଏମଇସିଏଚ୍ସିକେପି-୨୫-୨୬-୨୫, ତାରିଖ : ୧୫.୦୧.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ) ଚକ୍ରଧରପୁର ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ବର୍ଣ୍ଣିତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କଥିତ ଟେଣ୍ଡର ବିପକ୍ଷରେ ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : ଚକ୍ରଧରପୁର ଷ୍ଟେସନରେ ତ୍ୱରିତ ଜଳ ଯୋଗାଣର ସୁବିଧା ପାଇଁ ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ : ଟ. ୨,୦୫,୦୨,୦୮୮.୯୮ । ବିଡ୍ ସିକ୍ୟୁରିଟି : ଟ. ୨,୫୨,୫୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଶୂନ୍ୟ । ଟେଣ୍ଡର ଖୋଲା ସ୍ଥାନ : ସିନିୟର ଡିଏମ୍ଇ/ ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୬.୦୨.୨୦୨୬ ଅପରାହ୍ନ ୧୫.୦୦ ଘଟିକା । ୱେବସାଇଟ http:// www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧିନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । (PR-1075)

## ନୋଟିସ୍

ମୁଁ, ଶ୍ରୀ ବିପ୍ଳବ କୁମାର ଗିରି, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଗିରି, ଗ୍ରାମ: ହାଟବଦରା, ଥାନା: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଘୋଷଣା କରୁଛି କି, ମୌଜା: ବଡଦା, ଥାନା: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଥାନା ନଂ.: ୪୦, ଖାତା ନଂ.: ୧୧୫, ପ୍ଲଟ୍ ନଂ.: ୧୧୪୫, କ୍ଷେତ୍ର: ଏକର୦.୩୬ଡିସିମିଲି, ପ୍ଲଟ୍ ନଂ.: ୧୧୪୬, କ୍ଷେତ୍ର: ଏକର୦.୭୫ଡିସିମିଲି ଏବଂ ପ୍ଲଟ୍ ନଂ.: ୧୧୪୯, କ୍ଷେତ୍ର: ଏକର୦.୧୯ଡିସିମିଲି, ମୋଟ କ୍ଷେତ୍ର: ଏକର୧.୩୦ଡିସିମିଲିରେ ଥିବା ଜମିର ମାଲିକ ଅଟେ । ପଞ୍ଜିକୃତ ବିକ୍ରୟ ଦଲିଲ ନଂ. ୧୧୨୭୧୭୦୦୩୫୨, ତା୨୨.୦୯.୨୦୧୭ ଦ୍ୱାରା ଏହାକୁ ମୁଁ ପୂର୍ଣ୍ଣଚନ୍ଦ୍ର ଗିରି, ପିତା: ସ୍ୱର୍ଗତଃ ଗୋପିନାଥ ଗିରି, ଗ୍ରାମ: ହାଟବଦରା, ପୋ: ହାଟବଦରା, ଥାନା: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ଠାରୁ ଅଧିକାର କରିଥିଲି ଯାହାକି ତାଙ୍କର ପୈତୃକ ସମ୍ପତ୍ତି ଅଟେ । ଉପରୋକ୍ତ ଦାତା ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ. ୧୧୨୭୧୭୦୦୩୫୨, ତା୨୨.୦୯.୨୦୧୭ ମୋତେ ହସ୍ତାନ୍ତରୀତ କରିଥିଲେ । ତା ୧୨.୧୧.୨୦୨୫ ରିଖରେ ମୋ ବାସଘରୁ ରାଇରଙ୍ଗପୁରକୁ ଯାଉଥିବା ସମୟରେ ଉକ୍ତ ଦଲିଲ କେଉଁଠାରେ ହଜିଯାଇଛି । ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳିପାରିଲା ନାହିଁ । ଏ ବିଷୟରେ ହାଟବଦରା ଥାନାରେ ତା ୨୧.୧୧.୨୦୨୫ରିଖରେ ଜି.ଡି. ନଂ. ୦୬ ଏକ ଷ୍ଟେସନ ଡାଏରୀ ଦେଇଥିଲି । ମୁଁ ଉକ୍ତ ଦଲିଲକୁ କୌଣସି ବ୍ୟାଙ୍କ/ ବ୍ୟକ୍ତି/ଆର୍ଥିକ ଅନୁଷ୍ଠାନରେ ଋଣ ପ୍ରାପ୍ତି ନିମନ୍ତେ ଆଇନଗତ ବନ୍ଧକ ରଖିନାହିଁ । ଯଦି କୌଣସି ବ୍ୟାଙ୍କ, ବ୍ୟକ୍ତି, ଆର୍ଥିକ ଅନୁଷ୍ଠାନ ଉପରୋକ୍ତ ମୂଳ ଦଲିଲକୁ ଋଣ ପ୍ରଦାନ ନିମନ୍ତେ ବନ୍ଧକ ରଖିଥାନ୍ତି, ତେବେ ସେମାନଙ୍କୁ ଅନୁରୋଧ କି ସେମାନେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ରାଇରଙ୍ଗପୁର ଶାଖା, ସା/ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ପିନ-୭୫୭୦୪୩କୁ ଜଣାନ୍ତୁ ଯାହାଙ୍କ ଠାରୁ ଋଣ ପ୍ରାପ୍ତି ନିମନ୍ତେ ଉପରୋକ୍ତ ଦଲିଲର ସାର୍ଟିଫାଏଡ କପି ବନ୍ଧକରୂପେ ଦାଖଲ କରି ଋଣ ପାଇବାକୁ ଚାହୁଁଛି, ଯଦି ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଏହି ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ କୌଣସି ପକ୍ଷଙ୍କ ଠାରୁ କୌଣସି ପ୍ରକାର ଆପତ୍ତି ଅଭିଯୋଗ ପ୍ରାପ୍ତି ନ ହୁଏ ତେବେ ଏହା ବିଚାର୍ଯ୍ୟ ହେବ ଯେ ଏହି ସମ୍ପତ୍ତି ସମସ୍ତ ଦାୟ ଦାୟୀତ୍ୱ ମୁକ୍ତ ଅଟେ ।

ବିପ୍ଳବ କୁମାର ଗିରି

## OFFICE OF THE EXECUTIVE ENIGNEER, LIFT IRRIGATION DIVISION, DHENKANAL

### e-TENDER NOTICE

CAD-3036 (E-mail:- eeolicdkl55@yahoo.in)

**Bid Identification No. EE DKL (OLIO 04/2025-26 / 15.01.2026**

The Executive Engineer, Lift Irrigation Division, Dhenkanal on behalf of Odisha Lift Irrigation Corporation invites percentage rate bids in Double cover system to be received in online mode only for the work installation & Energisation of 09 nos. new L.I. Projects (BKVY - RIDF - XXXI) under Dhenkanal, Hindol, Gondia, Kamakhya Nagar & Bhuban blocks in Dhenkanal District in turn key basis as detailed in the table below. The Bid should be submitted by the eligible contractor as mentioned below registered with the State Govt. and contractor of equivalent grade / class registered with Central Govt. / M.E.S. / CPWD / Railways for execution of Civil works with valid Electrical (H.T.) License issued by ELBO, Odisha should have registered the joint venture by Assistant Registrar as proof of registrations through enrolment (with own digital Signature Certificate).

| | | |
|---|---|---|
| 1. | Name of the works | : Installation & Energisation of new L.I. Projects 09 Nos. in different blocks of Dhenkanal District. |
| 2. | Total Nos. of Packages | : 09 Nos. |
| 3. | Approximate Estimated Cost | : Varies from Rs. 24.783 Lakh to Rs. 51.562 lakh. |
| 4. | Class of Contractor | : As mentioned against the package. |
| 5. | Period of Completion | : 90 days for all project / Pkg. from the date of issue of the work order. |
| 6. | Availability of Tender in Online for Bidding | : From Dt. 19.01.2026 - 11.00 AM to Dt. 29.01.2026 at 17.00 P.M. |
| 7. | Last Date & time of seeking tender clarification | : 27.01.2026 at 17.00 P.M. |
| 8. | Date& time of opening of Bid. | : 30.01.2026 at 11.00 A.M. (Technical) Financial Bid opening / Cover - II to be declared after technical evaluation. |

Further details can be available in the Government Tender web site i.e. www.tendersorissa.gov.in and other related documents are available in the DTCN for bidding. Any Corrigendum / Addendum / Cancellation of tender will be available in the said web site.

Sd/- Er. B.K. Tarai
Executive Engineer
L.I. Divn. Dhenkanal.

## O-2044 GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION RAIRANGPUR (MAYURBHANJ)

E-mail ID : eerwrairangpur@yahoo.com
Letter No. // Date :
"e" Procurement Notice for Road Works
**Bid Identification No - RWDRRP-22/2025-26**

| | | |
|---|---|---|
| 1. | Name of the work | : Periodical maintenance of road for the year 2025-26 |
| 2. | Estimated Cost | : From Rs. 5.98 to 49.84 lakhs (aproximately) |
| 3. | Class of Contractor | : As per annexure |
| 4. | Period of Completion | : As per annexure |
| 5. | Tender Paper Cost | : as per annexure |

The details are as follows.

| Procurement Officer | Bid Identification No. | Availability of tender on-line for bidding From | Availability of tender on-line for bidding To | Last date & time of seeking tender clarification | Date & Time of opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W. Division, Rairangpur | RWDRRP- | 19.01.2026 at 11.00 A.M. | 27.01.2026 up to 5.00 P.M. | 24.01.2026 up to 5.00 P.M. | 28.01.2026 at 11.30 A.M. |

Fruther details can be seen from the website www.tendersodisha.gov.in

Sd/- Er. S. Naik
Executive EngineerR.W. Division, Rairangpur

# ଏକଲ ଅଭିଯାନ ପକ୍ଷରୁ ଗ୍ରାମୀଣ ଯୁବକଙ୍କ କ୍ରୀଡ଼ା ଓ ସଂସ୍କୃତି ମହୋତ୍ସବ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏକଲ ଅଭିଯାନର ଶାଖା ପକ୍ଷରୁ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ସହାୟତା ରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ତ୍ରିଦିବସୀୟ ଖେଳ ଓ ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଦିବସ କୁଚିଣ୍ଡା ଆଦିବାସୀ ଭବନ ନିକଟସ୍ଥ ଖେଳ ପଡିଆରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀଙ୍କ ଅଧ୍ୟକ୍ଷତା କରିଥିଲେ ।

ଆୟୋଜିତ ଉଦଘାଟନୀ ଉତ୍ସବରେ ସମାଜସେବୀ ଓ ଶିକ୍ଷାବିତ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଅଧ୍ୟାପିକା ପଲ୍ଲବୀ ତନ୍ଦିଆ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ।ଏକଲ ଅଭିଯାନର ବ୍ଲକ ସଭାପତି ରମେଶ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ସଂଯୋଜକ ହରିଶ ଜୟପୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିଗଣ ସ୍ୱାମୀ ବିବେକାନନ୍ଦଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ ଓ ଦୀପଦାନ କରି ସ୍ୱାମୀଜୀଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ପରେ ଦୌଡ଼ କୁଦ, ଉଚ୍ଚ ଡିଆଁ , ଲମ୍ବଡିଆଁ, ରଙ୍ଗୋଲି, ସଙ୍ଗୀତ, ହାଣ୍ଡିପିଟା, ବେଲୁନ ଫୋଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ୧୨ ତାରିଖ ଜାତୀୟ ଯୁବ ଦିବସ ପର୍ଯ୍ୟନ୍ତ କ୍ରମାନ୍ୱୟରେ ଚାଲିବ ବୋଲି ଜଣାଯାଇଛି । ଶେଷରେ ସୁଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଉମାକାନ୍ତ ଛତ୍ରିଆ,ରଶ୍ମିତା ଲୁହୁରା, ମିନ୍ନା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ରାଷ୍ଟ୍ରୀୟ ଯୁବ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ସୋମବାର ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଇଁଷା, ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ସେବା ଯୋଜନା ବିଭାଗର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଠଣସୁନ୍ଦର ମେହେର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଡିଲେଶ୍ୱର ସେଠ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟକ୍ଷ ନିଜ ବକ୍ତବ୍ୟରେ କହିଥିଲେ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଯୁବ ସମାଜର ପଥ ପ୍ରଦର୍ଶକ । ଯାହାଙ୍କ ଜନ୍ମ ଦିବସକୁ ଆମେ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ପାଳନ କରୁଛୁ । ତାଙ୍କ ବାଣୀ ଆଜି ମଧ୍ୟ ଆମ ଜୀବନରେ ଆତ୍ମବିଶ୍ୱାସ ଓ ସାହସ ଜଗାଏ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟସାଇ ସେବା ସଂଗଠନର ବଲାଙ୍ଗିର ଜିଲ୍ଲାର ସଭାପତି ମନୋଜ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ ।

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-3028 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୦୨ **ବିଜ୍ଞାପନ** ତା : ୦୨.୦୧.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନଂ.ଏମ୍ଆଇଜି-୧୩ (MIG-13), ଏସ୍ଏଚ୍.ଏସ୍., ଶୁନାବେଡ଼ା, କୋରାପୁଟ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ କଳ୍ପତରୁ ଜେନା, ପିତା-ଘନଶ୍ୟାମ ଜେନା, ସା/ପୋ-ଭାୟପୁର, ଥାନା- ବାଲିଚନ୍ଦ୍ରପୁର, ଜିଲ୍ଲା-ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ କଳ୍ପତରୁ ଜେନା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଉତ୍କଳା ହାରିକା, ସ୍ୱାମୀ- ଏ. ପ୍ରଶାନ୍ତ କୁମାର, ସା-ଘର ନଂ-୫୮/୧୪/୪୭/୨, ମ୍ୟାରି ପାଲେମ୍, ଲୁଡାଲେ-ଆଉଟ୍, ପୋ- ମ୍ୟାରି ପାଲେମ୍, ଥାନା-୫ମ ଟାଉନ, ଜିଲ୍ଲା-ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## OFFICE OF THE HEADMISTRESS, KASTURABA GANDHI BALIKA VIDYALAYA, PURUNAKATAK

At/Po- Purunakatak, Dist-Boudh, Pin-762013

Letter No. 37/25 Dated. 30.12.2025
n-233

### TENDER CALL NOTICE

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Purunakatak Dist-Boudh (Odisha). Bids should be submitted in the envelope duly marked on the top "Tender supply of Grocery items for Purunakatak KGBV" Office of the Headmistress, KGBV Purunakatak Post- Purunakatak Block-Boudh, Dist: -Boudh, Pin- 762013 during office hours by 5.00 pm of Dt. 27.01.26 through Speed Post/Registry Post/ Courier only. No other mode of submission should be accepted. The bid document shall be opened at 11.00AM on Dtd. -3.8ˈ°/ /I£ in the office of the Headmistress, KGBV Purunakatak/District Project Coordinator, Samagra Shiksha, Boudh in the presence of the bidders or their authorized representatives and KGBV Procurement Committee. The terms and conditions for the tender can be downloaded from the official website http./Avww.osepa.odisha.gov.in and www.boudh.nic.in.

By the Order of DEO-cum-DPC
Headmistress
KGBV, Purunakatak

## GOVERNMENT OF ODISHA RURAL WATER SUPPLY & SANITATION ORGANISATION OFFICE OF THE SUPERINTENDING ENGINEER, RWS&S DIVISION, ANGUL:AT:TALCHER

O-2003
At- Baghuabole. Po - Hatatota. Talcher, Dist - Angul, Pin- 759100
(Ph. No./Fax-06760-240762, E-mail: eerwssang@gmail.com)

**INVITATIONS FOR BIDS (IFB) [e-Procurement]**
**Bid Identification No. 16/SE/RWSS/2025-26 Dt.06.01.2026**

| | | |
|---|---|---|
| 1 | The Superintending Engineer, RWS&S Division, Angul on behalf of Governor of Odisha invites lump sum bid in SINGLE/ DOUBLE cover system in ONLINE MODE from eligible contractors for pipe line work in Angul District. | |
| 2 | Name of the work | : PWSWork. |
| 3 | No. of Work | : 03 (Three) Nos. |
| 4 | Value of the Work | : Rs. 23.91 Lakhs to Rs. 71.37 lakhs |
| 5 | Concerned tender inviting authority | : Superintending Engineer, RWS&S Division, Angul :at: Talcher |
| 6 | Security amount (Rs.) (Online) | : Nil |
| 7 | Cost of Bid documents (Rs.) (Online) | : Rs. 6,000/-& Rs. 10,000/- |
| 8 | Class of Bidder | : "C"&"B" Class |
| 9 | Period of Completion | : 180 days |
| 10 | Availability of bid documents in the website | : From date. 19.01.2026 at 12.00 Noon to date. 30.01.2026 till 5.30 P.M |
| 11 | Last Date & Time of seeking tender clarification | : Up to 27.01.2026 till 5.30 P.M |
| 12 | Date of Opening of Bid | : On date. 31.01.2026 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e http://tendersorissa.gov.in.

Subsequent corrigendum / addendum if required shall only be appeared in the above website.

Sd/- Superintending Engineer,
RWS&S Division, Angul :at: Talcher

## UTKAL BALASHRAM NAYAGARH

(Govt.run Children Home)
(Back side of Narayani Park)
At-Word No-2, Po/Ps/Dist-Nayagarh

g-150
No. 166/UB Dt. 15.01.2026

Applications are invited from the eligible candidates for different posts in Utkal Balashram, Nayagarh At-Word No-2, Po/Ps/Dist-Nayagarh following the process of engagement as laid down in the Resolution No-10102-WCD-CW-MISC-0023-2020 Dt.15.09.2020 issued by the Women & Child Development, Department, Govt.of Odisha. Indicative qualification of human resources under Mission Vatsalya as follows: -

| Sl No. | Name of the Post | Number of Post |
|---|---|---|
| 1 | Store Keeper cum Accountant | 1 |
| 2 | PT Instructor cum Yoga Teacher | 1 |
| 3 | House Mother | 1 |
| 4 | House Father | 1 |
| 5 | Cook | 1 |
| +6 | Helper- cum Night Watchman | 2 |
| | Total = 7 | |

The posts are purely temporary, contractual, time bound and coterminous with the scheme or depending on the satisfactory performance whichever is earlier and remuneration /honorarium will be paid as per the norms of Mission Vatsalya under the W&CD Deptt. Govt.of Odisha and other details of each post are available in the website www.nayaRarh.nic.in under the caption advertisement. Candidates are to apply through online Google form ( https://forms.gle/JZHJ4XZKGYdbl8XZ8) and also send a hard copy of same application & its enclosure for the post of Utkal Balashram (Govt.run CCI) to the Member Secretary, Utkal Balashram cum DSWO, Nayagarh At-Word No-2 (Backside of Narayani Park) Po/Ps/Dist-Nayagarh through Speed Post/Registered Post/Courier only on or before 16.02.2026(5.OOP.M). The Candidates who are interested to apply for more than one post then should make separate application against each post super scribingthe post applied for on top of the envelop. The under signed is not responsible for any delay and authority may cancel the advertisement without any reason thereof. The candidates are requested to go through the eligibility criteria and experience required, given on the overleaf.

Sd/- Member Secretary Utkal Balashram-
Cum-District Social Welfare Officer, Nayagarh

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ପ୍ରାଚ୍ୟରୁ ଉଇଁବ ପ୍ରାଚୀନ ଶିକ୍ଷାର ଆଲୋକ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଲା 'ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍' ପାଠ୍ୟକ୍ରମ

କଟକ, (ସ୍ୱପ୍ର): ଦିନ ଥିଲା, ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିକୁ ସଭ୍ୟତାର ମାପକାଠି ଭାବରେ ବିବେଚନା କରାଯାଉଥିଲା। ମାତ୍ର ଆଜି ସମୟ ବଦଳିଛି। ପ୍ରାଚ୍ୟ ଏବଂ ମହାଭାରତୀୟ ସଭ୍ୟତା ଅନ୍ତର୍ଗତ ପୁରାତନ ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ଯେ ସୁଦୂରପ୍ରସାରୀ ପ୍ରଭାବ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି । ଶୁକ୍ରବାର ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଛି ପ୍ରାଚ୍ୟ ଶିକ୍ଷା ପ୍ରଣାଳୀର ଏକ ନୂତନ ପାଠ୍ୟକ୍ରମ । ଯାହାର ନାମ ରହିଛି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ । ଏହା ପୁଣିଥରେ ପାଶ୍ଚାତ୍ୟ ଉପରେ ପ୍ରାଚ୍ୟର ବିଜୟକୁ ପ୍ରମାଣିତ କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ଏସିଆ ମହାଦେଶରେ କୌଣସି ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ପାଠ୍ୟକ୍ରମ ଖୋଲିଛି । ଏହି



ଅବସରରେ ମଞ୍ଚାସୀନ ଅତିଥିମାନେ ଏହି ବାର୍ତ୍ତା ଦେଇଥିଲେ ଯେ, ଆଜି ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଥିବା ସମସ୍ତ ପ୍ରକାର ସଙ୍କଟର ସମାଧାନ ପାଇଁ ସାରା ଦୁନିଆ ପ୍ରାଚ୍ୟ ଆଡ଼କୁ ଦେଖିବାର ଆବଶ୍ୟକତା ରହିଛି ଏବଂ ତା' ସଙ୍ଗେସଙ୍ଗେ ପ୍ରାଚ୍ୟ ଜ୍ଞାନ ପରମ୍ପରାରୁ ଶିଖିବାର ଆବଶ୍ୟକତା ରହିଛି। ଏହି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ ଜାତୀୟ ଶିକ୍ଷା ନୀତି-୨୦୨୦ ସହ ସମନ୍ୱୟ ରକ୍ଷାକରି ପ୍ରାଚ୍ୟର ଶିକ୍ଷାପଦ୍ଧତି ସହ ଅବଶିଷ୍ଟ ବିଶ୍ୱକୁ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛି । ଏହି ପାଠ୍ୟକ୍ରମ ଅଧୀନରେ ନୀତିଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଖଗୋଳ ବା ଜ୍ୟୋତିଷ ଶାସ୍ତ୍ର, ଭାରତୀୟ-ମାନବ-ବିଜ୍ଞାନ, ବ୍ୟାକରଣ ଶାସ୍ତ୍ର, ଶିଳ୍ପ ଏବଂ ବାସ୍ତୁ ଶାସ୍ତ୍ର, ସାମଗ୍ରିକ ସ୍ୱାସ୍ଥ୍ୟ ତଥା ନାଟ୍ୟଶାସ୍ତ୍ର ଭଳି ଆଠଟି ପ୍ରମୁଖ ପ୍ରାଚୀନ ଭାରତୀୟ ବିଷୟ ରହିଛି । ଏହା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଗତ ଡିଗ୍ରୀ ସହ ଗବେଷଣା ଆଦି ପାଇଁ ଡକ୍ଟରାଲ୍ ଓ ପୋଷ୍ଟ ଡକ୍ଟରାଲ୍ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ କରାଉଛି । ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ ପାଠ୍ୟକ୍ରମର ଲୋକାର୍ପଣ ଉପଲକ୍ଷେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଡିନ୍ ପ୍ରଫେସର (ଡ.) ବିପ୍ଳବ ବିଶ୍ୱାଳ ଏବଂ ଏହି ନୂତନ ପାଠ୍ୟକ୍ରମ ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମର ଡିନ୍ ଡ. ଭରତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବିଶେଷ କରି ନିଯୁକ୍ତି କ୍ଷେତ୍ରରେ ଏହା ବିଦ୍ୟାର୍ଥୀମାନଙ୍କୁ କିଭଳି ସହାୟକ ହେବ ଏବଂ ଏଭଳି ଏକ ଅଭିନବ ପାଠ୍ୟକ୍ରମର ଭବିଷ୍ୟତ କ'ଣ ରହିବ, ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ଭିଡ଼ ଭିତରେ ଏହା କିଭଳି ନିଜ ଅସ୍ତିତ୍ୱ ବଜାୟ ରଖିପାରିବ, ତାହା ହିଁ ଏହି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ ପାଠ୍ୟକ୍ରମର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

# ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସରାପଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବୀର କିଶୋର ସରାପଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଦୁଇଟି ଝିଅ ଅଛନ୍ତି। ପୂର୍ବରୁ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଥିଲା। ପ୍ରଫେସର ସରାପ ବହୁବର୍ଷ ଧରି ଆଇଆଇଟି ଖଡ଼ଗପୁରର ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ ଡିଆରଡିଓ ଦ୍ୱାରା ବିକଶିତ ଅଗ୍ନି କ୍ଷେପଣାସ୍ତ୍ରର କିଛି ଉପାଦାନର ଡିଜାଇନ୍ ସହିତ ମଧ୍ୟ ଜଡିତ ଥିଲେ। ସ୍ୱର୍ଗତ ସରାପ ପୂର୍ବରୁ ବୁର୍ଲାରେ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ (ବର୍ତ୍ତମାନ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି)ର ଅଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ପ୍ରଫେସର ସରାପଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କୁ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଦୂରଦୃଷ୍ଟିସମ୍ପନ୍ନ ନେତା ଏବଂ ଉତ୍ସର୍ଗୀକୃତ ଶିକ୍ଷାବିତ୍ ଭାବେ ବର୍ଣ୍ଣନା କରିଛନ୍ତି। ଆଇଟିଇଆର୍ ଏବଂ ସୋଆ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ରହିଛି। ସୋଆର ଶୈକ୍ଷିକ ଭିତିଭୂମି ବିକାଶ ଓ ସାଂଗଠନିକ ନୀତିରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା ବୋଲି ପ୍ରଫେସର ଡ. ନାୟକ କହିଛନ୍ତି। ଶିକ୍ଷାଦାନ ଓ ଶୈକ୍ଷିକ ପ୍ରଶାସନରେ ଉତ୍କର୍ଷତା ପ୍ରତି ପ୍ରଫେସର ସରାପଙ୍କ ପ୍ରତିବଦ୍ଧତା ଅନେକ ପିଢିର ଛାତ୍ର ଏବଂ ସହକର୍ମୀଙ୍କୁ ଅନୁପ୍ରାଣିତ କରିଛି। ପ୍ରଫେସର ସରାପଙ୍କ ପରଲୋକରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି ଶୋକ ସଭାରେ ଉପକୁଳପତି ପ୍ରଫେସର ପି.କେ. ପାତ୍ର, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, କଂଟ୍ରୋଲର ଅଫ୍



ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପି.କେ. ପଣ୍ଡା, ଜଏଂଟ ରେଜିଷ୍ଟ୍ରାର ଶ୍ରୀ ବି.ସି. ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ପ୍ରଫେସର ସରାପଙ୍କର ସ୍ମୃତିଚାରଣ କରିଥିଲେ।

# ବରୁଣେଶ୍ୱର ମେଳାରେ ଫ୍ରିଡମ୍ ଷ୍ଟଲ ଉଦ୍‌ଘାଟନ

ଯାଜପୁର/ସିଂହପୁର, (ସବ୍ୟୁ): ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ଖୋଲିଛି ଫ୍ରିଡମ୍ ଷ୍ଟଲ । ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ତରଫରୁ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ରହିଛି । କମ୍ପାନୀର ଓଡିଶା ମୁଖ୍ୟ ଅମୀୟ କୁମାର ଧଳଙ୍କ ନେତୃତ୍ୱରେ ଆୟୋଜିତ ଷ୍ଟଲକୁ ମୁଖ୍ୟ ଅତିଥି ଭାବେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଉଦଘାଟନ କରିବା ସହ ବରୁଣେଶ୍ୱର ମେଳା ହେଉଛି ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ମେଳା ବୋଲି କହିଥିଲେ । ଫ୍ରିଡମ୍ ସନଫ୍ଲାୱାର ତେଲ ସାରା ଦେଶରେ ଖ୍ୟାତି ଅର୍ଜନ କରିଛି, ବରୁଣେଶ୍ୱର ମେଳାରେ ଖୋଲାଯାଇଥିବା ଫ୍ରିଡମ୍ ଷ୍ଟଲରୁ ତେଲ ନିଅନ୍ତୁ ଏବଂ ବ୍ୟବହାର କରନ୍ତୁ ବୋଲି ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଖାଦ୍ୟ ଅଧିକାରୀ ରାକେଶ କୁମାର ସାହୁ, ଡିଏସପି



ବାମଦେବ ନନ୍ଦ, ବିଶିଷ୍ଟ ସମାଜସେବୀ ଚନ୍ଦ୍ରଶେଖର ଧଳ ଯୋଗଦେଇ ଉଦଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜାନକୀକାନ୍ତ ମହାନ୍ତି, ପ୍ରକାଶ କୁମାର ପାତ୍ର, ଭାଗ୍ୟ ରଞ୍ଜନ ସେଠୀ, ରଞ୍ଜିତ କୁମାର ପହି, ବସନ୍ତ କୁମାର ଘଡେଇ, ପ୍ରଦୀପ କୁମାର ଦେଓ, ସାଗର କୁମାର ସାହୁ, ପ୍ରକାଶ ମିଶ୍ର, ବିଜନ କୁମାର ଦାସ, ମହେନ୍ଦ୍ର ନାୟକ, ବଟକୃଷ୍ଣ ସାହୁ, ସ୍ମୃତିରଞ୍ଜନ ସାହୁ, ପ୍ରସନ୍ନ ପରିଡାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ ।

# ମକର ସଂକ୍ରାନ୍ତିକୁ ଭବ୍ୟ ଢ଼ଙ୍ଗରେ ପାଳନ କଲା ସନ୍‌ଫିଷ୍ଟ

ଭୁବନେଶ୍ୱର, (ସବ୍ୟୁ): : ମକର ସଂକ୍ରାନ୍ତି ସର୍ବଦା କ୍ୟାଲେଣ୍ଡରରେ ଏକ ତାରିଖରୁ ଯଥେଷ୍ଟ ଅଧିକ ଗୁରୁତ୍ୱ ରଖିଆସିଛି। ଏହା ଦିନ ବଡ ହେବା, ଉଷୁମ ସୂର୍ଯ୍ୟାଲୋକ ଏବଂ ସୂର୍ଯ୍ୟଙ୍କ ସହିତ ଏକ ନବୀକୃତ ସମ୍ପର୍କ ଆଡକୁ ପରିବର୍ତ୍ତନର ସୂଚନା ଦେଇଥାଏ। ପୂର୍ବ ଭାରତ, ବିଶେଷକରି ଓଡ଼ିଶାରେ ଏହି ପର୍ବର ଆଧାର ସୂର୍ଯ୍ୟଙ୍କ ପ୍ରତି ଗଭୀର ଭକ୍ତିଭାବ ଏବଂ ପଦାକୁ ବାହାରିବାରେ ସାମୂହିକ ଆନନ୍ଦରେ ରହିଛି, ଯେଉଁଥିରେ ଗୁଡି ଉଡା ଉଭୟ ଏକ ରୀତି ଏବଂ ଆନନ୍ଦ ଉତ୍ସାହ ପାଳନର ଉଦ୍ଦେଶ୍ୟ ପୂରଣ କରୁଛି। ଏହି ସାଂସ୍କୃତିକ ଅନ୍ତର୍ଦୃଷ୍ଟିର ଉପଯୋଗ କରି ସନ୍‌ଫିଷ୍ଟ ମେରୀ ଲାଇଟ୍ ଭିଟାମିନ୍ ଡି'ର ଉତ୍ତମତା ସହିତ ମକର ସଂକ୍ରାନ୍ତିକୁ ସମଗ୍ର ଓଡ଼ିଶାରେ ଭବ୍ୟ ଢଙ୍ଗରେ ପାଳନ କରିଥିଲା, ଯେଉଁଥିରେ ପରମ୍ପରା, ଦୈନନ୍ଦିନର କଲ୍ୟାଣ ଏବଂ ପାର୍ବଣରେ ଅଂଶଗ୍ରହଣ ଏକତ୍ରିତ ହୋଇଥିଲା। ବ୍ରାଣ୍ଡ ପରିଚିତି ଆଧାରରେ ଏହି ପ୍ରୟାସ ପରିବାରଗୁଡିକୁ ବାହାରକୁ ବାହାରିବା, ଗୁଡି ଉଡାଇବା ଏବଂ ସୂର୍ଯ୍ୟଙ୍କର ଉତ୍ତମତା ସହିତ ପୁନଃ ଯୋଡିହେବାକୁ ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମର ଅଂଶଭାବରେ ସନ୍‌ଫିଷ୍ଟ ମେରୀ ଲାଇଟ୍ ବ୍ଲିଂକିଟ୍‌ର ପ୍ରତ୍ୟେକଟି ଅର୍ଡର ସହିତ ଓଡ଼ିଶାର ଅନେକ ସହରରେ ଗୁଡି ବଣ୍ଟନ କରିଥିଲା। ପ୍ରତ୍ୟେକ ଗୁଡି ଏହି ବାର୍ତ୍ତା ବହନ କରିଥିଲା ଯେ, 'ଗୁଡି ଉଡାନ୍ତୁ ଏବଂ ସୂର୍ଯ୍ୟକିରଣରେ ପାର୍ବଣକୁ ଭରପୂର ଉପଭୋଗ କରନ୍ତୁ'। ଏହା ସରଳ ଦୈନନ୍ଦିନ ଘର ବାହାର ମୁହୂର୍ତ୍ତଗୁଡିକ ଏବଂ ସୂର୍ଯ୍ୟ କିରଣରେ ଅତିବାହିତ ସମୟଗୁଡିକ ଶରୀରକୁ ଭିଟାମିନ୍ ଡି ମିଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ବ୍ରାଣ୍ଡର ବିଶ୍ୱାସକୁ ପୁନଃଦୃଢୀଭୂତ କରିଥିଲା। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ସୁରଜ କାଠୁରିଆ, ଭିପି ଓ ହେଡ୍ ମାର୍କେଟିଂ- ବିସ୍କୁଟସ୍, ଫୁଡ୍‌ସ୍ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, "ଓଡ଼ିଶାରେ ସୂର୍ଯ୍ୟ ଗଭୀର ସାଂସ୍କୃତିକ ଏବଂ ଭାବଗତ ଗୁରୁତ୍ୱ ରଖନ୍ତି, ବିଶେଷଭାବରେ ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଅଧିକ ଗୁରୁତ୍ୱ ରହିଥାଏ।

# ସତ୍ୟବାଦୀ ହାଇସ୍କୁଲ ୧୯୭୪ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ସମାବେଶ

ଭୁବନେଶ୍ୱର (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ସତ୍ୟବାଦୀ ହାଇସ୍କୁଲରୁ ୧୯୭୪ ମସିହାରେ ମାଟ୍ରିକ ପାସ କରିଥିବା ଛାତ୍ରମାନଙ୍କର ମିଳନୋତ୍ସବ ସାକ୍ଷୀଗୋପାଳ ନିକଟସ୍ଥ ଭାର୍ଗବୀ ନଦୀତଟରେ ଅବସ୍ଥିତ ଖୁରୁଖୁରି ଠାକୁରାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ପୁରାତନ ଛାତ୍ର ଓ ସେମାନଙ୍କର ସହଧର୍ମିଣୀ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସର୍ବଶ୍ରୀ ନଟବର ଆଚାର୍ଯ୍ୟ, ବିଶ୍ୱଜିତ ଶତପଥୀ, କାଶୀନାଥ ନନ୍ଦ, ଶରତ ଦାଶ, କୈଳାଶ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଦେବରାଜ ନାୟକ, ସୁରପ୍ରସାଦ ମହାନ୍ତି, ବାବାଜୀ ମହାନ୍ତି, ରମେଶ କୁମାର ସାହୁ, ସଞ୍ଜୟ କୁମାର ପଟ୍ଟନାୟକ, ଲିଙ୍ଗରାଜ ଦାଶ, ମାନଗୋବିନ୍ଦ ପ୍ରଧାନ, ଚନ୍ଦ୍ରଧ୍ୱଜ




ଦାଶ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀନାରାୟଣ ମିଶ୍ର, ରାଜେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ନୃସିଂହ ମିଶ୍ର, ବିଜୟ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ମିଶ୍ର, ହରିହର ମିଶ୍ର, ଭବାନୀ ଶଙ୍କର ମହାପାତ୍ର, ସତ୍ୟନାରାୟଣ ମହାପାତ୍ର, ଓ ଦିଲ୍ଲୀପ ମହାନ୍ତି । ସମସ୍ତେ ଏକତ୍ର ମଧ୍ୟାହ୍ନ ଭୋଜନ କରି ସମାବେଶ ସମାପ୍ତ କରିଥିଲେ ।

# ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଆଇଚର ଟ୍ରକ ଓ ବସ୍ ପ୍ରଦର୍ଶିତ

ଭୁବନେଶ୍ୱର : ଭିଇ ବାଣିଜ୍ୟିକ ଯାନର ଏକ ବ୍ୟବସାୟ ବିଭାଗ ଆଇଚର ଟ୍ରକ୍ସ ଆଣ୍ଡ ବସ୍ ପକ୍ଷରୁ ଖଣି ଓ ଭିର୍ତିଭୂମି ଆବଶ୍ୟକତା ପାଇଁ




ଉଦ୍ଦିଷ୍ଟ ଯାନବାହନ, ଉପକରଣ ଓ ସେବାର ଅତ୍ୟାଧୁନିକ ସମାଧାନ ଭୁବନେଶ୍ୱରସ୍ଥିତ ଚତୁର୍ଥ ଓଡ଼ିଶା ଖଣି ଓ ଭିର୍ତିଭୂମ ଅନ୍ତର୍ଜାତୀୟ ପ୍ରଦର୍ଶନୀ ୨୦୨୬ରେ ପ୍ରଦର୍ଶିତ ହୋଇଛି । ଭାରତର ଖଣିଜ ଶକ୍ତି କେନ୍ଦ୍ର ଭାବେ ପରିଚିତ ଓଡ଼ିଶା ଦେଶର କୋଇଲା ଖଣି ଏବଂ ଖଣିଜ ଭିର୍ତିକ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଭାରତର ଶିଳ୍ପ ଏବଂ ଶକ୍ତି ଇକୋସିଷ୍ଟମରେ ରାଜ୍ୟର ଅବଦାନ ଏହାକୁ ବିଶ୍ୱସନୀୟତା, ଦକ୍ଷତା ଏବଂ ଉନ୍ନତ ଜୀବନଚକ୍ର ମୂଲ୍ୟ ପାଇଁ ଇଞ୍ଜିନିୟରିଂ ହୋଇଥିବା ଆଇଚରର ଉଦ୍ଦେଶ୍ୟ-ନିର୍ମିତ ଖଣି ସମାଧାନ ପ୍ରଦର୍ଶନ ପାଇଁ ଏକ ରଣନୀତିକ ବଜାର କରିଥାଏ । କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ୍ (କେସିସିଏଲ)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ସୌମ୍ୟ ରଞ୍ଜନ ସାମଲ ଆଇଚରଙ୍କ ପାଭିଲିୟନକୁ ଉଦଘାଟନ କରିଥିଲେ । ଆଇସର ଟ୍ରକ୍ ଏବଂ ବସ୍ କେସିସିଏଲ୍ ସହିତ ଏକ ଦୀର୍ଘ ଦିନର ଏବଂ ବିଶ୍ୱସ୍ତ ଭାଗିଦାରୀ ସହଭାଗୀ ଅଟେ, ଯେଉଁଥିରେ ୫୫୦ ରୁ ଅଧିକ ଆଇଚର ଯାନ ଦେଶବ୍ୟାପୀ ଏକାଧିକ ଖଣି ଏବଂ ଲଜିଷ୍ଟିକ୍ ସାଇଟରେ କାର୍ଯ୍ୟ କରୁଛି । ଏହି ପ୍ରଦର୍ଶନୀ ଉପରେ ମନ୍ତବ୍ୟ ଦେଇ ଭିଇ କମର୍ସିଆଲ ଭେଇକିଲ୍ସର ଏଚ୍ ଡି ଟିପର ସେଲ୍ସ ଆଣ୍ଡ ମାର୍କେଟିଂର ବରିଷ୍ଠ ଉପସଭାପତି ଦେଓବ୍ରତ ସିଂ କହିଛନ୍ତି, "ଆଇଚରରେ, ଆମେ ଉତ୍ପାଦକତା ବୃଦ୍ଧି କରୁଥିବା ପରିବହନ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱସନୀୟତାକୁ ମିଶ୍ରଣ କରେ । ଆମର ହେଭି- ଡ୍ୟୁଟି ଟିପର ପୋର୍ଟଫୋଲିଓ ଉନ୍ନତ ଅପଟାଇମ୍, ମାଲିକାନାର ମୋଟ ମୂଲ୍ୟ ହ୍ରାସ, ଇନ୍ଧନ ଦକ୍ଷତା ଏବଂ ନିର୍ଭରଯୋଗ୍ୟ ପ୍ରଦର୍ଶନ ପ୍ରଦାନ କରି ଭାରତର ନିର୍ମାଣ ଏବଂ ଖଣି କ୍ଷେତ୍ରର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ଇଞ୍ଜିନିୟରିଂ କରାଯାଇଛି ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

କଟକ, (ସବ୍ୟୁ):ଚାଷୀମାନେ ସମାଜର ମେରୁଦଣ୍ଡ , ଚାଷୀ ଭାଇ ଭଉଣୀମାନଙ୍କ ପାଇଁ ହିଁ ଆମେ ସମସ୍ତେ ଏଠାରେ ସୁସ୍ଥଭାବେ ଛିଡା ହେଇଛନ୍ତି । କଟକ ବାଲିଯାତ୍ରା ପଡିଆରେ ଆଜି ଉଦଘାଟିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚୌଦ୍ୱାର,କଟକ ବିଧାୟକ ସୌଭିକ ବିଶ୍ୱାଳ ଏହା କହିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ଭାବେ ଲୋକମାନେ ଠିକ ରୂପେ ପାଇପାରିବେ ସେ ଉପରେ ବିଭାଗୀୟ କର୍ମଚାରୀ ମାନଙ୍କୁ ଯତ୍ନବାନ ହେବାକୁ କହିଥିଲେ । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ମେଳାରେ ଯୋଗ ଦେଇ,ଏହି ମେଳାରୁ ପଶୁପାଳନ ଓ ମତ୍ସ୍ୟ ଚାଷ ପାଇଁ ଇଚ୍ଛୁକ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ । ଦୁଇ




ଦିନ ପାଇଁ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାରର ଉନ୍ନତ ଚାଷ ପ୍ରଣାଳୀ, ମତ୍ସ୍ୟ ଓ ପଶୁଖାଦ୍ୟ ଆଦି ଉପରେ ଷ୍ଟଲ ଖୋଲିଛି । ଏହି ମେଳାରେ ବିଧାୟକ ସୌଭିକ ବିଶ୍ୱାଳ ବିଭିନ୍ନ ଯୋଜନାରେ ସଫଳ ଚାଷୀ ମାନଙ୍କୁ ପୁରସ୍କୃତ କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ବୈଜ୍ଞାନିକ ଓ ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଷ୍ଟାଣ୍ଡିଂ କମିଟି ଅଧକ୍ଷ,ଜିଲ୍ଲା ପରିଷଦ ^ଆଶିଷ କୁମାର ସାହୁ,ଅତିରିକ୍ତ ନିର୍ଦ୍ଦେଶକ ମତ୍ସ୍ୟ ନିର୍ଦ୍ଦେଶାଳୟ କଟକ ମୁରଲୀଧର ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳକାନ୍ତ ପାଣିଗ୍ରାହୀ, ଅତିରିକ୍ତ ନିର୍ଦ୍ଦେଶକ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଡ. ସତ୍ୟ ରଞ୍ଜନ ରାଉତ, ସାଂସଦ ଜଗତସିଂହପୁର କଟକ ଜିଲ୍ଲା ପ୍ରତିନିଧି ବିନ୍ଦୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀମତୀ ବବିତା ମହନ୍ତ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ ।

## ଦୁର୍ଘଟଣାରେ ଗଣମାଧ୍ୟମ ପ୍ରତିନିଧି ଦମ୍ପତି ଆହତ, ଘଣ୍ଟାଏ ପରେ ଆସିଲେ ଡାକ୍ତର

ଗୋପ,(ସବ୍ୟୁ): ଶୁକ୍ରବାର ସନ୍ଧ୍ୟାରେ କୋଣାର୍କ ଓଟିଭି ପ୍ରତିନିଧି ସଞ୍ଜୟ ପତି,(୪୬) ଓ ତାଙ୍କ ପତ୍ନୀ ରଶ୍ମିତା ଦାଶ (୪୩) ଦୁର୍ଘଟଣା ରେ ଆହତ ହୋଇଥିବା ଜଣାପଡିଛି। ଆହତ ଦମ୍ପତି ଗୋପରୁ ପିପିଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାତାରିତ ହୋଇଛନ୍ତି। ଆହତ ଦମ୍ପତି ପ୍ରଥମେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ମଧ୍ୟ ଘଣ୍ଟାଏ ପରେ ଡ଼ାକ୍ତର ଆସିବା ସମସ୍ତଙ୍କୁ ଚକିତ କରିଛି। ଏପରି ଏକ ଗୁରୁତର ଅଭିଯୋଗ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଓ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀଙ୍କ ନିକଟରେ ହୋଇଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ପି ଏମ୍ ଶ୍ରୀ ଉତ୍ସବ ଉଦ୍‌ଘାଟିତ

କଟକ, (ସବ୍ୟୁ)ଜିଲ୍ଲାସ୍ତରୀୟ ପି ଏମ୍ ଶ୍ରୀ ଉତ୍ସବ ପୋଲିସ୍ ହାଇସ୍କୁଲ ପରିସରରେ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଉତ୍ସବକୁ ଉଦଘାଟନ କରି ପ୍ରତିଟି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି । ଶିକ୍ଷା କେବଳ ପାଠପଢାରେ ସୀମିତ ନରହି ଖେଳକୁଦ, କଳା, ସଂସ୍କୃତି, ଚିତ୍ରାଙ୍କନ ତଥା ନିଜ ପସନ୍ଦର ସଉକକୁ ନେଇ ଆଗକୁ ବଢିବା ଦିଗରେ ବିସ୍ତାର ଲାଭ କରିବା ଆବଶ୍ୟକ । ସମାଜରେ ସମ୍ମାନର ସହ ଆଗକୁ ବଢିବାରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପିଏମଶ୍ରୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କର ପ୍ରତିଭାର ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା କରାଯିବା ସହ, ବିଜ୍ଞାନ ମେଳା, ସାହିତ୍ୟ ଆସର, ବଜାର ମାଧ୍ୟମରେ ବିକ୍ରିବଟା ଓ ପିଲାଙ୍କ ହାତତିହାରି ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ କରାଯାଇଥିଲା । ଜିଲ୍ଲାପାଳ ବିଜ୍ଞାନ ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ସେମାନେ



ପ୍ରସ୍ତୁତ କରିଥିବା ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିବା ସହ ପିଲାଙ୍କ ହାତତିଆରି ସାମଗ୍ରୀ କ୍ରୟ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଅତରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଶ୍ରୀମତୀ ଅଭିଜିତା ଭାସ୍କର, ସନ୍ତୋଷ କୁମାର ସେଠୀ, ପ୍ରଧାନ ଶିକ୍ଷକ ଓଡ଼ିଶା ପୋଲିସ୍ ହାଇସ୍କୁଲ, ସୁଜାତା ବେହେରା, ଫଂଚସଖା ଶିକ୍ଷା ସେତୁ ଲୋକ ସମ୍ପର୍କ ଅଧିକାରୀ ଆଦିତ୍ୟ ଚୌଧୁରୀ, ଜିଲ୍ଲା ନୋଡାଲ ଅଧିକାରୀ ବିଭୂଦତ ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ସାଗରିକା ରାଉତ, ଫଂଚସଖା ଶିକ୍ଷା ସେତୁ ପ୍ରକଳ୍ପ ଅଧିକାରୀ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସାଓମି ପକ୍ଷରୁ ରେଡମି ନୋଟ ୧୫ ୫ଜି ଓ ରେଡମି ପ୍ୟାଡ ୨ ପ୍ରୋ ଉନ୍ମୋଚିତ

ଭୁବନେଶ୍ୱର(ସବ୍ୟୁ) : ଏକ ଆନ୍ତର୍ଜାତୀୟ ଟେକ୍ନୋଲୋଜି ବ୍ରାଣ୍ଡ ସାଓମି ଇଣ୍ଡିଆ ପକ୍ଷରୁ ରେଡମି ନୋଟ ୧୫ ୫ଜି ଓ ରେଡମି ପ୍ୟାଡ୍ ୨ ପ୍ରୋର ଶୁଭାରମ୍ଭ ଘୋଷଣା କରାଯାଇଛି । ଭାରତୀୟ ଉପଭୋକ୍ତାଙ୍କ ଆବଶ୍ୟକତା ଉପରେ ଆଧାର କରି ନିର୍ମିତ ନୂଆ ରେଡମି ଡିଭାଇସଗୁଡିକ ଏକ ଶକ୍ତିଶାଳୀ ବଡ-ସ୍କ୍ରିନ ଅନୁଭୂତି ସହ ସାରାଦିନର ସ୍ମାର୍ଟଫୋନ ସହନଶୀଳତାକୁ ଏକତ୍ରିତ କରୁଛନ୍ତି । ରେଡମି ନୋଟ ୧୫ ୫ଜି ଏକ ୧୦୮ ଏମପି ମାଷ୍ଟରପିକ୍ସେଲ ଡୁଆଲ ଏଆଇ କ୍ୟାମେରା ଏବଂ ବିଶ୍ୱସ୍ତରରେ ଡେବ୍ୟୁ କରିଥିବା ସାମସଙ୍ଗ ଆଇସୋସେଲ ଏଚଏମ୯ ସେନ୍ସର ସହ ସୁସଜ୍ଜିତ ରହିଛି । ଏହାର ୫୫୨୦ଏମଏଏଚ ସିଲିକନ-କାର୍ବନ ବ୍ୟାଟେରୀ ସହିତ ୪୫ୱାଟ ଫାଷ୍ଟ ଚାର୍ଜିଂ ଓ ୧୮ ୱାଟ ୱାୟାରଡ ରିଭର୍ସ ଚାର୍ଜିଂ ସହ ପେୟାର ହୋଇଛି । ଫ୍ରଂଟରେ ଅଟୋ ଫିଲ୍ଡ-ଅଫ୍-ଭ୍ୟୁ ଆଡଜଷ୍ଟମେଂଟ ସହ ଏକ ୨୦ଏମ୍ପି କ୍ୟାମେରା ରହିଛି ଛ ସେହିଭଳି ରେଡମି ପ୍ୟାଡ ୨ ପ୍ରୋରେ ବିଶ୍ୱର ସର୍ବବୃହତ ୧୨୦୦୦ ଏମଏଏଚ ବ୍ୟାଟେରୀ ରହିଛି, ଯାହା ଷ୍ଟ୍ରିମିଂ, ପଠନ, ମିଟିଂ ଓ ଗେମିଂ ପାଇଁ ବାସ୍ତବ ଦୁନିଆର ଚମତ୍କାର ସହନଶୀଳତା ପ୍ରଦାନ କରୁଛି । ୩୩ ୱାଟ ଫାଷ୍ଟ ଚାର୍ଜିଙ୍ଗ ପାଇଁ ସପୋର୍ଟ ସହ ୨୭ୱାଟ ରିଭର୍ସ ଚାର୍ଜିଙ୍ଗ ଭଳି ସୁବିଧା ରହିଛି ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶାଳ ଚାଷୀ ସମାବେଶ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ୫:ଗୋଟି ପଞ୍ଚାୟତର ( ଲପଙ୍ଗା, କତରବଗା, ବୋମାଲୋଇ, ଗିଚାମୁରା, ଜଙ୍ଗଲା, ) ପ୍ରାୟ ୪୫୦ ଚାଷୀ ମାନଙ୍କୁ ନେଇ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯାଇଥିଲା । ଉକ୍ତ ସମାବେଶରେ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ ତଥା ଶ୍ରୀମତୀ ଅମ୍ରିତା ପଣ୍ଡା,ସହକାରୀ ପ୍ରାଣୀ ଚିକିତ୍ସକ ଅଧିକାରୀ, ଶ୍ରୀଯୁକ୍ତ ପ୍ରିୟବ୍ରତ ଜେନା ସହକାରୀ କୃଷି ଅଧିକାରୀ, ରେଙ୍ଗାଲି, ଡକ୍ଟର ପିଙ୍କି ଶେଠ୍, ରିସର୍ଚର ଆଣ୍ଡ ଡେଭଲପମେଣ୍ଟ, କୃଷି ବିଜ୍ଞାନ କେନ୍ଦ୍ର ସମ୍ବଲପୁର, ଶ୍ରୀଯୁକ୍ତ ଜପା ମାଳି, ଜୀବିକା ମିଶନ, ଶ୍ରୀମତୀ ତନ୍ମୟୀ ଶାସନି, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ରେଙ୍ଗାଲି ଉପସ୍ଥିତ ରହି ସରକାରଙ୍କର ନିଜ ବିଭାଗର ସମସ୍ତ ପ୍ରକଳ୍ପ ଓ ଚାଷୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ଗୁଡ଼ିକ ଚାଷୀ ମାନଙ୍କୁ ଅବଗତ କରାଇଥିଲେ । ଏଥି ସହିତ ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଉପସ୍ଥିତ ରହି ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଆଦିତ୍ୟ ଆଲୁମିନିୟମ




ର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଚାଷୀ ହେଉଛନ୍ତି ଆମଦେଶ ର ଅର୍ଣ୍ଣ ଦାତା, ତେଣୁ ଚାଷୀ ମାନଙ୍କର ଉନ୍ନତି ପାଇଁ ଆଦିତ୍ୟ ଆଲୁମିନିୟମ ସବୁବେଳେ ଶତଚେଷ୍ଟିତ ବୋଲି ଉଦବୋଧନ ଦେଇଥିଲେ, ବିନୋଦା ନନ୍ଦ ଠାକୁର, ମାନବ ସମ୍ବଳ ମୁଖ୍ୟ, ଉପସ୍ଥିତ ଚାଷୀ ମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ, ପିୟୁଶୁ ରାଜଗୁରୁ ଆଦିତ୍ୟ ଆଡମିନ୍ ମୁଖ୍ୟ ମଧ ଉପସ୍ଥିତ ରହିଥିଲେ । ଶ୍ରୀଯୁକ୍ତ ମନୋରଂଜନ ବେହେରା, ଉପ ପ୍ରବନ୍ଧକ ସି.ଏସ.ଆର୍ ମଞ୍ଚ ପରିଚାଳନା କରିଥିଲେ ଓ ଶ୍ରୀଯୁକ୍ତ ରବି ନିୱାସ୍, ସି.ଏସ. ଆର ମୁଖ୍ୟ କାର୍ଯ୍ୟଟିକୁ ତଦାରଖ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଆଦିତ୍ୟ ଆଲୁମିନିୟମ ଚାଷୀ ମାନଙ୍କ ର ଉନ୍ନତି ପାଇଁ ଯେଉଁ କାର୍ଯ୍ଯ ମାନ ହାତକୁ ନେଉଛି ଏହା ପଣ୍ଡିତ ମଣ୍ଡଳୀରେ ପ୍ରଶଂସା କରିଥିଲେ।

## ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ ସମାପନ

# ଲୋକତାନ୍ତ୍ରିକ ବ୍ୟବସ୍ଥା ପରମ୍ପରାକୁ ସୁଦୃଢ଼ କରିଛି

**ନୂଆଦିଲ୍ଲୀ;** ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ ଶେଷ ହୋଇଛି। ଲୋକସଭା ବାଚସ୍ପତି ଓମ ବିର୍ଲା ତାଙ୍କର ଉଦଯାପନୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ପରବର୍ତ୍ତୀ ୨୯ତମ ଅଧକ୍ଷ ମଣ୍ଡଳୀର ଅଧକ୍ଷ ଦାୟିତ୍ୱ ବ୍ରିଟେନ ହାଉସ ଅଫ୍ କମନ୍ସର ବାଚସ୍ପତି ଲିଣ୍ଡସେ ହେ୍ୱିଲଙ୍କୁ ପ୍ରଦାନ କରିଥିଲେ। ସ୍ୱୀକରମାନେ ଏବଂ ପ୍ରେସାଇଡିଂ ଅଫିସରମାନଙ୍କ ୨୮ତମ ସମ୍ମେଳନ ଯାହାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଉଦ୍ଘାଟନ କରିଥିଲେ। ଆଜି ଜନକେନ୍ଦ୍ରିକ ଲୋକତାନ୍ତ୍ରିକ ସଂସ୍ଥାମାନେଙ୍କୁ ଆହୁରି ସୁଦୃଢ଼ କରିବା ପାଇଁ ପୁନର୍ନବ ପ୍ରତିବଦ୍ଧତା ସହ ସମାପ୍ତ ହୋଇଛି। ତିନିଦିନିଆ ସମ୍ମେଳନର ଭାଲେଡିକ୍ଟରି ଅଧିବେଶନରେ ଲୋକସଭା ଅଧକ୍ଷ ଶ୍ରୀ ଓମ୍ ବିର୍ଲା ଶେଷ ଭାଷଣ ପ୍ରଦାନ କଲେ। ଏହି ଅଧିବେଶନରେ ସେ ୨୯ତମ ର ଅଧକ୍ଷତା ବ୍ରିଟେନ୍ ହାଉସ୍ ଅଫ୍ କମନ୍ସର ସ୍ୱୀକରଙ୍କୁ ହସ୍ତାନ୍ତର କରି ଲଣ୍ଡନରେ ଆସନ୍ତା ସଫଳ ହେବା ପାଇଁ ଶୁଭେଚ୍ଛା ଜଣାଇଲେ।



ଏହି ଅବସରରେ ଶ୍ରୀ ବିର୍ଲା କହିଲେ ଯେ, ଲୋକତାନ୍ତ୍ରିକ ସଂସ୍ଥାମାନେ ତେବେହି ସୁଦୃଢ଼ ଏବଂ ସମ୍ପ୍ରାସଙ୍ଗିକ ରହିପାରିବେ, ଯେତେବେଳେ ସେମାନେ ପାରଦର୍ଶୀ, ସମାବେଶୀ, ପ୍ରତିକ୍ରିୟାଶୀଳ ଏବଂ ଜନତା ପ୍ରତି ଦାୟିତ୍ୱବାନ୍ ହୋଇଥାନ୍ତି। ସେ ଉଲ୍ଲେଖ କଲେ ଯେ, ପାରଦର୍ଶିତା ନିଷ୍ପତ୍ତି-ନିର୍ମାଣ ପ୍ରକ୍ରିୟାରେ ଖୋଲାମେଲାପଣା ନିଶ୍ଚିତ କରି ଲୋକମାନଙ୍କର ବିଶ୍ୱାସ ଗଢ଼ି ତୋଳେ; ଆଉ ସମାବେଶନ ନିଶ୍ଚିତ କରେ ଯେ ପ୍ରତ୍ୟେକ କଣ୍ଠ—ବିଶେଷକରି ସମାଜର ପ୍ରାନ୍ତରେ ଥିବା ଲୋକମାନଙ୍କର—ଲୋକତାନ୍ତ୍ରିକ ପ୍ରକ୍ରିୟାରେ ଶୁଣାଯାଉ ଏବଂ ସମ୍ମାନିତ ହେଉ। ଏହି ନୀତିଗୁଡ଼ିକ ଲୋକତାନ୍ତ୍ରିକ ସଂସ୍ଥାମାନଙ୍କର ନ୍ୟାୟସଙ୍ଗତତାକୁ ଅଟୁଟ ରଖେ ଏବଂ ନାଗରିକ ଓ ରାଜ୍ୟ ମଧ୍ୟରେ ଦୀର୍ଘସ୍ଥାୟୀ ସମ୍ପର୍କକୁ ମଜବୁତ କରେ, ସେ ମତ ପ୍ରକାଶ କଲେ। ସ୍ଥାପନା ପଛରେ ଥିବା ୫୬ ବର୍ଷ ପୂର୍ବର ଦୃଷ୍ଟିକୋଣ ସ୍ମରଣ କରି ଶ୍ରୀ ବିର୍ଲା କହିଲେ ଯେ, କମନ୍ୱେଲ୍ଥର ଲୋକତାନ୍ତ୍ରିକ ବିଧାନମଣ୍ଡଳମାନଙ୍କ ମଧ୍ୟରେ ନିରନ୍ତର ସଂଳାପ ନିଶ୍ଚିତ କରିବା ଏବଂ ସାଂସଦୀୟ କାର୍ଯ୍ୟକୁଶଳତା ଓ ପ୍ରତିକ୍ରିୟାଶୀଳତା ବଢ଼ାଇବା ପାଇଁ ନୂଆ ମାର୍ଗ ଖୋଜିବା ଉଦ୍ଦେଶ୍ୟରେ ଏହି ସମ୍ମେଳନ ଗଠିତ ହୋଇଥିଲା।

# ବିପ୍ଳବ ପାଲଟିଛି ଷ୍ଟାର୍ଟଅପ୍ ଇଣ୍ଡିଆ: ମୋଦୀ

**ନୂଆଦିଲ୍ଲୀ:** ଷ୍ଟାର୍ଟଅପ୍ ଇଣ୍ଡିଆକୁ ଆଜି ଏକ ଦଶନ୍ଧି ପୂରଣ ହୋଇଛି। ୨୦୧୬ ଜାନୁଆରି ୧୬ରେ ଏହା ଆରମ୍ଭ ହୋଇଥିଲା। ଏହି ଅବସରରେ ଭାରତ ମଣ୍ଡପମ୍ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ କହିଛନ୍ତି ଭାରତର ଯୁବପିଢ଼ି ଦେଶର ବାସ୍ତବ ସମସ୍ୟାର ସମାଧାନ କରୁଛନ୍ତି। ସେମାନଙ୍କର ସାହସ, ଆତ୍ମବିଶ୍ୱାସ ଏବଂ ନବସୃଜନ ଦେଶର ଭବିଷ୍ୟତକୁ ଗଢୁଛି।

୧୦ ବର୍ଷ ପୂର୍ବେ ଯାହା ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇଥିଲା ତାହା ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହୋଇଛି। ମାତ୍ର ୧୦ ବର୍ଷରେ ଷ୍ଟାର୍ଟଅପ୍ ଇଣ୍ଡିଆ ମିସନ ଏକ ବିପ୍ଳବରେ ପରିଣତ ହୋଇଛି। ଭାରତରେ ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ପରିସଂସ୍ଥାନ ସୃଷ୍ଟି ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଏକ ଦଶନ୍ଧି ପୂର୍ବେ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ୫୦୦ରୁ କମ୍ ରହିଥିଲା। କିନ୍ତୁ ଆଜି ଏହା ୨ ଲକ୍ଷରୁ ଅଧିକ ହୋଇଛି। ୨୦୧୪ରେ ଭାରତରେ କେବଳ ୪ଟି ୟୁନିକର୍ଣ୍ଣ ଥିଲା। କିନ୍ତୁ ସଂପ୍ରତି ପ୍ରାୟ ୧୨୫ଟି ସକ୍ରିୟ ୟୁନିକର୍ଣ୍ଣ ରହିଛି। କେବଳ ୨୦୨୫ରେ ପାଖାପାଖି ୪୪ ହଜାର ନୂଆ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି। ଭାରତରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବାଦିନଠାରୁ ଯେକୌଣସି ବର୍ଷରେ ଏହା ସର୍ବାଧିକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅତୀତରେ ରିସ୍କ ନେବାକୁ ନିରୁତ୍ସାହିତ କରାଯାଉଥିଲା। କିନ୍ତୁ ସଂପ୍ରତି ରିସ୍କ ନେବା ମୁଖ୍ୟସ୍ରୋତର ବିଷୟ ପାଲଟିଯାଇଛି।

ଆଜି ଯେଉଁମାନେ ମାସିକ ଦରମା ବାଦ୍ ଚିନ୍ତା କରିପାରୁଛନ୍ତି ସେମାନଙ୍କୁ ଗ୍ରହଣ କରାଯାଉଛି ଏବଂ ସମ୍ମାନ ଦିଆଯାଉଛି। ଟିୟର-୨, ଟିୟର-୩ ସହର ଏବଂ ଏପରିକି ଗ୍ରାମାଞ୍ଚଳର ଯୁବକଯୁବତୀମାନେ ତୃଣମୂଳ ସ୍ତରର ସମସ୍ୟା ସମାଧାନ କରିବା ପାଇଁ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି। ଅର୍ଥାତ ଔଦ୍ୟୋଗିତା ଏବେ ସମାବେଶୀ ହୋଇପାରିଛି। ସ୍ୱୀକୃତିପ୍ରାପ୍ତ ୪୫ ପ୍ରତିଶତ ଷ୍ଟାର୍ଟଅପ୍ରେ ଅତିକମ୍ରେ ଜଣେ ନିର୍ଦ୍ଦେଶକ କିମ୍ବା ସହ ପ୍ରତିଷ୍ଠାତା ମହିଳା ରହିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସେମିକଣ୍ଡକ୍ଟର, ଗ୍ରିନ୍ ହାଇଡ୍ରୋଜେନ୍ ଏବଂ ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆସନ୍ତା ଫେବ୍ରୁଆରିରେ ଭାରତରେ ଏଆଇ ଇମ୍ପାକ୍ଟ ସମ୍ମିଳନୀ ହେବ। ଆଜିର ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆମେରିକା ଭୟରେ ଇରାନରେ ୮୦୦ ଫାଶୀଦଣ୍ଡ ସ୍ଥଗିତ

**ତେହେରାନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକରେ ଛାନିଆ ହୋଇ ଯାଇଛି ଇରାନ। ଦେଶରେ ହିଂସାତ୍ମକ ବିକ୍ଷୋଭ ଘଟଣାରେ ଇରାନ ସରକାର ନିଜର ଫାଶୀ ଦଣ୍ଡ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି। ବିକ୍ଷୋଭ ଘଟଣାରେ ୮୦୦ ଫାଶୀ ଦଣ୍ଡକୁ କାର୍ଯ୍ୟକାରୀ କରିବାକୁ ଇରାନ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଟ୍ରମ୍ପଙ୍କ ଭୟରେ ଏହା ଉପରେ ତେହେରାନ ରୋଗ ଲଗାଇ ଦେଇଛି।ବୁଧବାର ଓ ଗୁରୁବାର ଏପରି ସାମୂହିକ ଫାଶୀ ଦଣ୍ଡକୁ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା ଇରାନ। ହେଲେ ସାମୂହିକ ଫାଶୀ ଦଣ୍ଡକୁ କାର୍ଯ୍ୟକାରୀ କଲେ ଏହାର କଡ଼ା ଜବାବ ଆମେରିକା ଦେବ ବୋଲି କହିଥିଲା। ଏପରି ଚେତାବନୀ ପରେ ୮୦୦ ଫାଶୀ ଦଣ୍ଡର କାର୍ଯ୍ୟକାରୀ ଉପରେ ଇରାନ ରୋକ ଲଗାଇ ଦେଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇରାନରେ ପ୍ରାୟ ୨୦ ଦିନ ହେଲା ସରକାରୀ ବିରୋଧୀ ବିକ୍ଷୋଭ ଚାଲିଛି। ଏହାକୁ ଦମନ କରିବା ପାଇଁ ଇରାନ ସରକାର ଉଦ୍ୟମ କରୁଥିବା ବେଳେ ପ୍ରାୟ ୩୫୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି। ସେହିପରି ୨୦ ହଜାର ଲୋକଙ୍କୁ



ଗିରଫ କରାଯାଇଛି। ଗିରଫ ହୋଇଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୮୦୦ ଜଣଙ୍କୁ ଦେଶ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଇରାନର ଖାମେନେଇ ସରକାର ଫାଶୀ ଖୁଣ୍ଟରେ ଝୁଲାଇବାକୁ ନିଷ୍ପତ୍ତି ନେଇଥିଲେ।ହେଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ବିରୋଧ କରିବା ସହ ଇରାନକୁ ସାମାରିକ କାର୍ଯ୍ୟାନୁଷ୍ଠାନର ନାଲି ଆଖି ଦେଖାଇଥିଲେ। ଏହାପରେ ହିଁ ଫାଶୀ ଦଣ୍ଡ ଉପରେ ରୋକ ଲଗାଇଛି। ଏ ସମ୍ପର୍କରେ ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲାଇନ ଲେଭିଟ୍ଟ କହିଛନ୍ତି ଟ୍ରମ୍ପ ଓ ତାଙ୍କ ଟିମ ଗୋଟିଏ ସିଧାସଳ ଚେତାବାନୀ ଇରାନ ଅଧିକାରୀଙ୍କୁ ଦେଇଥିଲେ।ଏବେ ରାଷ୍ଟ୍ରପତି ଜାଣିବାକୁ ପାଇଛନ୍ତି ଯେ ୮୦୦ ଫାଶୀ ଦଣ୍ଡକୁ କାର୍ଯ୍ୟକାରୀ ଟାଳି ଦିଆଯାଇଛି। ପୂର୍ବରୁ ଏଥିପାଇଁ ସମୟ ନିର୍ଦ୍ଧାରଣ ହୋଇଥିଲା ଓ ଗୁରୁବାର ଏହାକୁ କାର୍ଯ୍ୟକାରୀ କରାଯିବାର ଥିଲା। ୮୦୦ ଫାଶୀ ଦଣ୍ଡକୁ ଟାଳି ଦିଆଯାଇଥିଲେ ହେଁ ରାଷ୍ଟ୍ରପତିଙ୍କ ଟେବୁଲରେ ସମସ୍ତ ବିକଳ୍ପ ଏବେ ବି ଖୋଲା ରହିଥିବା ଲେଭିଟ୍ଟ କହିଛନ୍ତି। ହ୍ୱାଇଟ ହାଉସ ପକ୍ଷରୁ ଏପରି ସୂଚନା ଦିଆଯିବା ପୂର୍ବରୁ ଆମେରିକା ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଷଡ଼ଯନ୍ତ୍ର ଅଭିଯୋଗରେ ଇରାନର ୫ ଅଧିକାରୀଙ୍କ ଉପରେ ନୂଆ କଟକଣା ଲାଗୁ କରାଯାଇଥିଲା।ଇରାନର ରାଜନେତାମାନେ ବିଭିନ୍ନ ବିଦେଶ ବ୍ୟାଙ୍କକୁ ନିଜର ଅର୍ଥକୁ ହସ୍ତାନ୍ତର କରୁଥିବା ଆମେରିକା ଜାଣିବାକୁ ପାଇଛି। ଏହା ଉପରେ ମଧ୍ୟ ଆମେରିକା ନଜର ରଖି ତେହେରାନ ଉପରେ ଚାପ ପ୍ରୟୋଗ କରିବାକୁ ଚାହୁଁଥିବା ରିପୋର୍ଟ ପ୍ରକାଶ ପାଇଛି। ଲେଭିଟ୍ଟଙ୍କ କହିବା କଥା ଯେ ଟ୍ରମ୍ପ ବେଶ ଯତ୍ନର ସହ ଇରାନରେ ଘଟୁଥିବା ଘଟଣା ଉପରେ ନଜର ରଖିଛନ୍ତି। ଏଥିସହ ଫାଶୀ ଦଣ୍ଡର କାର୍ଯ୍ୟକାରୀ ଓ ହତ୍ୟାକାଣ୍ଡକୁ ବନ୍ଦ କରିବା ପାଇଁ ଇରାନୀୟ ଅଧିକାରୀମାନେ ଟ୍ରମ୍ପଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ମୁମ୍ବାଇରେ ପାରିବାରିକ ମେଣ୍ଟ ବିଫଳ

**ମୁମ୍ବାଇ:** ମହାରାଷ୍ଟ୍ରରେ ଠାକରେଙ୍କ ଶିବସେନା ଓ ପାୱାରଙ୍କ ଏନସିପିର ୨୦୨୨-୨୩ରେ ବିଭାଜନ ହୋଇଥିଲା। ଉଭୟର ବିଚ୍ଛିନ୍ନ ଗୋଷ୍ଠୀ ବିଜେପି ନେତୃତ୍ୱାଧୀନ ସରକାରରେ ଯୋଗ ଦେଇଥିଲେ। କିନ୍ତୁ ଏହି ବିଭାଜନ ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରଭାବ ପକାଇଥିବା ଜଣାପଡିଛି। ଦୀର୍ଘ ବ୍ୟବଧାନ ପରେ ଉଭୟ ପରିବାର ଦୁଇ ଗୋଷ୍ଠୀ ପୌର ନିର୍ବାଚନ ପୂର୍ବରୁ ଏକାଠି ହୋଇଥିଲେ ମଧ୍ୟ ମୁମ୍ବାଇ ଓ ପୁଣେରେ ନିର୍ବାଚନ ଫଳାଫଳ ସେମାନଙ୍କ ବିପକ୍ଷରେ ଯାଇଛି।

ଏହି ନିର୍ବାଚନର କେନ୍ଦ୍ରରେ ମୁମ୍ବାଇ ଅଛି, ଯେଉଁଠାରେ ଦୁଇ ଦଶନ୍ଧି ପରେ ଉଦ୍ଧବ ଠାକରେଙ୍କ ସମ୍ପର୍କୀୟ ଭାଇ ରାଜ ଠାକରେଙ୍କ ସହ ବୁଝାମଣା ଶେଷରେ ଅଧିକ ନିରର୍ଥକ ସାବ୍ୟସ୍ତ ହୋଇଛି। ଉଦ୍ଧବଙ୍କ ସ୍ୱର୍ଗତ ପିତା ବାଲ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠିତ ଅବିଭକ୍ତ ଶିବସେନାର ଶାସନ ଏଠାରେ ୨୫ ବର୍ଷ ଧରି ଚାଲିଥିଲା - ବିଜେପି ସହିତ ମିଶି ସେମାନେ ଶାସନ କରୁଥିଲେ। ଏକନାଥ ସିନ୍ଦେ ସେମାନଙ୍କଠାରୁ ଅଲଗା ହୋଇ ବିଜେପି ସହ ମେଣ୍ଟ କରିବା ଠାକରେ ପରିବାର ପାଇଁ ମହଙ୍ଗା ପଡ଼ିଲା। ଶେଷରେ ସିନ୍ଦେ ଗୋଷ୍ଠୀ ଓ ବିଜେପି ଭାରତର ସବୁଠାରୁ ଧନୀ ପୌରପାଳିକା ବୃହନ୍ମୁମ୍ବାଇ ମ୍ୟୁନିସିପାଲିଟି କର୍ପୋରେସନ୍ (ବିଏମ୍ସି) ରେ କ୍ଷମତା ଦଖଲ କରିବାକୁ ଯାଉଛି। ରାଜ ଠାକରେ ଓ ତାଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍), ବାଲ ଠାକରେ ପୁଅ ଉଦ୍ଧବଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବରେ ପସନ୍ଦ କରିବା ପରେ ମେଣ୍ଟ ଗଠିତ ହୋଇଥିଲା। କିନ୍ତୁ ପୌର ନିର୍ବାଚନରେ ଏହା କିଛି ସୁଫଳ ଦେଇପାରି ନାହିଁ।

## ଇରାନରେ ଅଛନ୍ତି ୯ ହଜାର ଭାରତୀୟ

**ନୂଆଦିଲ୍ଲୀ:** ଇରାନରେ ସଙ୍କଟ ଜାରି ରହିଥିବାବେଳେ ଭାରତ ଏହାର ନାଗରିକଙ୍କୁ ସତର୍କ ରହିବାପାଇଁ କହିଛି ଏବଂ ଇରାନରୁ ମଧ୍ୟ ନାଗରିକଙ୍କୁ ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ଏହାର ନାଗରିକଙ୍କୁ ବର୍ତ୍ତମାନ ଇରାନକୁ ଯାତ୍ରା ନକରିବାପାଇଁ ପରାମର୍ଶ ଦେଇଛି ଏବଂ ଏବେ ଯେଉଁମାନେ ସେଠାରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ିଦେବାପାଇଁ କୁହାଯାଇଛି।



ଜୟସ୍ୱାଲ କହିଛନ୍ତି, ଇରାନରେ ଏବେ ପ୍ରାୟ ୯ ହଜାର ଭାରତୀୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ର। ଜୟସ୍ୱାଲ କହିଛନ୍ତି, ନିକଟରେ ଆମେ ୨ରୁ ୩ଟି ପରାମର୍ଶାବଳୀ ଜାରି କରିଛୁ। ଭାରତରେ ଆମ ନାଗରିକଙ୍କୁ ଆମେ ଇରାନ ଯିବାପାଇଁ ବାରଣ କରିଛୁ ଏବଂ ଇରାନରେ ଥିବା ଭାରତୀୟ ନାଗରିକଙ୍କୁ ତୁରନ୍ତ ଯେକୌଣସି ଉପାୟରେ ଦେଶ ଛାଡ଼ିଦେବାପାଇଁ କହିଛୁ। ସରକାର ସ୍ଥିତି ଉପରେ ଭଲଭାବେ ନଜର ରଖିଛନ୍ତି

ସେ କହିଛନ୍ତି, ସରକାର ସ୍ଥିତି ଉପରେ ଭଲଭାବେ ନଜର ରଖିଛନ୍ତି ଏବଂ ଭାରତୀୟ ନାଗରିକଙ୍କ ସୁରକ୍ଷା ପ୍ରତି ସରକାର ପ୍ରତିଶ୍ରୁତିବଦ୍ଧ। ଜୟସ୍ୱାଲ କହିଛନ୍ତି, ନାଗରିକଙ୍କ ସୁରକ୍ଷା ପାଇଁ ଯାହା ଆବଶ୍ୟକ ତାହା କରାଯିବ। ଭାରତ ମଧ୍ୟ ଇରାନରୁ ନାଗରିକଙ୍କୁ ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଛି ବୋଲି ସେ କହିଛନ୍ତି। ଇରାନରେ ଥିବା ନାଗରିକଙ୍କୁ ଦୂତାବାସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି।

## କୁକି ସଂଗଠନର ଜଙ୍ଗଲ ଶିବିରକୁ ଧ୍ୱଂସ କଲେ ଯବାନ

**ଇମ୍ଫାଲ:** ପାରା ସ୍ପେଶାଲ୍ ଫୋର୍ସେସ୍ କମାଣ୍ଡୋ ଓ ଆସାମ ରାଇଫଲ୍ସ ଜାତିଗତ ହିଂସା ପ୍ରଭାବିତ ମଣିପୁରର ପାହାଡ଼ିଆ ଜିଲ୍ଲା ଚୁରାଚାନ୍ଦପୁରର ଜଙ୍ଗଲରେ ବିଦ୍ରୋହୀ ଗୋଷ୍ଠୀ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନ୍ଏ)ର ଶିବିରକୁ ଧ୍ୱଂସ କରିଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସହ ଶତ୍ରୁତା ବନ୍ଦ କରିବା ଚୁକ୍ତିର ଅଂଶ ନ ଥିବା ଏହି ନିଷିଦ୍ଧ ଗୋଷ୍ଠୀର ମଣିପୁର ଓ ମ୍ୟାମାରରେ ସୀମା ଆରପଟେ କ୍ୟାମ୍ପ ରହିଛି ବୋଲି ସେମାନେ କହିଛନ୍ତି।ଅଧିକାରୀମାନେ କହିଛନ୍ତି ଯେ କମାଣ୍ଡୋ ଓ ଆସାମ ରାଇଫଲ୍ସ ଦଳ ହେଲିକପ୍ଟର ବ୍ୟବହାର କରି ଜଙ୍ଗଲରେ ପ୍ରବେଶ କରିଥିଲେ ଏବଂ ଏହି ଅପରେସନ୍ ଚୁରାଚାନ୍ଦପୁରରେ ସୀମିତ ଥିଲା। ମଣିପୁରରେ ଉତ୍ତେଜନା ହ୍ରାସ କରିବା



ଏବଂ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଏହି ମିଳିତ ଅପରେସନ୍ କରାଯାଇଥିଲା। ସରକାରଙ୍କ ପୁନର୍ବାସ ପଦକ୍ଷେପର ପ୍ରଥମ ପର୍ଯ୍ୟାୟ ଭାବରେ ପୁନଃଥଇଥାନ ହୋଇଥିବା ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ଘର ଉପରେ ଗୁଳି ଚଳାଇବାରେ ଅନେକ ୟୁକେଏନ୍ଏ କ୍ୟାଡର ଜଡିତ ଅଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ଏହି ଅପରେସନ ଆରମ୍ଭ ହୋଇଥିଲା। ମୈତେୟୀ ଓ କୁକି ମଧ୍ୟରେ ଜାତିଗତ ହିଂସା ମେ ୨୦୨୩ରେ ଆରମ୍ଭ ହୋଇଥିଲା। ଏଥିରେ ଅତି କମ୍ରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୬୦,୦୦୦ ଲୋକ ବିସ୍ଥାପିତ ହୋଇଛନ୍ତି। ହଜାର ହଜାର ସୁରକ୍ଷା କର୍ମୀ ମୁତୟନ ହେବା ସତ୍ତ୍ୱେ ଜାତିଗତ ହିଂସା ବିକ୍ଷିପ୍ତ ଭାବରେ ଜାରି ରହିଛି।

## ଜିଓର ତୃତୀୟ ତ୍ରୈମାସିକ ନେଟ ଲାଭ ୧୧.୩ ପ୍ରତିଶତ ବୃଦ୍ଧି

**ମୁମ୍ବାଇ:** ଦେଶର ସର୍ବବୃହତ ଦୂରସଂଚାର ଓ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଜିଓ ପ୍ଲାଟଫର୍ମସ ଲିମିଟେଡ୍ର ନେଟ ଲାଭ ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୭୬୨୯ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ଫଳାଫଳରେ ଏହି ସୂଚନା ଦିଆଯାଇଛି। ଜିଓ ପ୍ଲାଟଫର୍ମସର ଡିଜିଟାଲ ସେବା ମୋଟ ରାଜସ୍ୱ ଗତବର୍ଷ ସମାନ ଅବଧି ତୁଳନାରେ ୧୨.୭ ପ୍ରତିଶତ ବୃଦ୍ଧି ପାଇ ୪୩,୬୮୩ କୋଟି ଟଙ୍କା ହୋଇଥିବା ଜଣାପଡିଛି। ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୧ କୋଟି ୫୩ ଲକ୍ଷ ଅତିକ୍ରମ କରିବା ସହିତ ଜିଓ ୫ଜି ଗ୍ରାହକ ସଂଖ୍ୟା ୨୫ କୋଟି ୩୦ ଲକ୍ଷ ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛିଛ ସେହିଭଳି ଜିଓ ଫିକ୍ସଡ଼ ବ୍ରଡବ୍ୟାଣ୍ଡ ଗ୍ରାହକ ସଂଖ୍ୟା ୨.୫୩ କୋଟି ଅତିକ୍ରମ କରିଥିବା ବେଳେ ଜିଓଏୟାରଫାଇବର ଏକ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ବିଶ୍ୱରେ ପ୍ରଥମ ଏଫଡବ୍ଲୁଏ ସେବା ପ୍ରଦାନକାରୀ ହେବାର ଗୌରବ ହାସଲ କରିଛି। ଡ଼ିସେମ୍ବର ଶେଷ ସୁଦ୍ଧା ଜିଓଏୟାରଫାଇବର ଗ୍ରାହକ ସଂଖ୍ୟା ୧୧ କୋଟି ୧୫ ଲକ୍ଷ ଅତିକ୍ରମ କରିଛି।

## ପ୍ରଧାନମନ୍ତ୍ରୀ ଆଜି ଆସାମ ଗସ୍ତରେ ଯିବେ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୧୭ ରୁ ୧୮ ପର୍ଯ୍ୟନ୍ତ ଦୁଇ ଦିନ ପାଇଁ ଆସାମ ଗସ୍ତ କରିବେ। ଜାନୁଆରୀ ୧୭ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ, ପ୍ରଧାନମନ୍ତ୍ରୀ ଗୌହାଟୀର ସରୁସଜାଇ ଷ୍ଟାଡିୟମରେ ପାରମ୍ପରିକ ବୋଡୋ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଜାନୁଆରୀ ୧୮ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ, ପ୍ରଧାନମନ୍ତ୍ରୀ ୬,୯୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଭୂମି ପୂଜନ କରିବେ ଏବଂ ନଗାଓଁ ଜିଲ୍ଲାର କାଳିଆବୋରରେ ୨ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଗୌହାଟୀରେ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ଗୌହାଟୀର ସରୁସଜାଇ ଷ୍ଟାଡିୟମରେ ବୋଡୋ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟକୁ ପାଳନ କରୁଥିବା ଏକ ଐତିହାସିକ ସାଂସ୍କୃତିକ କାର୍ଯ୍ୟକ୍ରମ "ବାଗୁରୁମ୍ବା ଦୋଉ ୨୦୨୬ରେ ଯୋଗଦେବେ। ଏହି ଅବସରରେ, ବୋଡୋ ସମ୍ପ୍ରଦାୟର ୧୦,୦୦୦ ରୁ ଅଧିକ କଳାକାର ଏକାଠି ହୋଇ ବାଗୁରୁମ୍ବା ନୃତ୍ୟ ପରିବେଷଣ କରିବେ। ରାଜ୍ୟର ୨୩ଟି ଜିଲ୍ଲାର ୮୧ଟି ବିଧାନସଭା ନିର୍ବାଚନମଣ୍ଡଳୀର କଳାକାରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ବାଗୁରୁମ୍ବା ହେଉଛି ବୋଡୋ ସମ୍ପ୍ରଦାୟର ଏକ ଲୋକନୃତ୍ୟ, ଯାହା ପ୍ରକୃତି ଦ୍ୱାରା ପ୍ରେରିତ। ଏହି ନୃତ୍ୟ ପ୍ରସ୍ଫୁଟିତ ଫୁଲର ପ୍ରତୀକ ଏବଂ ମାନବ ଜୀବନ ଏବଂ ପ୍ରାକୃତିକ ଜଗତ ମଧ୍ୟରେ ସମନ୍ୱୟକୁ ଦର୍ଶାଏ। ପାରମ୍ପରିକ ଭାବରେ, ଏହି ନୃତ୍ୟ ବୋଡୋ ଯୁବତୀମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ, ଯେଉଁଥିରେ ପୁରୁଷ ଗାୟକମାନେ ଗୀତ ଗାଇଥାନ୍ତି। ଏହି ନୃତ୍ୟରେ ପ୍ରଜାପତି, ପକ୍ଷୀ, ପତ୍ର ଏବଂ ଫୁଲର କୋମଳ, ଚଳଚଞ୍ଚଳ ଗତିବିଧିକୁ ପ୍ରଦର୍ଶିତ କରାଯାଏ। ଏହି ନୃତ୍ୟକୁ ସାଧାରଣତଃ ଗୋଷ୍ଠୀରେ ପରିବେଷଣ କରାଯାଏ, ବୃତ୍ତାକାର ଭାବେ କିମ୍ବା ଧାଡିରେ ଏହା ପ୍ରଦର୍ଶିତ ହୋଇଥାଏ, ଯାହା ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ବାଗୁରୁମ୍ବା ନୃତ୍ୟ ବୋଡୋ ଲୋକଙ୍କ ପାଇଁ ଗଭୀର ସାଂସ୍କୃତିକ ମହତ୍ତ୍ୱ ରଖେ। ଏହା ଶାନ୍ତି, ପ୍ରଜନନ, ଆନନ୍ଦ ଏବଂ ସାମୂହିକ ସଦ୍ଭାବକୁ ପ୍ରତିନିଧିତ୍ୱ କରେ, ଏବଂ ଏହା ୱିସାଗୁ , ବୋଡୋ ନବବର୍ଷ ଏବଂ ଡୋମାସି ଭଳି ପର୍ବଗୁଡ଼ିକ ସହିତ ଘନିଷ୍ଠ ଭାବରେ ଜଡିତ ।

# ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେଲେ ଭେନେଜୁଏଲା ବିରୋଧୀ ନେତ୍ରୀ

**ୱାସିଂଟନ:** ହ୍ୱାଇଟ୍ ହାଉସରେ ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ହସି ହସି ଆନନ୍ଦମନରେ ଏହା ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବାକୁ ତାଙ୍କର ଦୀର୍ଘଦିନର ହୃଦୟର ଇଚ୍ଛା ଥିଲା। ସେ ଏଥିପାଇଁ ପ୍ରାୟ ଭିକ ମାଗିବା ଭଳି ଖୋଲାଖୋଲି ଲବି କରିବା ପାଇଁ କେବେ ପଛଘୁଞ୍ଚା ଦେଇନାହାନ୍ତି। ଇତିହାସରେ ପ୍ରଥମ ଥର ପାଇଁ ନୋବେଲ ଶାନ୍ତି ପୁରସ୍କାର ବିଜେତା ସ୍ୱେଚ୍ଛାକୃତ ଭାବରେ ଏହି ପଦକ ଅନ୍ୟ ଜଣଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଏପରି ପୁରସ୍କାର




ପ୍ରକୃତରେ ସ୍ଥାନାନ୍ତରଯୋଗ୍ୟ କି? ମାଚାଡୋଙ୍କ ହ୍ୱାଇଟ୍ ହାଉସ୍ ଗସ୍ତର କିଛି ଦିନ ପୂର୍ବରୁ ନରୱେ ନୋବେଲ ଇନଷ୍ଟିଚ୍ୟୁଟ୍ ଏହି ପ୍ରଶ୍ନର ସମାଧାନ କରିସାରିଛି।

ଭେନେଜୁଏଲାର ବିରୋଧୀ ନେତାଙ୍କ ମନ୍ତବ୍ୟ ପରେ ନୋବେଲ କମିଟି ସ୍ପଷ୍ଟ କରିଛି ଯେ, ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ହସ୍ତାନ୍ତର, ଅଂଶୀଦାର କିମ୍ବା ରଦ୍ଦ କରାଯାଇପାରିବ ନାହିଁ। ନୋବେଲ ଫାଉଣ୍ଡେସନର ନିୟମକୁ ଦର୍ଶାଇ ଅନୁଷ୍ଠାନ ଏକ ବିବୃତିରେ କହିଛି ଯେ, ନୋବେଲ ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଚୂଡ଼ାନ୍ତ ଓ ସ୍ଥାୟୀ। ଥରେ ନୋବେଲ ପୁରସ୍କାର ଘୋଷଣା ହୋଇଗଲେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ, ସେୟାର କରାଯାଇପାରିବ ନାହିଁ କିମ୍ବା ଅନ୍ୟ କହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ନରୱେର ନୋବେଲ କମିଟି ଓ ନୋବେଲ ଇନଷ୍ଟିଚ୍ୟୁଟ୍ କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ଚଳିତ ବର୍ଷ ମାଚାଡୋଙ୍କୁ ପ୍ରଦାନ କରାଯାଇଥିଲା। ତେବେ ପରେ ସେ ଘୋଷଣା କରିଥିଲେ ଯେ ସେ ଦେଶର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିଥିବା ଟ୍ରମ୍ପଙ୍କୁ ଏହା ପ୍ରଦାନ କରିବେ। ପରେ ମାଚାଡୋ କହିଛନ୍ତି ଯେ, ଭେନେଜୁଏଲାର ଲୋକଙ୍କ ସ୍ୱାଧୀନତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ପାଇଁ ଏହି ଉପହାର ଦିଆଯାଇଛି। ହ୍ୱାଇଟ୍ ହାଉସ୍ ଛାଡିବା ପରେ ମାଚାଡୋ ସାମ୍ବାଦିକମାନଙ୍କୁ କହିଛନ୍ତି, ମୁଁ ଆମେରିକାର ରାଷ୍ଟ୍ରପତିଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି। ଆମର ସ୍ୱାଧୀନତା ପ୍ରତି ତାଙ୍କର ଅନନ୍ୟ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ପାଇଁ ସେ ଏହା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି: ମୁଁ କରିଥିବା କାର୍ଯ୍ୟ ପାଇଁ ମାରିଆ ମୋତେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ପାରସ୍ପରିକ ସମ୍ମାନର ଏହା ଏକ ଚମତ୍କାର ଉଦାହରଣ। ଧନ୍ୟବାଦ ମାରିଆ!

## ଗୌରୀ ଲଙ୍କେଶ ହତ୍ୟାକାଣ୍ଡ : ମୁଖ୍ୟ ଅଭିଯୁକ୍ତ ନିର୍ବାଚିତ

**ମୁମ୍ବାଇ:** ମହାରାଷ୍ଟ୍ର ପୌର ପରିଷଦ ନିର୍ବାଚନରେ ଘଟିଥିବା ଘଟଣା ପୂରା ଦେଶର ଦୃଷ୍ଟି ଆକର୍ଷଣ କରିଛି। ୨୦୧୭ ମସିହା ସାମ୍ବାଦିକ ଗୌରୀ ଲଙ୍କେଶ ହତ୍ୟାକାଣ୍ଡର ଅଭିଯୁକ୍ତ ଶ୍ରୀକାନ୍ତ ପାଙ୍ଗରକର ଜିତିଛନ୍ତି ନିର୍ବାଚନ। ସେ ଜଲନା ପୌର ପରିଷଦ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ମୁକୁଟ ପିନ୍ଧିଛନ୍ତି। ରେଜଲ୍ଟ ଘୋଷଣା ହେବା ମାତ୍ରେ ସେ ନିଜର ସମର୍ଥକଙ୍କ ସହ ଜୋରଦାର ସେଲିବ୍ରେସନ ବି କରିଛନ୍ତି। ଶ୍ରୀକାନ୍ତ ୱାର୍ଡ ନମ୍ବର ୧୩ରୁ ପ୍ରାର୍ଥୀ ହୋଇଥିଲେ। ଏଠାରେ ସେ ବିଜେପି ଓ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ୨୬୨୧ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ଦିନେ ହତ୍ୟା ଅଭିଯୁକ୍ତର ଅପଯଶ ମୁଣ୍ଡାଇଥିବା ଶ୍ରୀକାନ୍ତ ଏବେ ବନି ଯାଇଛନ୍ତି କର୍ପୋରେଟର। ୧୩ ନମ୍ବର ୱାର୍ଡରେ ଏକନାଥ ସିନ୍ଦେଙ୍କ ଶିବସେନା କୌଣସି ପ୍ରାର୍ଥୀ ଦେଇ ନଥିଲା। ଫଳରେ ବିଭିନ୍ନ ସ୍ୱାଧୀନ ପ୍ରାର୍ଥୀ ଓ କିଛି ପ୍ରତିଷ୍ଠିତ ରାଜନୀତିକ ଦଳ ମଧ୍ୟରେ ହୋଇଥିଲା କଡ଼ା ଟକ୍କର। ସମସ୍ତଙ୍କୁ ପଛରେ ପକାଇ ଶ୍ରୀକାନ୍ତ ବାଜି ମାରିଛନ୍ତି। ଶ୍ରୀକାନ୍ତ ହେଉଛନ୍ତି ଗୌରୀ ଲଙ୍କେଶ ହତ୍ୟାକାଣ୍ଡର ଅଭିଯୁକ୍ତ। ତାଙ୍କ ବିରୋଧରେ ଅପରାଧିକ ମାମଲାର ବିଚାର ଚାଲିଛି। ତଥାପି ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ୱାର୍ଡ ନମ୍ବର ୧୩ରୁ ଜିତିଛନ୍ତି। ବିଜୟ ପରେ ଶ୍ରୀକାନ୍ତ କହିଛନ୍ତି ଯେ ସେ ଏଯାଏ କୌଣସି ଅପରାଧରେ ଦଣ୍ଡିତ ହୋଇନାହାନ୍ତି। ଆଇନଗତ ପ୍ରକ୍ରିୟା ଏବେ ବି ଜାରି ରହିଛି। ଜଣେ ସାମ୍ବାଦିକ ଓ ସ୍ୱେଚ୍ଛାସେବୀ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ ଗୌରୀ ଲଙ୍କେଶ। ତାଙ୍କୁ ୨୦୧୭ ମସିହା ସେପ୍ଟେମ୍ବର ୫ ତାରିଖରେ ବେଙ୍ଗାଲୁରୁ ସ୍ଥିତ ଘର ସାମ୍ନାରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ପୂରା ଦେଶରେ ଆଲୋଡ଼ନ ସୃଷ୍ଟି କରିବା ସହ ବାକ ସ୍ୱାଧୀନତାର ବିତର୍କକୁ ଜନ୍ମ ଦେଇଥିଲା। ରାଜନୀତିକ ଅସହିଷ୍ଣୁତାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଥିଲା। ପରବର୍ତ୍ତୀ ଅବସ୍ଥାରେ ଶ୍ରୀକାନ୍ତ ପାଙ୍ଗରକରଙ୍କୁ ଏହି ହତ୍ୟାକାଣ୍ଡର ଜଣେ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲେ। ତେବେ ୨୦୨୪ ସେପ୍ଟେମ୍ବର ୪ରେ ତାଙ୍କୁ କର୍ଣ୍ଣାଟକା ହାଇକୋର୍ଟ ଜାମିନ ଦେଇଥିଲେ। ଏହାପରେ ସେ ଜେଲରୁ ବାହାରି ନିର୍ବାଚନ ଲଢ଼ିବାକୁ ସଜବାଜ ହୋଇଥିଲେ। ଏବେ ସେ ଜଣେ ସ୍ୱାଧୀନ କର୍ପୋରେଟର ହୋଇଯାଇଛନ୍ତି।

## ଆମେ ଲଢ଼େଇ ପାଇଁ ପ୍ରସ୍ତୁତ: ଅମିତ



କଳିଙ୍ଗ ଷ୍ଟାଡିୟମରେ ଖେଳିବାର ଅନୁଭୂତି ପୁରୁଣା। ବହୁବାର କଳିଙ୍ଗ ଲାନସର୍ସ ପାଇଁ କଳିଙ୍ଗରେ ମୁଁ ହକି ଇଣ୍ଡିଆ ଲିଗ୍ ଖେଳିଛି । କିନ୍ତୁ ଏଥର ଚିତ୍ର ଟିକେ ଭିନ୍ନ। ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ଏଚଆଇଏଲ ଖେଳୁଛି। କେବଳ ଜଣେ ଖେଳାଳି ଭାବେ ନୁହେଁ ମୋ ଉପରେ ଗୁରୁଦାୟିତ୍ୱ ରହିଛି । ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଦାୟିତ୍ୱ ମିଳିଛି । ଏପର୍ଯ୍ୟନ୍ତ ମୁଁ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିଛି । ଅବଶିଷ୍ଟ ଦୁଇଟି ମ୍ୟାଚରେ ଭଲ ପ୍ରଦର୍ଶନ ଦେଖାଇ ତାମିଲନାଡୁ ଡ୍ରାଗନ୍ସକୁ ଉପରକୁ ନେବା ପାଇଁ ଚେଷ୍ଟା କରିବି । ଯେଉଁ ଦଳ ପାଇଁ ଖେଳିଥିଲି ଆଜି ସେହି ଦଳ ବିପକ୍ଷରେ ଲଢ଼ିବାକୁ ଯାଉଛି। ଚଳିତ ସଂସ୍କରଣରେ କଳିଙ୍ଗ ଲାନସର୍ସ ଶକ୍ତିଶାଳୀ ରହିଛି । କିନ୍ତୁ ଲାନସର୍ସକୁ କଡ଼ା ଟକ୍କର ଦେବାର ସାମର୍ଥ୍ୟ ଆମ ପାଖରେ ରହିଛି । ରଣାଙ୍ଗନକୁ ଓହ୍ଲାଇଲା ପରେ ହିଁ ସବୁ କିଛି ସ୍ପଷ୍ଟ ହେବ ବୋଲି ଅମିତ ରୋହିଦାସ କହିଛନ୍ତି ।

# କଳିଙ୍ଗରେ ହକି ଇଣ୍ଡିଆ ଲିଗ୍

## ଶନିବାର ବେଙ୍ଗଲ ଟାଇଗର୍ସ-ହାଇଦ୍ରାବାଦ, କଳିଙ୍ଗ ଲାନସର୍ସ-ଏସଜି ପାଇପର୍ସ ଲଢ଼େଇ

ଭୁବନେଶ୍ୱର,୧୬ା୧(ସବ୍ୟୁ): କଳିଙ୍ଗ ଷ୍ଟାଡିୟମକୁ ଫେରିଛି ହକି ଇଣ୍ଡିଆ ଲିଗ୍। ଶନିବାରଠୁ କଳିଙ୍ଗରେ ହକି ଇଣ୍ଡିଆ ଲିଗର ଶେଷ ପର୍ଯ୍ୟାୟ ଆରମ୍ଭ ହୋଇଯିବ। ୨୬ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ୧୭ରୁ ୨୬ ତାରିଖ ମଧ୍ୟରେ ମୋଟ୍ ୧୪ଟି ମ୍ୟାଚ ଖେଳାଯିବ କଳିଙ୍ଗରେ। ଘରୋଇ ବେଦାନ୍ତ କଳିଙ୍ଗ ଲାନସର୍ସ ଏଥର ହକି ଇଣ୍ଡିଆ ଲିଗର ପ୍ରବଳ ଟାଇଟଲ ଦାବିଦାର ରହିଛି । ଥରେ ଚାମ୍ପିଅନ ହୋଇଥିବା କଳିଙ୍ଗ ଲାନସର୍ସ ଏଥର ଖେଳିଥିବା ୪ଟି ମ୍ୟାଚରୁ ସବୁ ଯାକ ବିଜୟ ସହ ୧୧ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ତେଣୁ ଦଳ ପାଇଁ ପୁଣିଥରେ ହକି ଇଣ୍ଡିଆ ଲିଗ ଟ୍ରଫି ଧରିବାର ସୁବର୍ଣ୍ଣ ସୁଯୋଗ କଳିଙ୍ଗ ଉପନୀତ ହୋଇଛି । କଳିଙ୍ଗ ଲାନସର୍ସ ଶନିବାର ଏସଜି ପାଇପର୍ସ ବିପକ୍ଷ ମ୍ୟାଚ ଖେଳି ରଣାଙ୍ଗନକୁ ଓହ୍ଲାଇବ। ଦଳର ଏହା ପଞ୍ଚମ ମ୍ୟାଚ ହୋଇଥିବା ବେଳେ କଳିଙ୍ଗରେ ପ୍ରଥମ। ଏହି ମ୍ୟାଚ ଶନିବାର ସନ୍ଧ୍ୟା ୭.୩୦ରେ ଆରମ୍ଭ ହେବ । ଏହା ପୂର୍ବରୁ ସନ୍ଧ୍ୟା ୫ଟାରେ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୁଫାନସ ପରସ୍ପରକୁ ଭେଟିବେ ।

୧୮ ତାରିଖ ରବିବାର ଏସଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ସନ୍ଧ୍ୟା ୫ଟା ଏବଂ କଳିଙ୍ଗ ଲାନସର୍ସ-ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ସନ୍ଧ୍ୟା ୭.୩୦ରେ ମ୍ୟାଚ ହେବ। ସୋମବାର ଗୋଟିଏ ମ୍ୟାଚ ରାଞ୍ଚି ରୟାଲ୍ସ-ଏଚଆଇଏଲଜିସି, ୨୦ ତାରିଖ ଦୁଇଟି ମ୍ୟାଚ ହାଇଦ୍ରାବାଦ-ଏଚଆଇଏଲ ଓ କଳିଙ୍ଗ ଲାନସର୍ସ-ସୁରମା ହକି କ୍ଲବ୍, ୨୧ ତାରିଖ ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ, ୨୨ ତାରିଖ ସୁରକ୍ଷା ହକି କ୍ଲବ୍-ଏସଜି ପାଇପର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ୨୬ ତାରିଖ ଟାଇଟଲ ଲଢ଼େଇ ତଥା ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ ।





## ରାଜକନିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ସେମିଫାଇନାଲରେ ପଦନପୁର

ରାଜକନିକା,୧୬ା୧(ସବ୍ୟୁ): ରାଜକନିକା ବ୍ଲକ ତରାସ ସ୍ଥିତ ନେତାଜୀ ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍ ଦ୍ୱାରା ଆୟୋଜିତ ନେତାଜୀ ଗ୍ରାମ୍ୟାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ସମାପ୍ତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ତାରାସ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବାସୁଦେବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀଚରଣ ନାୟକ, ସାମ୍ବାଦିକ ଅଜୟ କୁମାର ରାଉତ, ଉପସ୍ଥିତି ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ପଦନପୁର ଆଳି ରନେଶ୍ୱର କ୍ଲବ ମତୋ କୁ ୪- ୦ ଗୋଲରେ ପରାଜିତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଜେତା ଦଳର ଖେଳାଳି ସାଜିଦ ଖାଁକୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଖେଳ ପରିଚାଳନା ଶରତ କୁମାର ଜେନା, ଶୁଭ୍ରଜିତ ବିଶ୍ୱାଳ ଓ ସେକ ସାଇବୁଲ କରିଥିଲେ । ମ୍ୟାଚକୁ ସଫଳ କରିବାରେ କ୍ଲବ୍ର କ୍ରୀଡା ସମ୍ପାଦକ ପ୍ରିତମ ସାହୁ,ଶିବ ପ୍ରସାଦ ମଲ୍ଲିକ ମୁକ୍ତିକାନ୍ତ ଦଳାଇ, ସୁଜିତ ଜେନା, ଦିବ୍ୟ ପ୍ରକାଶ ନାୟକ, ଶେଖର ନାୟକ, ଲଗ୍ନଜିତ ବାରିକ, ରାହୁଲ ନାୟକ, ସୁମନ୍ତ ନାୟକ, ସୁଶାନ୍ତ ବାରିକ, ବିରାଟ ନାୟକ, ବିଶ୍ୱ ରଞ୍ଜନ ଦଳାଇ, ବିଶ୍ୱଜି ନାୟକ, ସଞ୍ଜୀବ କୁମାର ନାୟକ, ରାଜଶେଖର ଦଳାଇ, ରାହୁଲ ବିଶ୍ୱାଳ, ରଜତ କୁମାର ନାୟକ, ଲକ୍ଷ୍ମୀ ପ୍ରିୟା ବଳ, ସୁଭଲକ୍ଷ୍ମି ଖଟୁଆ, ବିଶ୍ୱ ପ୍ରକାଶ ନାୟକ ଓ ସାର୍ଥକ ନାୟକ ଆଦିଙ୍କ ସକ୍ରିୟ ସହଯୋଗ ରହିଥିଲା ।

### ▸▸ ଦଶପଲ୍ଲା କପ ଫୁଟବଲ

## କେରଳ- ଜାମ୍ମୁ କାଶ୍ମୀର ଦ୍ୱିତୀୟ ସେମିଫାଇନାଲ

ଦଶପଲ୍ଲା,୧୬ା୧(ସବ୍ୟୁ): ସ୍ୱୋଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ଚାଲିଥିବା ୨୬ ତମ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତା ର 'ବି' ଗ୍ରୁପ ର ପଞ୍ଚମ ଦିବସ ରେ କେରଳ ଫୁଟବଲ ଏକାଡେମୀ,କେରଳ ବନାମୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ କେରଳ ଫୁଟବଲ ଏକାଡେମୀ ଚିତାକର୍ଷକ ଖେଳ ପ୍ରଦର୍ଶନ କରି ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ବରଗଡ଼ କୁ ୨-୦ ଗୋଲ ରେ ପରାସ୍ତ କରି ଦ୍ୱିତୀୟ ସେମିଫାଇନାଲ କୁ ଉନ୍ନୀତ ହୋଇଛି । ଖେଳର ଷଷ୍ଠ ଦିବସ (ଆଜି) ରେ କେରଳ ଫୁଟବଲ ଏକାଡେମୀ ବନାମ ଏସ ଟି ଏଫ ସି ଜାମ୍ମୁ କାଶ୍ମୀର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ପୂର୍ବରୁ ଶାନ କ୍ଲବ ଭୁବନେଶ୍ୱର କୁ ପରାସ୍ତ କରି ଏସ ଟି ଏଫ ସି ଜାମୁ କାଶ୍ମୀର ଦ୍ୱିତୀୟ ସେମିଫାଇନାଲ କୁ ଉନ୍ନୀତ ହୋଇଥିଲା । ଏହି ପ୍ରତିଯୋଗିତା ର ପଞ୍ଚମ ଦିବସ ରେ ଅତିଥି ଭାବେ ବୃତଙ୍ଗ ଜଳ ସେଚନ ବିଭାଗ ଚିଫ କନଷ୍ଟ୍ରକସନ ଇଂଜିନିୟର ରମେଶ ବେହେରା ଏବଂ ଏକଜୁକେଟିଭି ଇଂଜିନିୟର ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଜାତୀୟ ସ୍କୋଏ ମାର୍ଶଲ ଆର୍ଟ: ଅନୁଗୋଳକୁ ୬ ପଦକ



ଅନୁଗୋଳ,୧୬ା୧(ସବ୍ୟୁ): ଚଳିତ ମାସ ୫ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ୨୬ ତମ୍ ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ହାଇଦ୍ରାବାଦ ତେଲେଙ୍ଗାନାର ଗୋଚ୍ଛି ଓଲି ଅନ୍ତର୍ଜାତୀୟ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଥିଲା । ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ବାଳକ ଓ ବାଳିକା ଉଭୟ ୯ ଜଣ ଖେଳାଳି ମନୋନୀତ ହୋଇ ଗୋଟିଏ ସ୍ୱର୍ଣ୍ଣ ପଦକ ସହିତ ୬ ଟି ପଦକ ହାସଲ କରି ଜିଲ୍ଲାର ଗୌରବ ଅର୍ଜନ କରିଛନ୍ତି। ପଦକ ହାସଲ କରିଥିବା ବାଳିକା ବିଭାଗର ଅଭିଳାଷା ସାମଲ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାବ୍ୟା ଦାସ, ଶ୍ରୀୟାଶ୍ରୀ ପ୍ରଧାନ , ତନିଷ୍କା ପ୍ରିୟଦର୍ଶିନୀ ପତି କାଂସ୍ୟ ପଦକ ହାସଲ କରିଛନ୍ତି, ସେହିପରି ବାଳକ ବିଭାଗରେ ଆଶୁତୋଷ ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାଇ ତ୍ରିପାଠୀ କାଂସ୍ୟ ପଦକ ହାସଲ କରିଛନ୍ତି, ଜିଲ୍ଲା ପାଇଁ ପଦକ ହାସଲ କରିଥିବାରୁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର,ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ମାୟାଧର ବେହେରା, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ, ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଉପସଭାପତି ପ୍ରଦୀପ କୁମାର ଦେବତା, ସଞ୍ଜୟ କୁମାର ମହାପାତ୍ର, ପର୍ଶୁରାମ ଦାଶ, ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ପ୍ରମୁଖ ପଦକ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# କଳିଙ୍ଗରେ ଜାତୀୟ ରଗବୀ ୭ ଚାମ୍ପିଅନସିପ: ଓଡ଼ିଶା ବାଳିକା ଦଳର ଦମଦାର ବିଜୟ

ଭୁବନେଶ୍ୱର,୧୬ା୧(ସବ୍ୟୁ):ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗବୀ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ୍ ରଗବୀ ଆସୋସିଏସନର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ 'ଦଶମ ସବ୍-ଜୁନିୟର ରଗବୀ ସେଭେନ୍ସ ଚାମ୍ପିଅନସିପ୍-୨୦୨୫' ଆରମ୍ଭ ହୋଇଛି । ଉଦଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟସ୍ତରୀୟ କ୍ରୀଡ଼ା ମହାକୁମ୍ଭର ଶୁଭାରମ୍ଭ କରିଛନ୍ତି ।



ଭାରତୀୟ ରଗବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍ ଟ୍ରଫିକୁ ପଡ଼ିଆକୁ ନେଇ ସ୍ଥାପନା କରିବା ପରେ ସମସ୍ତ ୨୪ଟି ପ୍ରତିଯୋଗୀ ଦଳର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କର ଏହି ପ୍ରବେଶ ଖେଳାଳିଙ୍କ ମଧ୍ୟରେ ଥିବା ଏକତା, ଶୃଙ୍ଖଳା ଓ ପ୍ରତିଯୋଗିତାମୂଳକ ମନୋଭାବକୁ ଦର୍ଶାଇଥିଲା। ନିୟମ ଅନୁଯାୟୀ, ଆୟୋଜକ ଦଳର ପ୍ରତିନିଧି ଭାବେ ଓଡ଼ିଶା ଦଳର ଅଧିନାୟିକା ସର୍ବଶେଷରେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ଅବସରରେ ଭାରତୀୟ ରଗ୍ବୀ ଫୁଟବଲ୍ ୟୁନିୟନ (ଆଇଆର୍ଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉଦଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦଭ, କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗବୀ ଫୁଟବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ଠାରୁ ୧୫ ବର୍ଷରୁ କମ୍ ବାଳିକା ବର୍ଗର ପ୍ରତିଯୋଗିତା ସହିତ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଉଦଘାଟନୀ ଦିବସରେ ୨୪ଟି ରାଜ୍ୟ ଦଳ ମଧ୍ୟରେ ଉଚ୍ଚକୋଟୀର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦେଖିବାକୁ ମିଳିଥିବା ବେଳେ ଓଡ଼ିଶା, ମହାରାଷ୍ଟ୍ର ଏବଂ ବିହାର ପରି ଶକ୍ତିଶାଳୀ ଦଳଗୁଡ଼ିକ ଚମତ୍କାର ପ୍ରଦର୍ଶନ କରି ପ୍ରତିଯୋଗିତାର ଆରମ୍ଭରୁ ନିଜର ଆଧିପତ୍ୟ ଜାହିର କରିଛନ୍ତି। ଖେଳାଳିମାନଙ୍କ କଠିନ ପରିଶ୍ରମକୁ ପ୍ରତିଫଳିତ କରୁଥିବା ବେଳେ ଷ୍ଟାଡିୟମରେ ଉପସ୍ଥିତ ୨,୦୦୦ରୁ ଅଧିକ ଦର୍ଶକଙ୍କ କରତାଳି ଓଡ଼ିଶାରେ ରଗ୍ବୀ ପ୍ରତି ବଢୁଥିବା ଆଗ୍ରହକୁ ପ୍ରମାଣିତ କରିଛି।

ଆୟୋଜକ ରାଜ୍ୟ ଓଡ଼ିଶା ନିଜ ମାଟିରେ ପ୍ରଭାବଶାଳୀ ପ୍ରଦର୍ଶନ କରି 'ପୁଲ୍-ଡି'ରେ ଉତ୍ତରପ୍ରଦେଶକୁ ୩୫-୦ ଏବଂ ରାଜସ୍ଥାନକୁ ୨୮-୦ ବ୍ୟବଧାନରେ ପରାସ୍ତ କରି ଅପରାଜେୟ ରହିଛି। ପ୍ରଥମ ଦିବସରେ ଓଡ଼ିଶା ବାଳିକା ରଗ୍ବୀ ଦଳ ଏହି ଦମ୍ଦାର ବିଜୟ ଯାତ୍ରା ଆରମ୍ଭ କରିଛି। ଦଳର ଶୃଙ୍ଖଳିତ ଆକ୍ରମଣ ଓ ଦୃଢ଼ ରକ୍ଷଣାଭାଗ ସହିତ ଖେଳାଳିମାନଙ୍କ କଠିନ ପରିଶ୍ରମ ଓ ଉତ୍ତମ ସମନ୍ୱୟ ଯୋଗୁଁ ଆଜି ଖେଳାଯାଇଥିବା ଉଭୟ ମ୍ୟାଚ୍ରେ ଓଡ଼ିଶା ଏହି ବୃହତ ବିଜୟ ହାସଲ କରିଛି। ଘରୋଇ ମାଟିରେ ଦଳର ଏଭଳି ଦବଦବା ଖେଳାଳିଙ୍କ ମନୋବଳକୁ ଦ୍ୱିଗୁଣିତ କରିଥିବା ବେଳେ ସେମାନେ ନିଜର ବିଜୟଧାରା ବଜାୟ ରଖି ଚାମ୍ପିଅନସିପ୍ ଲଢ଼େଇରେ ଶୀର୍ଷରେ ରହିବା ପାଇଁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ଅଛନ୍ତି।

ସେହିପରି ଗତବର୍ଷର ଚାମ୍ପିଅନ ମହାରାଷ୍ଟ୍ର 'ପୁଲ୍-ଏ'ରେ ଆସାମକୁ ୩୩-୦ ଏବଂ ଜମ୍ମୁ-କଶ୍ମୀରକୁ ୪୦-୦ରେ ହରାଇଥିବା ବେଳେ ଗତବର୍ଷର ରନର୍ସ-ଅପ୍ ବିହାର 'ପୁଲ୍-ବି'ରେ ଝାଡ଼ଖଣ୍ଡକୁ ୬୭-୦ ଏବଂ ମଣିପୁରକୁ ୬୪-୦ ଭଳି ବୃହତ ବ୍ୟବଧାନରେ ପରାସ୍ତ କରିଛି। ଦିଲ୍ଲୀ 'ପୁଲ୍-ସି'ରେ ଆନ୍ଧ୍ରପ୍ରଦେଶ ଓ ଉତ୍ତରାଖଣ୍ଡକୁ ହରାଇ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଏବଂ କେରଳ 'ପୁଲ୍-ଇ'ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ 'ପୁଲ୍-ଏଫ୍'ରେ ଗୁଜରାଟ ଓ ଚଣ୍ଡିଗଡ଼, 'ପୁଲ୍-ଜି'ରେ ଡି.ଏନ୍.ଏଚ୍.ଡି.ଡି ଏବଂ 'ପୁଲ୍-ଏଚ୍'ରେ କର୍ଣ୍ଣାଟକ ଓ ଛତିଶଗଡ଼ ବିଜୟ ହାସଲ କରିଛନ୍ତି।

ବାଳକ ଓ ବାଳିକା ଉଭୟ ବିଭାଗରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟର ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସର ରଗବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି। 'ବାଳିକା ସବ୍-ଜୁନିୟର ରଗ୍ବୀ ସେଭେନ୍ସ ଚାମ୍ପିୟନସିପ୍' ଆଜି ଆରମ୍ଭ ହୋଇ ଆସନ୍ତାକାଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ 'ବାଳକ ସବ୍-ଜୁନିୟର ରଗବୀ ସେଭେନ୍ସ ଚାମ୍ପିୟନସିପ୍' ଜାନୁଆରୀ ୨୦ ଓ ୨୧ ତାରିଖରେ ଆୟୋଜନ କରାଯିବ। ଖେଳାଳିମାନଙ୍କ ପାଇଁ ରହିବା ଠାରୁ ଆରମ୍ଭ କରି ଉଚ୍ଚକୋଟୀର ଆତିଥେୟତା ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଓଡ଼ିଶା ଆଜି ଭାରତର ରଗବୀ ଇକୋସିଷ୍ଟମକୁ ସମର୍ଥନ କରୁଥିବା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି, ଯାହା କେବଳ ତୃଣମୂଳ ସ୍ତରର ପ୍ରତିଭାଙ୍କୁ ବିକଶିତ କରୁନାହିଁ, ବରଂ ଜାତୀୟ ଦଳକୁ ଶ୍ରେଷ୍ଠ ଖେଳାଳି ପ୍ରଦାନ କରିଆସୁଛି। 'ରଗବୀ ଇଣ୍ଡିଆ' ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରି ଓଡ଼ିଶା ସରକାର ଅନେକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରି କ୍ରୀଡ଼ା କ୍ଷେତ୍ରରେ ଏକ ବିଶ୍ୱସନୀୟ ପରମ୍ପରା ସୃଷ୍ଟି କରିଛନ୍ତି।

## ଜାତୀୟ ପ୍ରତିଯୋଗିତାରେ ସସ୍ମିତାଙ୍କୁ ଡବଲ ପଦକ

ଭଣ୍ଡାରିପୋଖରୀ,୧୬ା୧(ସବ୍ୟୁ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ସସ୍ମିତା ପଣ୍ଡା ଜାତୀୟ ସାଇକେଲ ଚାଳନା ପ୍ରତିଯୋଗୀତାରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିଣି ରାଜ୍ୟ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସ୍କୁଲ ଗେମସ ଫେଡେରେସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଝାଡଖଣ୍ଡର ରାଞ୍ଚିଠାରେ ଗତ ୧୩ ତାରିଖରେ ଅନୁଷ୍ଠିତ ୬ କିଲୋମିଟର ସାଇକେଲ ଚାଳନା ବିଭାଗରେ ସସ୍ମିତା ରୌପ୍ୟ ପଦକ ହାସଲ କରିଥିଲେ । ପୁନଶ୍ଚ ୧୫ ତାରିଖରେ ଅନୁଷ୍ଠିତ ୫ଶହ ମିଟର ସାଇକେଲ ଚାଳନା ପ୍ରତିଯୋଗୀତାରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇଛନ୍ତି । ବାରିକପୁର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଜିତେନ୍ଦ୍ର ସାହୁ, କୋଚ ସୁବାସ ଗୋଚ୍ଛାୟତ, ଗୋପିନାଥ ପଣ୍ଡା, ପରିଚାଳକ ସନତଲକ୍ଷ୍ମୀ ନାୟକ ଓ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସସ୍ମିତା ଏହି ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକ ଓ ଶିକ୍ଷକଶିକ୍ଷୟତ୍ରୀ ସସ୍ମିତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦକୁ ବିଜ୍ଞାପନ ସହ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।

# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଉଦଘାଟିତ

ଭୁବନେଶ୍ୱର,୧୬ା୧(ସବ୍ୟୁ): ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୧୬ତମ ଓଡ଼ିଶା ଓପନ୍ ଆନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ୨୦୨୬ ଆରମ୍ଭ ହୋଇଛି । ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ୍ ର ତତ୍ତ୍ୱାବଧାନରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ଏବଂ ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏହି ଚେସ୍ ଫେଷ୍ଟିଭାଲ ଆସନ୍ତା ଜାନୁଆରୀ ୨୪, ୨୦୨୬ ପର୍ଯ୍ୟନ୍ତ ଚାଲିବ।

ଏହି ପ୍ରତିଯୋଗିତାରେ ୧୪ଟି ଦେଶର ମୋଟ ୧,୦୫୩ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି, ଯାହା ଓଡ଼ିଶାରେ ଆୟୋଜିତ ହୋଇଥିବା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଚେସ୍ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଖେଳାଳିମାନେ ଏ, ବି, ସି ଏବଂ ଡି ଭଳି ଚାରୋଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଐତିହାସିକ ଅଂଶଗ୍ରହଣ ରାଜ୍ୟରେ ଚେସ୍ର ବଢୁଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି।



ପାଞ୍ଚଥରର କମନୱେଲଥ ଚାମ୍ପିଅନ୍ ଗ୍ରାଣ୍ଡମାଷ୍ଟର୍ ଅଭିଜିତ୍ ଗୁପ୍ତା ଏହି ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତା ପ୍ରାପ୍ତ ଖେଳାଳି ଅଟନ୍ତି। ଏହି କାର୍ଯ୍ୟକ୍ରମରେ ୧୦ ଜଣ ଗ୍ରାଣ୍ଡମାଷ୍ଟର୍ ଏବଂ ୧୯ ଜଣ ଆନ୍ତର୍ଜାତୀୟ ମାଷ୍ଟର୍ ଯୋଗ ଦେଇଛନ୍ତି, ଯାହା ଯୁବ ଭାରତୀୟ ଖେଳାଳିମାନଙ୍କୁ ଆନ୍ତର୍ଜାତୀୟସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରୁଛି।

ଜାନୁଆରୀ ୧୬ ତାରିଖରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା, ସୋଆ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ଏବଂ ବରିଷ୍ଠ ଚେସ୍ ଖେଳାଳିଙ୍କ ଉପସ୍ଥିତିରେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରାଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସମସ୍ତ ମ୍ୟାଚ୍ ଏକ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ହଲରେ ଖେଳାଯାଉଥିବା ବେଳେ ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଇଁ ଶୀର୍ଷ ଖେଳଗୁଡ଼ିକର ସିଧାପ୍ରସାରଣ କରାଯାଉଛି। ନଅ ଦିନ ଧରି ଚାଲିବାକୁ ଥିବା ଏହି ଉଚ୍ଚସ୍ତରୀୟ ପ୍ରତିଯୋଗିତା ଓ ରଣନୈତିକ କୌଶଳର ପ୍ରଦର୍ଶନ ଚେସ୍ ପ୍ରେମୀ ଏବଂ ଉଦୀୟମାନ ପ୍ରତିଭାମାନଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିବ।

ଏହି କାର୍ଯ୍ୟକ୍ରମରେ ରାଜୀବ ଶେଖର ସାହୁ (ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ), ଦେବବ୍ରତ ଭଞ୍ଜ (ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସମ୍ପାଦକ ଏବଂ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ), ଅଭିଷେକ ମିତ୍ର (ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା, ସମ୍ପାଦକ ଏବଂ ଟୁର୍ଣ୍ଣାମେଣ୍ଟ କମିଟିର ସଦସ୍ୟ) ଙ୍କ ସହ ପ୍ରଣୟ ଜେଠୀ (ଟୁର୍ଣ୍ଣାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ) ଉପସ୍ଥିତ ଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି